

ଆଉ ୫ ବିମାନବନ୍ଦରରେ ଏଫ୍‌ଟିଆଇ ଉଦ୍‌ଘାଟିତ

ପୃଷ୍ଠା ୫


# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 172 | ଭାଗ ୩୩ | ସଂଖ୍ୟା ୧୭୨ | Friday 12 September 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୧୨ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ର ହେବ ମହାନଦୀ ତଟ

- ତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ
- ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି
- ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହେବ



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା। ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ଯୋଜନାକୁ ମଞ୍ଜୁରୀ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହାନଦୀ ହେଉଛି ଓଡିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳୀଗୁଡିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଗୁଡିକ ହେଉଛି, ନଦୀ କୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା।

ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମାଣ୍ଡାଲିଆରୁ ଚୌନପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲ୍‌ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତିକରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ। ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ୍‌ରୋଡ ସହିତ ଦୃଶ୍ୟ ପଏଣ୍ଟ ବିକାଶ, ଭାସ୍‌ମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

### ଓଡ଼ିଶା ସୀମାରେ ବଡ଼ ଏନ୍‌କାଉଣ୍ଟର

## ମାଓନେତା ମୋଡେମ୍ ବାଲକ୍ରିଷ୍ଣା ନିହତ



- ଟଳିଲେ ୧୦ ମାଓବାଦୀ
- ମୋଡେମ ନାମରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ଥିଲା
- ଜାରି ରହିଛି ସୁରକ୍ଷା କର୍ମୀଙ୍କ ମିଳିତ ସର୍ଚ୍ଚ ଅପରେସନ

**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ସୁରକ୍ଷା ବାହିନୀର ଯବାନମାନେ ଓଡ଼ିଶା-ଛତିଶଗଡ଼ ସୀମାରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର କରିଛନ୍ତି। ନୂଆପଡ଼ା ଜିଲ୍ଲା ସୀମାନ୍ତ ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ଗରିଆବନ୍ଧ ଜଙ୍ଗଲରେ ଯମାନମାନେ ମୋଡେମ୍ ବାଲକ୍ରିଷ୍ଣା ସମେତ ୧୦ ମାଓବାଦୀଙ୍କୁ ନିପାତ କରିଛନ୍ତି। ସୁରକ୍ଷା ବାହିନୀର ଏହି ଅପରସେନରେ ଏସ୍‌ଟିଏଫ୍ ଯବାନ ନିୟୋଜିତ ଅଛନ୍ତି। ରାଇପୁର ରେଞ୍ଜ ଆଇଜିପି ଅମରେଶ ମିଶ୍ର କହିଛନ୍ତି ଯେ, ମାଓ ବିରୋଧୀ ଅପରେଶନ ବେଳେ ମୈନପୁରର ଏକ ଜଙ୍ଗଲାଞ୍ଚଳରେ ଏଭଳି ଏନକାଉଣ୍ଟର କରାଯାଇଛି। ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ଦେଖି ଗୁଳିମାଡ଼ କରିବା ପରେ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଏବେ ବି ଅପରେଶନ ଜାରି ରହିଛି। ଅପରେଶନରେ କୋବ୍ରା ଓ ଏସ୍‌ଟିଏଫ୍‌କୁ ସାମିଲ କରାଯାଇଛି।

ମୋଡେମ ବାଲକ୍ରିଷ୍ଣା ଏକାଧିକ ନାମରେ ଜଣାଶୁଣା। ମନୋଜ, ଭାସ୍କର, ବାଲାନ୍ନା, ରାମଚନ୍ଦ୍ର ଆଦି ନାଁରେ ସେ ପରିଚିତ। ➩ପୃଷ୍ଠା-୬

## ଶ୍ରୀମନ୍ଦିର ପୁଲିସ କର୍ମଚାରୀଙ୍କ ଦେହରେ ଲାଗିବ କ୍ୟାମେରା



**ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ରଖିବ ନଜର**

**ପୁରୀ,୧୧।୯(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ମନ୍ଦିରର ଚାରି ଦ୍ୱାରରେ ନିୟୋଜିତ ପୋଲିସ କର୍ମଚାରୀମାନଙ୍କୁ ବଡି କ୍ୟାମେରା ସହିତ ସଜ୍ଜିତ କରାଯାଇଛି, ଯେଉଁଥିରେ ଅଡିଓ କ୍ଷମତା ଏବଂ ଯଥେଷ୍ଟ ସଂରକ୍ଷଣ କ୍ଷମତା ରହିଛି। ଏହି ପଦକ୍ଷେପ ମନ୍ଦିର ପରିସରରେ ପ୍ରବେଶ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ନଜର ରଖିବାରେ ଯଥେଷ୍ଟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହି କ୍ୟାମେରାଗୁଡ଼ିକ ମନ୍ଦିର ଭିତରକୁ ପ୍ରତିବନ୍ଧିତ ସାମଗ୍ରୀ ଆଣିବାକୁ ➩ପୃଷ୍ଠା-୬

## ଭିଜିଲାନ୍ସ ପୂର୍ବରୁ ବାବୁ ଧରନ୍ତୁ ଦୁର୍ନୀତି

**ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସଂପର୍କରେ ଦୃଢ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକୈନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନାହିଁ ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ➩ପୃଷ୍ଠା-୬

### ଦୁବାଇ ଯୁବରାଜଙ୍କ ଦ୍ୱାରା ଆଇଆଇଏମ୍, ଅହମ୍ମଦାବାଦ ଦୁବାଇ କ୍ୟାମ୍ପସ ଉଦ୍‌ଘାଟିତ

## ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଗୌରବମୟ ଅଧ୍ୟାୟ



- ଭାରତୀୟ ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏକ ବଡ଼ ପଦକ୍ଷେପ
- ୟୁଏଇର ଉଚ୍ଚଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣା ମନ୍ତ୍ରୀଙ୍କ ମଧ୍ୟରେ ବୈଠକ
- ଜ୍ଞାନ, ନବସୃଜନ ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରାଯିବ
- ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ଶୁଭାରମ୍ଭ
- ବିଶ୍ୱ ଶିକ୍ଷା ମାନଚିତ୍ରରେ 'ବ୍ରାଣ୍ଡ ଇଣ୍ଡିଆ'କୁ ସୁଦୃଢ଼ କରିବା ଲକ୍ଷ୍ୟ

**ଦୁବାଇ,୧୧।୯(ସଂଚାର ବ୍ୟୁରୋ):** ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ଉପସ୍ଥିତିରେ ଦୁବାଇର ଯୁବରାଜ ଶେଖ୍ ହମଦାନ୍ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ କରକମଳରେ ଆଇଆଇଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସ ଉଦଘାଟନ ହୋଇଯାଇଛି।

ଏହି ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏହା ଆଉ ଏକ ବଡ଼ ପଦକ୍ଷେପ। ଏହି ନୂଆ କ୍ୟାମ୍ପସ ବିଶ୍ୱକୁ ଭାରତର ନୂଆ ପରିଚୟ ପ୍ରଦାନ କରିବ। ଏହି ଅନ୍ତର୍ଜାତୀୟ କ୍ୟାମ୍ପସ୍ ଜାତୀୟ ଶିକ୍ଷା ନୀତିରେ କଳ୍ପନା କରାଯାଇଥିବା 'ଆତ୍ମାରେ ଭାରତୀୟ, ଆଉଟଲୁକରେ ବିଶ୍ୱ' ନୀତିକୁ ଏକ ସର୍ବୋତ୍ତମ ଲଞ୍ଚପ୍ୟାଡ୍ ପ୍ରଦାନ କରିଛି। ଏହି କ୍ୟାମ୍ପସ ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଏକ ଗୌରବମୟ ଅଧ୍ୟାୟ ଯୋଡିହୋଇଛି। ଏହି ଅବସରରେ କ୍ୟାମ୍ପସରେ ପ୍ରଥମ ଏମବିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଅବସରରେ ମଧ୍ୟ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଥିଲେ।

ଏହା ପୂର୍ବରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହିତ ଏକ ସାକ୍ଷାତ୍ ଆଲୋଚନା କରିଥିଲେ। ➩ପୃଷ୍ଠା-୬

## ବିଜେପି ସରକାରରେ ବିଜେଡି ପାହାଡ଼ ଲୁଟେରା ସୁରକ୍ଷିତ

**ସାର୍ଟିଫିକେଟ କେସ ସତ୍ତ୍ୱେ ୯୨ କୋଟି ରାଜସ୍ୱ ହରାଇବେ ସରକାର**




**ଯାଜପୁର, ୧୧।୯(ସଂଚାର ବ୍ୟୁରୋ):** ହାତୀର ଖାଇବା ଦାନ୍ତ ଗୋଟିଏ, ଦେଖିବା ଦାନ୍ତ ଆଉ ଗୋଟିଏ। ଏହି ନୀତିରେ ରାଜ୍ୟରେ ବିଜେପି ସରକାର ଆସିବା ପରେ ବି ବିଜେଡି ମାଫିଆମାନେ ନିଜର କଳାବେପାରକୁ ସୁରକ୍ଷିତ କରିବାରେ ସକ୍ଷମ ହୋଇଛନ୍ତି। ଏ କ୍ଷେତ୍ରରେ ଯାଜପୁର ଜିଲ୍ଲାର ଧର୍ମଶାଳା ଦୃଷ୍ଟାନ୍ତ ସାଜିଛି। ଏଠାରେ ଗୋଟିଏ ପଥର ଖାଦାନରେ ବେଆଇନ ଖନନ ପାଇଁ ୧୦୦ କୋଟି ଜରିମାନାକୁ ମାତ୍ର ୮ କୋଟି ଟଙ୍କାରେ ସୀମିତ ରଖାଯାଇଛି। ଜିଲ୍ଲାରେ ପ୍ରଥମ ଥର ଏହି ଜରିମାନା ଆଦାୟ ପାଇଁ ଓଡିଶା ପବ୍ଲିକ ଡିମାଣ୍ଡ ରିକଭରୀ ଆକ୍ଟରେ ସାର୍ଟିଫିକେଟ କେସ ରୁଜୁ କରାଯାଇଛି। ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ତରଫରୁ ଏନେଇ ଅସନ୍ତୋଷ ପ୍ରକାଶ କରାଯାଇ ପୁନଃ ଆକଳନ ସହ ସାର୍ଟିଫିକେଟ କେସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।

ଧର୍ମଶାଳା ତହସିଲର ଡଙ୍କାରୀ କଳାପଥର ଖାଦାନର ଲିଜଧାରୀ ତଥା ବିଜେଡି ନେତା ନୀରଞ୍ଜନ ରାଉତଙ୍କ ଭାଇ ନାରାୟଣ ରାଉତଙ୍କ ନାମରେ ୭ କୋଟି ୩୮ ଲକ୍ଷ ୪୨ ହଜାର ୮୧୮ ଟଙ୍କାର ଜରିମାନା ଆଦାୟ ପାଇଁ ଏହି ସାର୍ଟିଫିକେଟ କେସ କରାଯାଇଛି। ଏଥିନେଇ ଲିଜଧାରୀ ଜରିମାନା ପ୍ରଦାନ ନକଲେ ତାଙ୍କର ସମ୍ପତ୍ତି ଜବତ ହେବା ସହ ତାଙ୍କ ନାମରେ ଗିରଫ ୱାରେଣ୍ଟ ବାହାରିବାର ବ୍ୟବସ୍ଥା ରହିଛି। ହେଲେ ଠିକ ଭାବେ ଆକଳନ କରାଯାଇ ନଥିବାରୁ ସରକାର ଏ କ୍ଷେତ୍ରରେ ପ୍ରାୟ ୯୨ କୋଟି ଟଙ୍କାର ଜରିମାନା ହରାଉଛନ୍ତି ବୋଲି ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଅଭିଯୋଗ କରିଛନ୍ତି।

ଗତ ବର୍ଷ ମେ ୧୬ ତାରିଖରେ ଡଙ୍କାରୀ ପାହାଡ଼ର ଏହି ଖାଦାନରୁ ବେଆଇନ ଭାବେ କଳାପଥର ଚାଲାଣ ପାଇଁ ଅତ୍ୟନ୍ତ ଭୟଙ୍କର ପଥର ବ୍ଲାଷ୍ଟିଂରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହା ସେ ସମୟରେ ଜାତୀୟ ସ୍ତରର ପ୍ରସଙ୍ଗ ହୋଇଥିଲା। ଶ୍ରମିକ ମୃତ୍ୟୁ ପରେ ବେଆଇନ ଖନନ ନୁହେଁ ବରଂ ବିନା ଟ୍ରାଞ୍ଜିଟ ପାସରେ ସଂପୂର୍ଣ୍ଣ ପାହାଡ଼ ଲୁଟ ପ୍ରମାଣିତ ହୋଇଥିଲା। ଏହାଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିଲେ ବି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା।

ଏନେଇ ଗତ ୨୦୨୪ ଜୁନ ୬ ତାରିଖ ଏବଂ ଜୁଲାଇ ୨ ତାରିଖରେ ପାହାଡ ସୁରକ୍ଷା ମଞ୍ଚ ତରଫରୁ ସଭାପତିଙ୍କୁ ➩ପୃଷ୍ଠା-୬

## ଓଡ଼ିଆରେ ସୂଚନା ଦେବାକୁ ଟାଟା ପାୱାର ନାରାଜ




**ଭୁବନେଶ୍ୱର, ୧୧।୯(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷାରେ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ସୂଚନା ଦେବା ପାଇଁ ଟାଟା ପାୱାର ନାରାଜ। ବିଦ୍ୟୁତ୍ କାଟ୍ ର ସୂଚନା ହେଉ କିମ୍ବା ପ୍ରତିମାସରେ ଧରାଉଥିବା ବିଦ୍ୟୁତ୍ ବିଲ୍ ହେଉ ସବୁକିଛି ଇଂରାଜୀରେ ଚାଲିଛି।

ସରକାରଙ୍କ ଓଡ଼ିଆରେ କାମ ନିର୍ଦ୍ଦେଶନାମାକୁ ବି ଟାଟା ପାୱାର ମାନୁନାହିଁ। ବ୍ୟାଙ୍କର୍ସ କମିଟି ବୈଠକରେ ଉନ୍ନୟନ କମିଶନର ବ୍ୟାଙ୍କ୍‌ଗୁଡିକୁ ଓଡ଼ିଆ ଭାଷାରେ ସୂଚନା ପ୍ରଦାନ ପାଇଁ ତାଗିଦା କରିବା ପରେ ଏବେ ଟାଟା ପାୱାରର ଇଂରାଜୀ ପ୍ରୀତି ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଉପଭୋକ୍ତାଙ୍କୁ ଓଡ଼ିଆ ଭାଷାରେ ବିଦ୍ୟୁତ୍ ବିଲ୍ ପ୍ରଦାନ ପାଇଁ ଟାଟା ପାୱାରକୁ କୁହାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ହୋଇପାରୁ ନାହିଁ। ଇଂରାଜୀ ଭାଷାରେ ଧରାଇ ଦିଆଯାଉଥିବା ବିଲ୍‌କୁ ଅଧିକାଂଶ ଲୋକେ, ବିଶେଷକରି ଗାଁ ଗହଳର ଲୋକେ ବୁଝିପାରୁ ନାହାନ୍ତି। ସେହିଭଳି କେତେବେଳେ ବିଦ୍ୟୁତ୍ କାଟ୍ ହେବ ସେ ସଂକ୍ରାନ୍ତୀୟ ସୂଚନା ବି ଇଂରାଜୀରେ ପଠାଇ ଦେଉଛନ୍ତି।

- ଆଖିବୁଜି ଦେଇଛି ଶକ୍ତି ବିଭାଗ
- ବ୍ୟାଙ୍କ୍‌କୁ ତାଗିଦା ପରେ ଚର୍ଚ୍ଚା

ଏହାକୁ ବି ବହୁ ଲୋକେ ସହଜରେ ବୁଝିପାରୁ ନାହାନ୍ତି। ଟାଟା ପାୱାର କର୍ତ୍ତୃପକ୍ଷଙ୍କର ଏଭଳି ଓଡ଼ିଆ ଭାଷା ବିରୋଧୀ ମନୋଭାବକୁ ନାପସନ୍ଦ କରାଯାଉଛି। ଓଡିଶା ସରକାର ବର୍ଷା, ବାତ୍ୟା, ବଜ୍ରପାତ ସୂଚନା ସବୁ ଓଡିଆ ଭାଷା ପ୍ରଦାନ କରୁଥିବାବେଳେ ଟାଟା ପାୱାର ବିଦ୍ୟୁତ୍ କାଟ୍ ସଂକ୍ରାନ୍ତରେ ଓଡିଆ ଭାଷାରେ ପଠାଇବାରେ ଅସୁବିଧା କେଉଁଠି ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ସେହିଭଳି ବିଦ୍ୟୁତ୍ ବିଲ୍ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡିଆ ଭାଷାରେ ପ୍ରସ୍ତୁତ ହୋଇପାରୁ ନାହିଁ।

ହେଉଥିବା ଆଲୋଚନା ଅନୁଯାୟୀ ଟାଟା ପାୱାର କର୍ତ୍ତୃପକ୍ଷ ସର୍ବୋଚ୍ଚ ପଦ ପଦବୀରେ ସର୍ବାଧିକ ଅଣଓଡିଆମାନଙ୍କୁ ନିଯୁକ୍ତି ଦେଉଥିବାରୁ ସେମାନେ ଓଡିଆ ଭାଷା ପ୍ରତି ବିମୁଖତା ଦେଖାଉଛନ୍ତି। ଅନେକ ଓଡ଼ିଆ ଭାଷା ବୁଝି କିମ୍ବା କହିପାରୁ ନାହାନ୍ତି। ଲେଖା ତ ଦୂରରକଥା। ତେଣୁ ସେମାନେ ➩ପୃଷ୍ଠା-୬

### କାନ ଡେରିଆ



ମରିଗଲା ପରେ ଚାଉଳ
ଖାଆନ୍ତି
ଜିଅନ୍ତା ଭୁତ ମଣିଷ
ପାଞ୍ଚ ଲକ୍ଷ କାର୍ଡ ଜାଲିଆତିରେ
ଚାଲିଛି
ରାଜକୋଷ ହୁଏ ଶେଷ
ହେବେ ଏବେ ସର୍ବନାଶ...
ଦରମା ଅଣ୍ଟୁନି ଆହୁରି ଖାଇବେ
ତଥାପି ମେଣ୍ଟୁନି ଶୋଷ ।

■ ଦେବାଶିଷ

## ବିଜେଡି ନେତା ଏବେ ମେଣ୍ଢାଖିଆ ବ୍ରହ୍ମଚାରୀ

- ତାଲିକାରେ ପ୍ରଫୁଲ୍ଲ ଓ ହରିଶଙ୍କର
- ଓଜନିଆ ମନ୍ତ୍ରୀ ଥିଲେ ପ୍ରଫୁଲ୍ଲ
- ଜାଗା ମିଶନର ଉପଦେଷ୍ଟା ଥିଲେ ହରିଶଙ୍କର





**ଭୁବନେଶ୍ୱର, ୧୧।୯(ସଂଚାର ବ୍ୟୁରୋ):** ବିଜେଡିର କିଛି ନେତା ଏବେ ମେଣ୍ଢାଖିଆ ବ୍ରହ୍ମଚାରୀ ଅବତାରରେ। ଗୁହାଳଯାକର ମେଣ୍ଢାଙ୍କୁ ମାରି ଖାଇଥିବା ଲୋକଟି ଯେଭଳି ନିଜ ସୁବିଧା ପାଇଁ ବ୍ରହ୍ମଚାରୀର ଅଭିନୟ କରିଥିଲା, ଠିକ୍ ସେହିଭଳି ବିଜେଡି ସରକାରରେ ପୂର୍ତ୍ତ, ଇସ୍ପାତ ଓ ଖଣି ଭଳି ଓଜନିଆ ବିଭାଗର ମନ୍ତ୍ରୀ ଥିବା ପ୍ରଫୁଲ ମଲ୍ଲିକ ଓ ଜାଗା ମିଶନର ଉପଦେଷ୍ଟା ଥିବା ହରିଶଙ୍କର ରାଉତଙ୍କୁ ନିଜ ସୁବିଧା ପାଇଁ ବିଜେଡି ଏବେ ଗନ୍ଧାଉଛି। ଅସନ୍ତୁଷ୍ଟଙ୍କ ସ୍ୱରରେ ସ୍ୱର ମିଳାଇ ପ୍ରଫୁଲ ଦଳ ଛାଡିବା କଥା କହୁଥିବା ବେଳେ ହରିଶଙ୍କର ଦଳ ଛାଡି ପଳାଇଲେଣି।

ବିଜେଡିରେ ଏବେ ଏହି ଦୁଇ ନେତାଙ୍କୁ ନେଇ ଏଭଳି ରୋଚକ ଆଲୋଚନା ଚାଲିଛି। ବିଜେଡି ସରକାରରେ ପ୍ରଫୁଲ ଓଜନଦାର ମନ୍ତ୍ରୀ ଥିଲେ। ପୂର୍ତ୍ତ ସହିତ ଇସ୍ପାତ ଓ ଖଣି ବିଭାଗ ମିଳିଥିଲା। ଦଳରେ ଥିବା କାଟ୍‌ତି। ଓଜନିଆ ବିଭାଗ ଥିବାରୁ କ୍ଷମତା ବଳୟର ନିକଟରେ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ପାଇଁ ବିଧାନସଭାରେ ଉତ୍ତର ବି ରଖୁଥିଲେ। ଦଳ ତାଙ୍କ ଉପରେ ଭରସା କରି ବିଧାନସଭା ଟିକଟ ବି ଦେଇଥିଲା। ହେଲେ ନିଜର ଅପାରଗତାରୁ ହାରିବା ପରେ ବିଜେଡି ଏବେ ତାଙ୍କୁ ଗନ୍ଧାଉଛି। ମେଣ୍ଢାଖିଆ ବ୍ରହ୍ମଚାରୀ ଅବତାରରେ ଏବେ ବିଜେଡି କାର୍ଯ୍ୟରେ ଅସନ୍ତୋଷ ପ୍ରକଟ କରି ଦଳ ଛାଡିବାକୁ କହିଲେଣି।

କିଛି ଦଳୀୟ କର୍ମୀଙ୍କ କହିବା କଥା ଯେ, ମନ୍ତ୍ରୀ ପଦରେ ରହି କ୍ଷମତା ଉପଭୋଗ କଲାବେଳେ ବିଜେଡି ଓ ଏହାର ନେତାମାନେ ବାସୁଥିଲେ। ସେତେବେଳେ ଦଳର କାର୍ଯ୍ୟକଳାପ ନେଇ ପ୍ରଫୁଲ ପାଟି ଖୋଲୁନଥିଲେ। ହେଲେ ଏବେ ହାରିଯିବା ପରେ ବିଜେଡି ଗନ୍ଧାଉଛି। ଦଳୀୟ ନେତାଙ୍କ କାର୍ଯ୍ୟକଳାପ ବି ସେତେବେଳେ ଭଲ ଲାଗୁଥିଲା। ଏବେ କିଛି ଦଳଭଙ୍ଗାଙ୍କ ବୁଦ୍ଧିରେ ପଡ଼ି ପ୍ରଫୁଲ ବିଷ ଓଗାଳୁଛନ୍ତି। ବିଜେଡି ଛାଡିଲେ ତାଙ୍କ ପାଇଁ ଆଉ କେଉଁଠି ସ୍ଥାନ ଅଛି କି ବୋଲି ଦଳୀୟ କର୍ମୀମାନେ ପରସ୍ପରକୁ ପ୍ରଶ୍ନ କରୁଛନ୍ତି।

ସେହିଭଳି ଆଉଜଣେ ମେଣ୍ଢାଖିଆ ବ୍ରହ୍ମଚାରୀ ହେଲେ ହରିଶଙ୍କର ରାଉତ ବୋଲି ଆଲୋଚନା ଚାଲିଛି। ଏ ବାବୁ ଦଳରେ ଥିବାବେଳେ ଜାଗା ମିଶନର ଉପଦେଷ୍ଟା ସାଜିଥିଲେ। କ୍ଷମତା ବି ଉପଭୋଗ କରିଛନ୍ତି। କ୍ଷମତା ବଳୟ ନିକଟରେ ରହି ଫଟୋ ବି ଉଠାଉଥିଲେ। ଏବେ ପଦ ପଦବୀ ନମିଳିବାରୁ ଅପେକ୍ଷା ନକରି ଦଳ ଛାଡି ପଳାଇଲେ। କର୍ମୀଙ୍କ କହିବା କଥା ଏଭଳି ନେତା ହେଉଛନ୍ତି ଅତ୍ୟନ୍ତ ସୁବିଧାବାଦୀ। କ୍ଷମତା ଉପଭୋଗ ପାଇଁ ଏମାନେ ବ୍ୟଗ୍ର। ଯେଉଁଠି କ୍ଷମତା ଥିବ ସେଠାକୁ ପଳାଇବେ। ତେବେ ଏଭଳି ନେତାଙ୍କୁ କିଏ ନେଉଛି ତାହା ଦେଖିବାର କଥା ବୋଲି ଦଳୀୟ କାର୍ଯ୍ୟାଳୟରେ ଏବେ ଆଲୋଚନା ଜୋର ଧରିଛି।

## ପ୍ରଧାନମନ୍ତ୍ରୀ ରେସ୍‌ରେ ନେପାଳର 'ବିଜୁଳି ମ୍ୟାନ'

- ନେପାଳ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି
- ସୁଶୀଳା କାର୍କିଙ୍କ ପରେ ଏବେ କୁଲମାନ ଘିସିଂ



**କାଠମାଣ୍ଡୁ, ୧୧।୯:** ନେପାଳରେ ହିଂସା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଯଦିଓ ଏପର୍ଯ୍ୟନ୍ତ ଅନ୍ତରୀଣ ସରକାରରେ କିଏ ପ୍ରଧାନମନ୍ତ୍ରୀ ହେବେ ତାହା ସ୍ଥିର ହୋଇନାହିଁ, କିନ୍ତୁ ସମୟ ସହିତ ନୂଆ ନାମ ବିଷୟରେ କଳ୍ପନାଜଳ୍ପନା ବୃଦ୍ଧି ପାଉଛି। ଗୋଟିଏ ଦିନ ପୂର୍ବରୁ, ନେପାଳର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି ଏହି ଦୌଡ଼ରେ ସବୁଠାରୁ ଆଗରେ ଥିଲେ, କିନ୍ତୁ ବର୍ତ୍ତମାନ କୁଲମାନ ଘିସିଂ ଅନ୍ତରୀଣ ପ୍ରଧାନମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର ଧରିଛି। କୁଲମାନ ଘିସିଂ ନେପାଳ ଇଲେକ୍ଟ୍ରୋନିକ୍ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଭାବରେ ଦୁଇଟି କାର୍ଯ୍ୟକାଳ ପୂରଣ କରିଛନ୍ତି। ସେ ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୧୬-୨୦୨୦ ଏବଂ ➩ପୃଷ୍ଠା-୬

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

**ମହାକାଳପଡ଼ା,୧୧।୯(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ରାମନଗର ଅଞ୍ଚଳ ର ସୁନିଲ ଦେବନାଥ ଙ୍କ ପୁଅ ଅଭିଜିତ ଦେବନାଥ (୨୨ ବର୍ଷ) ନିଜ ଘରେ ବିଦ୍ୟୁତ ବୋର୍ଡ ସଜାଡୁ ଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଅଭିଜିତ ବମ୍ବେ ରେ ରହି ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରୁଥିଲେ। ଗତ ୨୭ ତାରିଖ ଗଣେଶ ପୂଜା ଦିନ ଘରେ ସେ ଘରକୁ ଆସିଥିଲେ। ଆଜି ଦିନ ୨ ଘଟିକା ସମୟରେ ଅଭିଜିତ ଘରର ବୋର୍ଡ ଖରାପ ହେବାରୁ ବିଦ୍ୟୁତ୍ ନକାଟି ବୋର୍ଡ ସଜାଡୁ ଥିବା ସମୟରେ ଅସାବଧାନତା ଯୋଗୁଁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ। ଘର ଲୋକେ ଦେବନାଥଙ୍କୁ ତୁରନ୍ତ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

## ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ଆନନ୍ଦିତା ପ୍ରଥମ



**କେନ୍ଦ୍ରାପଡ଼ା,୧୧।୯(ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶା ଲଳିତକଳା ଏକାଡେମୀ ଭୁବନେଶ୍ୱରଙ୍କ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା "ମୋ ସ୍ୱପ୍ନର ଓଡିଶା - ୨୦୩୭" ରେ କେନ୍ଦ୍ରାପଡାର ଝିଅ ଆନନ୍ଦିତା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ଉତ୍କଳ ରଙ୍ଗମଓଡିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ସେ ଯୋଶେଫ ସ୍କୁଲର ପ୍ରଥମ ଶ୍ରେଣୀର ଛାତ୍ରୀ ପୌରାଳ ଅନ୍ତର୍ଗତ ନସଡିପୁର ଗ୍ରାମର ଆନନ୍ଦିତା ତ୍ରିପାଠୀଙ୍କୁ ମୋମେଣ୍ଟୋ, ଉରୀୟ ଓ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ । ସୁଶ୍ରୀ ତ୍ରିପାଠୀ ହେଉଛନ୍ତି ଡା. ସ୍ୱର୍ଗତ ରାଜକିଶୋର ତ୍ରିପାଠୀ ଓ ଡା. ସ୍ୱର୍ଣ୍ଣପ୍ରଭା ରଥଙ୍କ ନାତୁଣୀ ଏବଂ ମହେଶ୍ୱର ତ୍ରିପାଠୀ ଓ ଡା. ଶୁଭସ୍ମିତା ରଥଙ୍କର ସୁକନ୍ୟା ଅଟନ୍ତି ।

## ବିଡିଓଙ୍କ ହସ୍ତକ୍ଷେପରେ ପିଡିଏସ ବଣ୍ଟନ ସମସ୍ୟାର ସମାଧାନ

### ବଣ୍ଟନ ସ୍ଥାନକୁ ନେଇ ସୃଷ୍ଟି ହୋଇଥିଲା ଗୋଷ୍ଠୀ କନ୍ଦଳ

**ମହାକାଳପଡ଼ା,୧୧।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡ଼ା ପଞ୍ଚାୟତର ଜହଁରା ଗ୍ରାମରେ ପିଡିଏସ୍ ଚାଉଳ ବଣ୍ଟନକୁ ନେଇ ଯେଉଁ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଥିଲା ତାହାର ଆଜି ସମାଧାନ ହୋଇଛି।



ସୁଚନା ଅନୁସାରେ ଜହଁରା ଗ୍ରାମରେ ପୂର୍ବରୁ ପିଡିଏସ ସାମଗ୍ରୀ ବଣ୍ଟନ କରୁଥିବା ଡିଲର ବଦଳ ପରେ ଆଉ ଜଣଙ୍କୁ ଦାୟିତ୍ୱ ମିଳିଛି। ହେଲେ ବ୍ୟକ୍ତିଗତ ସ୍ଥାନରେ ଚାଉଳ ଦିଆଯିବାକୁ କେନ୍ଦ୍ର କରି କିଛି ହିତାଧିକାରୀ ମହାକାଳପଡ଼ା ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷଙ୍କ ସହିତ ଆଲୋଚନା ଜରିଆରେ ସମାଧାନ କରିବା ପରେ ପିଡିଏସ ସାମଗ୍ରୀ ବଣ୍ଟନ କରିବାକୁ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ହିତାଧିକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଡ଼ିଓଙ୍କ ନିର୍ଦ୍ଦେଶରେ ଆଜି ସାର୍ବଜନୀନ ସ୍ଥାନରେ ଡିଲର ହିତାଧିକାରୀ ମାନଙ୍କୁ ପିଡିଏସ ସାମଗ୍ରୀ ବଣ୍ଟନ କରାଯାଇଛି।

## ଶିଳ୍ପମନ୍ତ୍ରୀଙ୍କ ବିରୋଧରେ ଟ୍ରକ୍ ମାଲିକ ସଂଘର ଅଭିଯୋଗ

**ପାରାଦୀପ,୧୧।୯(ସଂଚାର ବ୍ୟୁରୋ):** ସରକାରୀ କଳକୁ ଅପବ୍ୟବହାର କରି ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ବିଭ୍ରାଟ ସୃଷ୍ଟି କରୁଛନ୍ତି ଶିଳ୍ପ ମନ୍ତ୍ରୀ। ଆଜି ଏଭଳି ସଂଗୀନ ଅଭିଯୋଗ ଆଣି ସଂଘର ଆର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏଭଳି ଅଭିଯୋଗ କରିଛନ୍ତି ସଂଘର ସଭାପତି ସନ୍ତୋଷ କୁମାର ପଟନାୟକ ଓ ଅନ୍ୟ କର୍ମକର୍ତ୍ତା। ତାଙ୍କ ଅଭିଯୋଗ ଅନୁସାରେ ସଂଘର ସିଲେକସନ ମାଧ୍ୟମରେ ଗତ ୨୪.୧୧.୨୦୨୪ ରେ କର୍ମକର୍ତ୍ତା ମନୋନୀତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତୁମ ସଂଘର ରେଜିଷ୍ଟ୍ରେସନ ଭାଲିଡିଟି ନାହିଁ ବୋଲି ଏକ ପତ୍ର ଲେଖିଥିଲେ। ସଂଘ ଏହି ପତ୍ରକୁ ବିରୋଧ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହେବାପରେ ପୁଣି ଅତିରିକ୍ତ ଜିଲ୍ଲାପାଳ ସଂଘକୁ ପଞ୍ଜିକରଣ ବୈଧତା ଅଛି ବୋଲି ଜଣାଇଥିଲେ। କିନ୍ତୁ ଗତ ୦୮.୦୯.୨୦୨୫ ତାରିଖ ଦିନ ସନ୍ଧ୍ୟାରେ ସଂଘର ସମସ୍ତ ଅରିଜିନାଲ କାଗଜପତ୍ର ଧରି ଆସିବାକୁ ଅତିରିକ୍ତ ଜିଲ୍ଲାପାଳ କହିବାରୁ ଗତ ୦୯.୦୯.୨୦୨୫ ତାରିଖ ଦିନ ଆମେ ଯାଇ ତାଙ୍କ କାର୍ଯ୍ୟାଳୟରେ ପହଂଚି ଦେଖିବା ବେଳକୁ ସେ ତାଙ୍କ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଓ ତାଙ୍କ ଅଧସ୍ତନ କର୍ମଚାରୀ ତୁମକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି ବୋଲି କହିବାରୁ ଆମେ ଫେରି ଆସିଥିଲୁ। କିନ୍ତୁ ଆମେ ଏବେ ଏକ ବିଶେଷ ସୂତ୍ରରୁ ଖବର ପାଉଛୁ କି ଆମ ସଂଘର କୌଣସି କାଗଜପତ୍ର ନାହିଁ ବୋଲି ଅତିରିକ୍ତ ଜିଲ୍ଲାପାଳ ବିଭିନ୍ନ ଦପ୍ତରକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଗତ କିଛିଦିନ ତଳେ ଆମେ ସଂଘ କାର୍ଯ୍ୟାଳୟରେ ବୈଠକ ଓ ଖାଇବା ରାନ୍ଧୁଥିବା ବେଳେ ସ୍ଥାନୀୟ ପୋଲିସ ଆସି ଆମକୁ ଏଥିରୁ ନିବୃତ କରିଥିଲା। ଏସବୁ କାର୍ଯ୍ୟ ଶିଳ୍ପ ମନ୍ତ୍ରୀ ପୋଲିସ ଓ ପ୍ରଶାସନିକ କଳକୁ ବ୍ୟବହାର କରି କିଛି ହାତଗଣତି ଟ୍ରକ ମାଲିକଙ୍କୁ ଧରି ସଂଘରେ ବିଭ୍ରାଟ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଥିବା ବେଳେ ଏଥିରୁ ନିବୃତ ରହିବାକୁ ମନ୍ତ୍ରୀଙ୍କୁ ସଂଘ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆଜି ଅନୁରୋଧ କରିଛି।

### ପଟ୍ଟାମୁଣ୍ଡାଇରେ ୪ର୍ଥ ବନ୍ୟା

# ମାସ ମାସ ଧରି ଲୋକେ ପାଣି ଘେରରେ

### ବନ୍ୟାଞ୍ଚଳ ଘୋଷଣାର ନାଁ ଗନ୍ଧ ନାହିଁ, ବିପନ୍ନଙ୍କ ଅସନ୍ତୋଷ

### ରିଲିଫ ସମେତ ସରକାରୀ ସହାୟତା ଦାବି



**ପଟ୍ଟାମୁଣ୍ଡାଇ,୧୧।୯ (ସଂଚାର ବ୍ୟୁରୋ):** ଓଡିଶାର ପ୍ରମୁଖ ବାଣିଜ୍ୟ ପେଣ୍ଠ, କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ ସହର ଅଘୋଷିତ ସବ ଡିଭିଜନ ସର୍ବୋପରି ରାଜନଗର ଓ କେନ୍ଦ୍ରାପଡ଼ା ବିଧାନସଭା ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟା ସହାୟତା କ୍ଷେତ୍ରରେ ଚରମ ଅବହେଳାର ଶିକାର ହୋଇଛି ।

ବ୍ରାହ୍ମଣୀ ଓ କାଣୀ ନଦୀରେ ୪ଥର ବନ୍ୟା ଆସି ମାସ ମାସ ଧରି ପଟ୍ଟାମୁଣ୍ଡାଇ ବ୍ଲକ ଓ ମୁନିସିପାଲିଟିର ବହୁ ଅଂଚଳ ଓ ଚାଷଜମି ପାଣି ଘେରରେ ରହିବା ଫଳରେ ବହୁ ଘରଦ୍ୱାର, ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହିତ ହଜାର ହଜାର ଏକର ଜମିର ଧାନ ମୁଗ ବିରି ଓ ପନିପରିବା ଫସଲ ସମୂଳେ ନଷ୍ଟ ହୋଇଛି । ବନ୍ୟା ବିପନ୍ନ ଲୋକମାନେ ମାସ ମାସ ଧରି ପାଣି ଘେରରେ ରହି ନର୍କ ଯନ୍ତ୍ରଣା ଭୋଗ କରିଛନ୍ତି । ଏପରିକି ବନ୍ୟା ପାଣିରେ ବୁଡି ଯାଇ ୨ଜଣଙ୍କ ପ୍ରାଣହାନୀ ଘଟିଛି । ବନ୍ୟାଞ୍ଚଳର ସର୍ବତ୍ର କୁମ୍ଭୀର ଭୟ ଯୋଗୁଁ ଲୋକମାନେ ଘରୁ ବାହାରକୁ ନବାହାରି ଭୟଭୀତ ଅବସ୍ଥାରେ ଦିନ କାଟିଛନ୍ତି । ଗରିବ ଖଟିଖିଆ ମାନେ କାମ ଧନ୍ଦା ନପାଇ ଭୋକ ଉପାସରେ ରହିଛନ୍ତି ।

ବନ୍ୟା ସମୟରେ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀ ଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ବ୍ଲକ ସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ ବନ୍ୟା ବିଭୀଷିକାର ଭୟାବହତା ଅନୁଭବ କରିଛନ୍ତି। ଏସବୁ ସତ୍ତ୍ୱେ ସରକାର କେବଳ ବନ୍ୟାଞ୍ଚଳ ଲୋକମାନଙ୍କ ପାଇଁ କିଛି ବୋଟ, ଡ଼ଙ୍ଗା ଓ ଗୋ ଖାଦ୍ୟ ଯୋଗାଇ ଦେଇଛନ୍ତି । ଚାଷୀ ମାନଙ୍କ ଫସଲ କ୍ଷୟକ୍ଷତି ମିଳିନାହିଁ । ମାତ୍ର ଦୁଃଖର ବିଷୟ ବନ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ପଟ୍ଟାମୁଣ୍ଡାଇ ବ୍ଲକ ଓ ମୁନିସିପାଲିଟିକୁ ବନ୍ୟାଞ୍ଚଳ ଘୋଷଣା କଲେ ନାହିଁ ତାହା ଏବେବି ଅସ୍ପଷ୍ଟ ରହିଛି । ଏଥି ନେଇ ବନ୍ୟା ବିପନ୍ନ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବାରମ୍ବାର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପଟ୍ଟାମୁଣ୍ଡାଇକୁ ବନ୍ୟାଞ୍ଚଳ ଭାବେ ଘୋଷଣା କରି ରିଲିଫ ସମେତ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ପ୍ରଧାନମନ୍ତ୍ରୀ ପ୍ରଗତି ଯୋଜନାର ବୃହତ ପ୍ରକଳ୍ପଗୁଡିକର ସମୀକ୍ଷା



**କେନ୍ଦ୍ରାପଡା,୧୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ପ୍ରଧାନମନ୍ତ୍ରୀ ପ୍ରଗତି ଯୋଜନା ଆଧାରରେ ଜିଲ୍ଲାରେ ଚାଲୁ ରହିଥିବା ବୃହତ ପ୍ରକଳ୍ପ ଗୁଡିକର ସମୀକ୍ଷା ବୈଠକ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗରର ଧ୍ରୁବ ଚରଣ ସାହୁଙ୍କ ସମେତ ଅନ୍ୟ ବିଧାୟକ ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା, ରବିନ୍ଦ୍ର କୁମାର ମଲିକ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ବିଭାଗର ବୃହତ ପ୍ରକଳ୍ପ ଗୁଡିକର କାର୍ଯ୍ୟକ୍ରମ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରା ଯାଇଥିଲା । ଜାତୀୟ ରାଜପଥ ରେ ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସରିବା, ପ୍ରକଳ୍ପ ଗୁଡିକ ଅଗ୍ରଗତି ରେ ବାଧା ସୃଷ୍ଟି କରୁଥିବା ଦିଗ ଗୁଡିକ ଉପରେ ଆଲୋଚନା କରାଯାଇ ଥିଲା । ଯଥା- ଜମି ଅଧିଗ୍ରହଣ, ଜବରଦଖଲ ଉଚ୍ଛେଦ, ପରିବେଶ ମଞ୍ଜୁରୀ ଗୁଡିକ ସଂପର୍କରେ ଉପସ୍ଥିତ ଅଧିକାରୀ ମାନେ ନିଜ ନିଜର ବକ୍ତବ୍ୟ ରକିଥିଲେ । ବୃହତ ପ୍ରକଳ୍ପ ଗୁଡିକ ସମୟସୀମା ଭିତରେ ସମାପ୍ତ ହେଲେ ଜନ ସାଧାରଣଙ୍କ ହିତରେ ଲାଗିବ ବୋଲି ବିଧାୟକ ଗଣେଶ୍ୱର ବେହେରା ନିଜର ମନ୍ତବ୍ୟ ଦେଇଥିଲେ ।

## କେନାଲରେ ଆସୁନି ପାଣି, ଅଭିଯୋଗ କଲେ ଚାଷୀ



**ଡେରାବିଶ,୧୧।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା କେନାଲ୍‌ର ୧୧ନଂ ଶାଖାନାଳରୁ ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅଧୀନ କାଜିପୁର ଶନିମନ୍ଦିର ନିକଟରୁ ବାହାରିଥିବା ୧୧(ଏ) ହାପ୍ ଶାଖା କେନାଲଟି ସଫେଇ ହୋଇ ନଥିବାରୁ ଏହା ଉପରେ ନିର୍ଭର କରୁଥିବା କାଜିପୁର, କନ୍ଦରପୁର ଓ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ଶତାଧିକ ଚାଷୀଙ୍କର ୫୦ ଏକରରୁ ଉର୍ଦ୍ଧ୍ୱ ଚାଷଜମିକୁ ସଠିକ୍ ଭାବରେ ଜଳସେଚିତ ହୋଇପାରୁନି। ଫଳରେ ଏହି ଚାଷଜମି କେନାଲ୍ ଜଳ ଅଭାବରୁ ଫସଲହାନୀ ହେବା ଆଶଙ୍କା ଦେଖା ଦେଇଛି। ଫଳରେ ଏବେ ହେଇଥିବା ଲଘୁଚାପ ଜନିତ ବର୍ଷାରେ ଚାଷଜମିରେ ପାଣି ଜମି ରହୁଥିବାରୁ ଫସଲ କ୍ଷତିଗ୍ରସ୍ତ ହେବ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। କେନାଲଟି ସଫେଇ ହେଇ ନଥିବା ବେଳେ ଏହାର ବନ୍ଧ ମଧ ବହୁ ସ୍ଥାନରେ ନଷ୍ଟ ହୋଇଯାଇଛି। ଫଳରେ ମୁଖ୍ୟ କେନାଲ୍‌ରୁ ଆସୁଥିବା ପାଣି ଚାଷ ଜମିକୁ ନଯାଇ ଏଣେତେଣେ ବାହାରକୁ ପଳାଇ ଯାଉଛି ଚାଷୀମାନେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ କନ୍ଦରପୁର ଗ୍ରାମର ଶତାଧିକ ଚାଷୀ ଚାନ୍ଦୋଳ ଜଳ ସେ ଚ ନ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି । ତୁରନ୍ତ ନାଳକୁ ସଫେଇ କରାଯାଇ ଚାଷଜମିକୁ ପାଣି ଯୋଗାଇଦେବାକୁ ଦାବି କରିଛନ୍ତି।

## ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା କଲେ ଜିଲ୍ଲାପାଳ

**କେନ୍ଦ୍ରାପଡା,୧୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନ, ଡ଼ଃ ପ୍ରମୋଦ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଡିଏସଡବ୍ଲୁଓ ସୁଷମା ମହାନ୍ତି, ମମତା ପିଏମ୍ଭିୱାଇ ମନୋରଞ୍ଜନ ଦାସ, ସମସ୍ତ ସିଡିପିଓ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ସୁଭଦ୍ରା ଯୋଜନାର ତଦନ୍ତର ଅଗ୍ରଗତି, ବ୍ୟାଙ୍କ ଏବଂ ଇ-କେୱାଇସି ର ସମସ୍ୟା ଗୁଡିକୁ ତ୍ୱରିତ ସମାଧାନ କରିବା, ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ସଫଳ ରୂପାୟନ, ମୋବାଇଲ ଆପ ମାଧ୍ୟମରେ ଗର୍ଭବତୀ ମହିଳା ମାନଙ୍କର ତ୍ୱରିତ ପଞ୍ଜିକରଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୋଷଣ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା । ଜିଲ୍ଲାରେ ଥିବା ଦୁର୍ବଳ ଶିଶୁଙ୍କୁ ସଠିକ ଭାବରେ ଚିହ୍ନଟ କରି ଚିକିତ୍ସା କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅନ୍ୟାନ୍ୟ ସମସ୍ୟା ସଂପର୍କରେ ଆଲୋଚନା କରା ଯାଇଥିଲା ।

## ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା,୧୧।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ସଫଳ ଆୟୋଜନ ନେଇ ଏକ ପ୍ରାକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ମୁନିସିପାଲିଟି ଟାଉନ ହଲ ଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ, ମୁନିସିପାଲିଟି ଚେୟାର ମ୍ୟାନ ସରିତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତା ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ,ବିଭିନ୍ନ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଚଳିତ ଗଜଲକ୍ଷ୍ମୀ ପୂଜା ଆସୁଥିବା ବେଳେ ବର୍ତ୍ତମାନ ପୁରା ସହର ରାସ୍ତା ଘାଟ ସମସ୍ୟା ଜଟିଳ କରିଦେଇଛି । ଏହା ସହ ବିଭିନ୍ନ ପ୍ରକଳ୍ପ ଅଧାରେ ଅଟକି ଥିବା ବେଳେ ତାକୁ କେବେ ପୂର୍ଣ୍ଣ କରାଯିବ ତାକୁ ନେଇ ସନ୍ଦେହ ଉପୁଜିଛି। ଅନ୍ୟ ପଟେ ସହରର ମୁଖ୍ୟ ସ୍ଥାନ ମାନଙ୍କରେ ପୂର୍ବରୁ ସହର ଆଲୋକିକରଣ ପାଇଁ ଲାଗିଥିବା ଲାଇଟ୍ ମଧ ଅଚଳ ହୋଇ ପଡ଼ିଛି ଯାହା ଫଳରେ ସହର ଅନ୍ଧାର ଭଳି ପରିସ୍ଥିତି ଉପୁଜିଛି। ଅନ୍ୟପଟେ ବିଦ୍ୟୁତ୍ ସମସ୍ୟା ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ହାତ ପହାନ୍ତରେ ଥିବା ଦେଖାଯିବା ଲୋ ଭୋଲ୍ଟେଜ ଭଳି ସମସ୍ୟାକୁ ଦୂରପାଇଁ ବୈଠକରେ ଦାବି ହୋଇଛି ।

ଏହା ସହ ପୂଜା ପୂର୍ବରୁ କିଭଳି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟ ସେବା, ପରିମଳ, ଆଲୋକ ଯୋଗାଣ, ଜଳ ଯୋଗାଣ, ଅଗ୍ନିନିରାପକ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବିଷୟ ବସ୍ତୁ ଉପରେ ଆଲୋକପାତ ହୋଇଥିଲା । ତାହା ସହ ଚଳିତ ପୂଜାରେ ଡ଼ିଜେ ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ପୂଜାକୁ ସଫଳତାର ସହ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ଚନ୍ଦନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ପାଇଁ ବାଟ ଫିଟିଲା

### ଖାଦ୍ୟ କମିଶନଙ୍କ ତରଫରୁ ସମୀକ୍ଷା

**ମହାକାଳପଡ଼ା,୧୧।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଅମିରାବାଦ (ବାଙ୍କିଛନ୍ଦା) ଗ୍ରାମର ୮୦ ପ୍ରତିଶତ ଭିନ୍ନକ୍ଷମ ଯୁବକ ଚନ୍ଦନ ପାଇଟାଳ ଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ ହେବାକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହାର ବାଟ ଫିଟିଛି। ବୁଧବାର ରାଜ୍ୟ ଖାଦ୍ୟ କମିଶନଙ୍କ ୨ ଜଣ ସଦସ୍ୟା ସଂଯୁକ୍ତା ମହାନ୍ତି ଓ ପ୍ରେମଶିଳା କେରକେଟ୍ଟା ଆଜି ମହାକାଳପଡ଼ା ବ୍ଲକ ଗସ୍ତରେ ଆସିଥିବା ବେଳେ ଚନ୍ଦନ ପାଇଟାଳଙ୍କ ଅଭିଯୋଗ ର ସମୀକ୍ଷା କରିଛନ୍ତି। ଚନ୍ଦନଙ୍କ ପରିବାର ୧୫ କିଲୋ ଚାଉଳ ରେ ଚଳିବା କଷ୍ଟକର ବୋଲି ଚନ୍ଦନ ସଦସ୍ୟାଙ୍କୁ ଜଣାଇଥିଲେ। ଏହାପରେ ସେ ଚନ୍ଦନଙ୍କ ପାଖରୁ ଦସ୍ତଖତ ଗ୍ରହଣ କରିବା ସହିତ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଚନ୍ଦନଙ୍କୁ ଅନ୍ତୋଦୟ ଯୋଜନା ରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପୂର୍ବରୁ ଚନ୍ଦନଙ୍କୁ ଅନ୍ତୋଦୟ ଯୋଜନା ରେ ସାମିଲ ନେଇ ଲଗାତାର ସଂଚାର ରେ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭାଗୀୟ କାର୍ଯ୍ୟାଳୟ କୁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ରାଜସ୍ୱ ବିଭାଗୀୟ କମିଶନର, କେନ୍ଦ୍ରୀୟ ବିଭାଗ,କଟକ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ୧୦ ଜୁଲାଇ ୨୦୨୫, ଚିଠି ନମ୍ବର ୭୭୩୮ ରେ ନିର୍ଦ୍ଦେଶ ଦେଇଥିଲେ। ଚନ୍ଦନଙ୍କୁ ଅନ୍ତୋଦୟ ଚାଉଳ ପ୍ରଦାନ ପାଇଁ ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା ତାହା ସଫଳ ହେବାକୁ ଯାଉଛି।



## 'ଏକ ପେଡ ମା କେ ନାମ ୨.୦' ପାଇଁ ପ୍ରସ୍ତୁତି



**କେନ୍ଦ୍ରାପଡ଼ା,୧୧।୯(ସଂଚାର ବ୍ୟୁରୋ):** ମା ଓ ଗଛ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱବହନ କରେ । ଏକ ପେଡ ମା କେ ନାମ ୨.୦ ଅଧୀନରେ ସାରା ରାଜ୍ୟ ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଡେରାବିଶ ବ୍ଲକ ବାରିମୂଳ ସ୍ଥିତ ଗାନ୍ଧୀ ମଇଦାନରେ ଏକ ପ୍ରସ୍ତୁତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଛି ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଡିଏଫଓ ରାଜନଗର, ବ୍ଲକ ଚେୟାରମ୍ୟାନ,ଭାଇସ ଚେୟାରମ୍ୟାନ,ସମିତି ସଭ୍ୟ, ବିଡିଓ ଡେରାବିଶ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଆସନ୍ତା ୧୭ ତାରିଖର ବିଶାଳ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ପ୍ରାକ ପ୍ରସ୍ତୁତି କରାଯାଇଥିଲା

## ଗାନ୍ଧି ମୂର୍ତ୍ତି ଭଙ୍ଗା ଘଟଣାର ପ୍ରତିବାଦ ସଭା




**କେନ୍ଦ୍ରାପଡା,୧୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ଠାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ତରଫରୁ ଗାନ୍ଧୀମୂର୍ତ୍ତି ଭଙ୍ଗା ଘଟଣାର ତୀବ୍ର ପ୍ରତିବାଦ କରାଯାଇ ଏକ ସଭାର ଆୟୋଜନ କରାଯାଇଛି । ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ବାରୁଦ ଗଦା ଉପରେ ଠିଆ ହୋଇଥିବା ସମଗ୍ର ବିଶ୍ୱ ଏବେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବିଚାରକୁ ଆଦର କରୁଥିବା ବେଳେ ଏବଂ ବିଶ୍ୱର ବିଭିନ୍ନ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେଉଥିବା ବେଳେ ଆମ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ବିଖଣ୍ଡିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଏପରି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବା ସହ କଠୋର ଦଣ୍ଡ ବିଧାନ କରିବା ନିମନ୍ତେ ଦାବି କରାଯାଇଛି। ଦେଶରେ ସର୍ବୋଦୟ ଆନ୍ଦୋଳନର ଉଦ୍ଗାତା ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନୀଳିକଣା ବିଦ୍ୟାଳୟ ପରିସରରେ ଅବସ୍ଥାପିତ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପ୍ରତିବାଦରେ କେନ୍ଦ୍ରାପଡ଼ା ପୁରୁଣା ବସ୍ ଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ମୂର୍ତ୍ତୀ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

**ରାଜନଗର, ୧୧।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାହାରଗଡ଼ସ୍ଥିତ ଠାକୁର ଶ୍ରୀ ନିଗମାନନ୍ଦ ଆଶ୍ରମ ପରିସରରେ ଦିବଙ୍ଗତ ପ୍ରଧାନ ଶିକ୍ଷକ ବୈଲୋଚନ ରାଉତଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଅନୀଲ କୁମାର ବଳଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ରାଉତଙ୍କ ଅମ୍ଳାନ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶିକ୍ଷାବିତ ନିରଂଜନ ଶତପଥୀ, ବିଜୟ କୁମାର ଜେନା, ଅଭିମନ୍ୟୁ ବରାଳ, ସୁକାନ୍ତ କୁମାର ମହାନ୍ତି, ନୃସିଂହ ଚରଣ ଜେନା, ନଳିନୀ ରାଉତ, ରଙ୍ଗାଧର ଜେନା, ବାସନ୍ତୀ ଜେନା, ନଳିନୀ ବିଶ୍ୱାଳ, ଗୋକୁଳ ଚନ୍ଦ୍ର ମାହନ୍ତ, ଗୌରୀ ପଣ୍ଡା, ବିଭୁତି ଭୂଷଣ ରାଉତ, ବିଶ୍ୱ ଭୂଷଣ ରାଉତ, ଲକ୍ଷ୍ମୀଧର ପଲାଇ, ତ୍ରିଲୋଚନ ସାହୁ, ବୈଦ୍ୟନାଥ ବରାଳ, ରମାକାନ୍ତ ଦାସ, ଚିତ୍ତ ରଂଜନ ପଢ଼ିହାରୀ, ବିଜ୍ଞାନ ରାଉତ, ବିଦ୍ୟୁ ଭୂଷଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଭିତରକନିକାରେ ବିଶ୍ୱ ବନ ସହିଦ ଦିବସ ପାଳିତ



**ରାଜନଗର, ୧୧।୯ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ଥିବା ସହିଦ ସ୍ତମ୍ଭ ନିକଟରେ ବିଶ୍ୱ ବନ ସହିଦ ଦିବସ ପାଳିତ ହୋଇଯାଇଛି। ଭିତରକନିକା ଆର୍ଦ୍ରଭୂମି ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ତଥା ସଂରକ୍ଷଣ ପାଇଁ ନିରନ୍ତର ସେବା ଯୋଗାଇବା ସମୟରେ ମାଫିଆଙ୍କ ଆକ୍ରମଣ ଓ ବନ୍ୟଜନ୍ତୁଙ୍କ ଆକ୍ରମଣରେ ସହିଦ ହୋଇଥିବା ବନକର୍ମଚାରୀଙ୍କ ଉଦ୍ଦେଶ୍ୟରେ ଡାଙ୍ଗମାଳଠାରେ ଥିବା ସହିଦ ସ୍ମୃତିସ୍ତମ୍ଭରେ ଡିଏଫଓ ଭରଦରାଜ ଗାଓଁଙ୍କର, ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଓ ଭିତରକନିକା ଓ ଗହୀରମଥା ଇତିହାସରେ ଆଜିସୁଦ୍ଧା ୪ଜଣ ବନ କର୍ମଚାରୀ ମାଫିଆଙ୍କ ଆକ୍ରମଣରେ ସହିଦ ହୋଇଥିବା ବେଳେ ଜଣେ କର୍ମଚାରୀ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ।

ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଏହି ୫ ବନ କର୍ମଚାରୀଙ୍କ ବଳିଦାନକୁ ମନରେ ରଖିବା ଓ ଭବିଷ୍ୟତ ପିଢ଼ୀର କ୍ଷେତ୍ର କର୍ମଚାରୀଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ରାଜନଗର ବନବିଭାଗ ପକ୍ଷରୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି ଓ ଏହି ସହିଦ ସ୍ମୃତିସ୍ତମ୍ଭ ନିକଟରେ ଡିଏଫଓ ସହିଦ ୫ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବନକର୍ମଚାରୀଙ୍କ ବଳିଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏଥିରେ ଡିଭିଜନର ସମସ୍ତ ରେଞ୍ଜର ବନ କର୍ମଚାରୀ ସାମିଲ ହୋଇଥିଲେ।

## କରେନ୍ଦ୍ର ମାଝୀଙ୍କ ସ୍ମୃତିସଭାରେ ମୁଖ୍ୟମନ୍ତ୍ରୀ

■ ଜନଜାତିଙ୍କ ବିକାଶ ପାଇଁ ସଦା ସ୍ମରଣୀୟ ରହିବେ



**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ବାଲିଗୁଡାର ପୂର୍ବତନ ବିଧାୟକ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଜାତି ମାନଙ୍କ ବିକାଶ ଓ ଜନଜାତି ଭାଷାର ଉନ୍ନତି ପାଇଁ ସ୍ୱର୍ଗତ କରେନ୍ଦ୍ର ମାଝୀ ସଦା ସ୍ମରଣୀୟ ରହିବେ। ଭୁବନେଶ୍ୱର କଳିଙ୍ଗ ନଗର କଳିଙ୍ଗ ବିହାର ବିକାଶ ପରିଷଦ ପକ୍ଷରୁ କଳିଙ୍ଗ ବିହାର ଠାରେ ଆୟୋଜିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱର୍ଗତ କରେନ୍ଦ୍ର ମାଝୀ ସମାଜସେବା ଓ ଜିଲ୍ଲାବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଆଜୀବନ ବ୍ରତୀ ଥିଲେ ବୋଲି କହିଛନ୍ତି। ଜନଜାତି ଭାଷାର ସେ ଜଣେ ପ୍ରସିଦ୍ଧ ଗବେଷକ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ୱର୍ଗତ କରେନ୍ଦ୍ର ମାଝୀ ଓଡ଼ିଆ ଲିପିରେ କୁଇ ଭାଷାରେ 'ପିଲାଙ୍କ ରାମାୟଣ', ଡ. ଆମ୍ବେଦକରଙ୍କ ଜୀବନୀ ଏବଂ କୁଇ ଭାଷାର ଅଭିଧାନ ରଚନା କରିଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସ୍ୱର୍ଗତ କରେନ୍ଦ୍ର ମାଝୀ ଜିଲ୍ଲାବାସୀଙ୍କ ମନରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟ ବରିଷ୍ଠ ନେତୃମଣ୍ଡଳୀ ସ୍ୱର୍ଗତ କରେନ୍ଦ୍ର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କୋରାପୁଟ ଓ ମାଲକାନଗିରିର ବିଭିନ୍ନ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** କୋରାପୁଟର ସଦଭାବନା ସଭାଗୃହ ଠାରେ ଆଜି କୋରାପୁଟ ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମୀକ୍ଷା କରିଛନ୍ତି। ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରଦାନ କରିବାକୁ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମର ସମସ୍ତ ପ୍ରକଳ୍ପ ୨୦୨୬ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ଶେଷ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ଭାରତମାଳା ଅନ୍ତର୍ଗତ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହା ଦ୍ୱାରା କୋରାପୁଟ ଓ ବିଶାଖାପାଟଣା ସହର ମଧ୍ୟରେ ଦୂରତା କମିଯିବ ଓ ଲୋକମାନେ ସୁବିଧାରେ ଯିବା ଆସିବା କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କୋରାପୁଟ ଜିଲ୍ଲାରେ ଶିଳ୍ପର ବିକାଶ ପାଇଁ ଅନେକ ସୁବିଧା ରହିଛି ଏବଂ ଏ ଦିଗରେ ବିହିତ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ମାଲକାନଗିରି ଜିଲ୍ଲାର ସୀତାକୁଣ୍ଡ ଓ କୋରାପୁଟ ଜିଲ୍ଲାର ଦେଓମାଳି ପର୍ଯ୍ୟଟନ ସ୍ଥଳୀ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏହାର ବିକାଶ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ବ୍ୟାଙ୍କ ସମୂହ କିପରି କାର୍ଯ୍ୟ କରୁଛନ୍ତି ତାହାର ସମୀକ୍ଷା କରିଥିଲେ ଏବଂ ହିତାଧିକାରୀ ମାନେ କିପରି ସୁବିଧାରେ ଋଣ ପାଇପାରିବେ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ମୁଦ୍ରା ହିତାଧିକାରୀ ମାନଙ୍କ ସହ ମଧ୍ୟ ରାଜ୍ୟପାଳ ଆଲୋଚନା କରିଥିଲେ ଏବଂ ଋଣମଂଜୁର କରିବା ସମୟରେ ଯୁବପିଢ଼ି ଏବଂ ପ୍ରଥମ ଥର ପାଇଁ ହେ ଉଥିବା ଉଦ୍ୟୋଗୀ ମାନଙ୍କୁ ପ୍ରାଥମିକତା ଦେବାକୁ ବ୍ୟାଙ୍କ ମାନଙ୍କୁ କହିଥିଲେ । ଏତଦବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ଜିଲ୍ଲାପାଳ,ଏସପି ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ସେବା ମନଭାବ ସହିତ ବିଭିନ୍ନ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକାରୀ ଏବଂ କର୍ମକର୍ତ୍ତାଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏତଦବ୍ୟତୀତ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଓଡ଼ିଶା ଜୀବିକା ମିଶନ, ଜଙ୍ଗଲ ଅଧିକାର ଆଇନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟଗ ଯୋଜନା ତଥା ଅନ୍ୟ ସାମାଜିକ କଲ୍ୟାଣ ଯୋଜନା ଏବଂବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କ ରେ ରାଜ୍ୟପାଳ ସମୀକ୍ଷା କରିଥିଲେ । ଏହି ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ରାଜ୍ୟପାଳଙ୍କ କମିସନର ତଥା ଶାସନ ସଚିବ ରୁପା ରୋଶନ ସାହୁ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଡା. କେ.ବି.ସିଂ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,କୋରାପୁଟ ଏସପି ରୋହିତ ବର୍ମା, ମାଲକାନଗିରି ଏସପି ବିନୋଦ ପାଟିଲ ଏଚ ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉକ୍ତ ବୈଠକ ରେ ଉପସ୍ଥିତ ଥିଲେ।




■ ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ବାର୍ଷିକ ଅଧିବେଶନ

## ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ




**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୪୦ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଅଧିବେଶନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିବା ସହ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଥିଲେ। ରାଜ୍ୟରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ବୈଧମାପ ବିଜ୍ଞାନ ବିଭାଗକୁ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ନିୟମିତ ଯାଞ୍ଚ କରାଯାଇ ପାରିଲେ ଖାଉଟି ମାନେ ଉପକୃତ ହୋଇ ପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ରାଜ୍ୟର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ନିୟନ୍ତ୍ରକ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ନିୟନ୍ତ୍ରକ ବିଶି କେଶନ ଦେହୁରୀ ପ୍ରମୁଖ ଉପସ୍ଥିତ ସଭ୍ୟମାନଙ୍କୁ କାର୍ଯ୍ୟଦକ୍ଷତାର ସହ କର୍ତ୍ତବ୍ୟ ସଂପାଦନ ପାଇଁ ପରାମର୍ଶ ଦେଇଥିଲେ। ସଂଘର ସାଧାରଣ ସମ୍ପାଦିକା ସାଗରିକା ସାବତ୍ ଏବଂ ସଭାପତି ଅଞ୍ଜନ କୁମାର ଜେନା ମନ୍ତ୍ରୀଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ମଞ୍ଚ ପରିଚାଳନା କରିଥିଲେ।

## ଘର ତିଆରି ଖାଦ୍ୟ ଆପଣାଇ ସୁସ୍ଥ ରୁହନ୍ତୁ: ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୧୧।୯(ସଂଚାର ବ୍ୟୁରୋ):** ଫିଟ୍ ରହିବା ପାଇଁ ସୁସ୍ଥ ଖାଦ୍ୟ ସହ ସୁସ୍ଥ ମନର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି। ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ମିଳିତ ସହଭାଗିତାରେ ଭୁବନେଶ୍ୱରସ୍ଥିତ ଲେମନଟ୍ରି ପ୍ରିମିଅମରେ "ହେଲଦି ଡାଏଟ୍ ଅଭିଯାନ"ର ଶୁଭାରମ୍ଭ

▶ ଆଦିବାସୀ ମହିଳା ଫିଟ୍ ରହିବାର କାରଣ ହେଉଛି ମାଣ୍ଡିଆ

▶ ଗାଁ ମହିଳାଙ୍କ ମୋଟାପଣ ଦୂର କରିବା ଉପରେ ଫୋକସ

▶ ଫିଟ୍ ରହିବା ପାଇଁ ସୁସ୍ଥ ଖାଦ୍ୟ ଓ ମନର ଆବଶ୍ୟକତା ରହିଛି

ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଖାଦ୍ୟାଭ୍ୟାସ ଉପରେ ଚର୍ଚ୍ଚା କରିବା ସହ ଆଦିବାସୀ ମହିଳାମାନଙ୍କର ସୁସ୍ଥ ଶରୀରର କାରଣ ମାଣ୍ଡିଆ ବୋଲି ମତ ପ୍ରକାଶ କରିଥିଲେ। ବଜାରର ଜଙ୍କ ଫୁଡ଼ଠୁ ଦୂରରେ ରହି ଘର ତିଆରି ଖାଦ୍ୟ ସହ ପାରମ୍ପରିକ ଖାଦ୍ୟ ତଥା ମାଣ୍ଡିଆ, ପଖାଳ ଓ ପିଠା ଆଦିକୁ ଆପଣେଇବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଓଡିଆ ଚଳଚ୍ଚିତ୍ରର ସୁପ୍ରତିଷ୍ଠିତ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଅଭିନେତ୍ରୀ ଅନୁ ଚୌଧୁରୀ, ପୋଷଣ ବିଶେଶଜ୍ଞ ତଥା ୟୁନିସେଫର ବରିଷ୍ଠ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## 'ସଂସ୍କୃତି ବିଚିତ୍ରା'ରେ ନାଟକ 'ରାଜା ଇଡ଼ିପସ୍' ମଞ୍ଚସ୍ଥ

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା'ରେ ନାଟକ 'ରାଜା ଇଡ଼ିପସ୍' ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି । ଗ୍ରୀକ୍ ନାଟ୍ୟକାର ସଫୋକ୍ଲିସ୍‌ଙ୍କ ଗ୍ରୀକ୍ କଥାବସ୍ତୁ ଉପରେ ଆଧାରିତ ମୂଳରଚନା ତଥା କୁଞ୍ଜ ରାଏଙ୍କ ଓଡ଼ିଆ ଅନୁବାଦିତ ଏହି ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱବିଦ୍ୟାଳୟର ନାଟକ ବିଭାଗ ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀଙ୍କ ସମେତ ବିଶିଷ୍ଟ ବାଗ୍ମୀ ଓ ସମାଜସେବୀ ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଲାଲ ବିରେନ୍ ପ୍ରସାଦ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ରହସ୍ୟ ଓ ରୋମାଞ୍ଚଭରା ମୂଳ ଗ୍ରୀକ୍ ରଚନାରୁ ଆଦୃତ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଓ



ଗଜେନ୍ଦ୍ର ନାୟକଙ୍କ ଦିଗ୍‌ଦର୍ଶନରେ ମଞ୍ଚସ୍ଥ ଏହି ନାଟକର ଓଡ଼ିଆ ରୂପାନ୍ତରରେ କଳାକାର ଭାବେ ଚନ୍ଦ୍ରଶେଖର ରଣସିଂହ, ବିଷ୍ଣୁପଦ ପଣ୍ଡା, ରାକେଶ କୁମାର ଚାନ୍ଦ, ସ୍ନିହଲ ମହାରଣା, ସାଇସ୍ୱରୂପ ଦେ, ସିଦ୍ଧାନ୍ତ ବଳିୟାରସିଂ, ରାକେଶ କୁମାର ସାହୁ, ଦେବପ୍ରସାଦ ପଣ୍ଡା, କାଜଲ ରାନୀ, ବିଜୟ ସାହୁ, ବର୍ଷା ପାଣି, ଶୁଭଲକ୍ଷ୍ମୀ ରାଉତରାୟ, ଏରିନା ମଞ୍ଜରୀ ମଲ୍ଲିକ, ଦିବ୍ୟାଂସି ମହାନ୍ତି, ଲୋହିତାକ୍ଷ ବେହେରା ଓ ଦେବାଂଶୀ ପଟ୍ଟନାୟକ ପ୍ରମୁଖ ନିଖୁଣ ଅଭିନୟ ପ୍ରଦର୍ଶନ କରିଥିଲେ । ସଂଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବା ବେଳେ ହିମାଂଶୁ ଶେଖର ବେହେରା ଓ ପ୍ରଜ୍ଞାଦତ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଅଧ୍ୟାପକ ଡ. ଜ୍ଞାନ ରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ରେଳ ମହାପ୍ରବନ୍ଧକଙ୍କ ଷ୍ଟେସନ ସୁରକ୍ଷା ଓ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମଞ୍ଜେଶ୍ୱର-ତାଳଚେର ସେକ୍ସନ ନିରୀକ୍ଷଣ କରିଥିଲେ। ଯାତ୍ରୀ ଏବଂ ମାଲ ପରିବହନ ପରିଚାଳନା କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ କରିଡରରେ ଟ୍ରେନଗୁଡ଼ିକର ନିରାପଦ, ନିର୍ଭରଯୋଗ୍ୟ ଏବଂ ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ଟ୍ରେନ ପରିଚାଳନାର ସୁରକ୍ଷା ଦିଗ, ଟ୍ରାକ ଅବସ୍ଥା, ସିଗନାଲିଂ ସିଷ୍ଟମ ଏବଂ ସାମଗ୍ରିକ ଭିତ୍ତିଭୂମି ପ୍ରସ୍ତୁତି ଉପରେ ନିରୀକ୍ଷଣ କେନ୍ଦ୍ରିତ ଥିଲା। ଗସ୍ତ ସମୟରେ, ଶ୍ରୀ ଫୁଙ୍କୱାଲ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଢେଙ୍କାନାଳ ଏବଂ ତାଳଚେର ଷ୍ଟେସନରେ ପୁନଃବିକାଶ କାର୍ଯ୍ୟର ସମୀକ୍ଷା ମଧ୍ୟ କରିଥିଲେ। ମହାପ୍ରବନ୍ଧକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉକ୍ତ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ସୁରକ୍ଷା ମାନଦଣ୍ଡର କଠୋର ପାଳନ, ଉଚ୍ଚ ମାନର କାର୍ଯ୍ୟାନ୍ୱୟନ ଏବଂ ସମସ୍ତ କାର୍ଯ୍ୟ ସମୟସୀମା ଭିତରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ସଡ଼କ ସୁରକ୍ଷା ନିୟମ ପାଳନର ସକାରାତ୍ମକ ତଥ୍ୟ

## ୩ ବର୍ଷରେ ହେଲମେଟ୍ ବଞ୍ଚାଇଛି ୫,୫୨୭ ଜୀବନ

**କଟକ/ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାରେ ପରିବାର ଉଜୁଡି ଯାଇଥାନ୍ତା, ଜୀବନ ଚାଲିଯାଇଥାନ୍ତା। କିନ୍ତୁ ମଥାରେ ହେଲମେଟ୍ ଥିଲା ବୋଲି ଜୀବନ ରକ୍ଷା ପାଇଗଲା। ନୂଆ ଜୀବନ ମିଳିଲା। ହେଲମେଟ୍ ପିନ୍ଧିନଥିବାରୁ ରାଜ୍ୟରେ ଗତ ତିନି ବର୍ଷରେ ୫,୧୬୦ ଜୀବନ ଯାଇଥିବାର ତଥ୍ୟ ସାମ୍ନାକୁ ଆସିଥିଲା। ଏବେ ଦୁର୍ଘଟଣା ସମୀକ୍ଷାରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଉଛି ହେଲମେଟ୍ ପିନ୍ଧିଥିବାରୁ ଦୁର୍ଘଟଣା ସତ୍ତ୍ୱେ ଗତ ତିନି ବର୍ଷରେ ୫,୫୨୭ ଜୀବନ ରକ୍ଷା ପାଇଯାଇଛି। ସଡ଼କ ସୁରକ୍ଷା ନିୟମ ପାଳନ ଯୋଗୁଁ କିଭଳି ଜୀବନ ରକ୍ଷା ହୋଇପାରେ ଏହା ଏକ ସକାରାତ୍ମକ ଉଦାହରଣ ଭାବରେ ସାମ୍ନାକୁ ଆସିଛି। କେବଳ ୨୦୨୪ରେ ୨୩୯୭ ଜଣ ଏମିତି ଦୁଇଚକିଆ ବ୍ୟବହାରକାରୀଙ୍କ ତଥ୍ୟ ସାମ୍ନାକୁ ଆସିଛି, ଯେଉଁମାନେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେଲେ, ଆହତ ବି ହେଲେ କିନ୍ତୁ ହେଲମେଟ୍ ପିନ୍ଧିଥିବାରୁ ମଥା ରକ୍ଷା ପାଇଗଲା। ସେମାନଙ୍କ ଜୀବନ ବି ରକ୍ଷା ପାଇଗଲା । ୨୦୨୩ରେ ଏହି ସଂଖ୍ୟା ହେଉଛି ୨୩୯୭ ଓ ୨୦୨୨ରେ ଏହି ସଂଖ୍ୟା ହେଉଛି ୧୬୮୮। ଜୀବନ ରକ୍ଷାର ଏହି ସଂଖ୍ୟା ଆହୁରି ଅଧିକ ହେବାର ମଧ୍ୟ ସମ୍ଭାବନା ରହିଛି। ଦୁର୍ଘଟଣା କାହାକୁ କହିକି ଆସେନି। ଅଚାନକ୍ ଆସେ, ସବୁ ଉଜାଡ଼ିଦିଏ। କିନ୍ତୁ ଅନେକ ନିଜର ସାବଧାନତା ଓ ସଚେତନତା ପାଇ ନିଜ ଜୀବନ ରକ୍ଷା କରିବାରେ ସକ୍ଷମ ହେଉଛନ୍ତି। ନିଜ ପରିବାରକୁ ଉଜାଡ଼ି ଦେବାରୁ ରକ୍ଷା କରିପାରୁଛନ୍ତି।

## ଅଧ୍ୟାପିକାଙ୍କ ପରଲୋକ



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ପଟିଆ ନିବାସୀ ଏଲୋରା ପଣ୍ଡାଙ୍କ ଏକ ଘରୋଇ ହାସପାତାଳରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୫ ବର୍ଷ ହୋଇଥିଲା। ସେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ତଥା ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ସି. ଭି. ରମଣ ବିଶ୍ୱବିଦ୍ୟାଳୟ , କିଟ୍ ବିଜିନେସ ସ୍କୁଲ, ଆଇଏସଏଫ୍‌ଆଇ ବିଜନେସ ସ୍କୁଲ ଆଦିରେ ଅଧ୍ୟାପିକା ହିସାବରେ କାର୍ଯ୍ୟ ସଂପାଦନା କରିଥିଲେ । ଏପରିକି କର୍ପୋରେଟ ଜଗତର ଟିସିଏସ, ନିସା ଇଷ୍ଟର୍ଣ୍ଣ ରିଜନ ଓ ନର୍ଥ ରିଜନରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ତାଙ୍କର ଅନ୍ତେଷ୍ଟିକ୍ରୀୟା ପୁରୀ ସ୍ୱର୍ଗ ଦ୍ୱାରରେ ଏକମାତ୍ର କନ୍ୟା ଆଦ୍ୟଶା ପଣ୍ଡା ମୁଖାଗ୍ନି ଦେଇ ସମାପନ କରିଥିଲେ। ସ୍ୱର୍ଗୀୟା ପଣ୍ଡା ପଟିଆ ସ୍ଥିତ ଏମ୍‌ଡ଼ିସି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ କନ୍ୟା ଓ ବିଜୁ ପଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ମାନବ ସମ୍ବଳ ଅଧିକାରୀ ଦୁର୍ଗେଶ ପଣ୍ଡାଙ୍କ ଧର୍ମପତ୍ନୀ । ଯାଜପୁରର ଲୋକସଭା ସାଂସଦ ଡଃ ରବିନାରାୟଣ ବେହେରା , କିଟ୍ ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ , ଅଜିତ ତ୍ରିପାଠୀ , ବରିଷ୍ଠ ପ୍ରଶାସକ ଅଶୋକ ତ୍ରିପାଠୀ, ସୁରେଶ ପଣ୍ଡା , ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ପ୍ରମୁଖ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଅଭିଜିତଙ୍କ ଆଶୁ ଆରୋଗ୍ୟ ପାଇଁ ଓଲିଉଡ୍ ପରିବାର ସମୂହ ଦୀପ ଦାନ



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ଅଭିଜିତ ମଜୁମଦାର, ଓଡିଆ ସଙ୍ଗୀତ ଜଗତର ମେଲୋଡି କିଙ୍ଗ ଓ ମନୋରଂଜନ ଦୁନିଆର ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ। ସଙ୍ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିବାର କଳା ତାଙ୍କୁ ବେଶ୍ ଜଣା। ସଙ୍ଗୀତରେ ସମସ୍ତଙ୍କୁ ମତୁଆଲା କରୁଥିବା ଅଭିଜିତ ଦା' ଏବେ କୋମାରେ। ତେଣୁ ତାଙ୍କ ସୁସ୍ଥତା କାମନା କରି ଓଡିଶା ଫିଲ୍ମ ଡିଷ୍ଟ୍ରିବ୍ୟୁସନ ସିଣ୍ଡିକେଟର ସମ୍ପାଦକ ସଚ୍ଚିକାନ୍ତ ଜେନାଙ୍କ ସମେତ ପ୍ରଯୋଜକ ଶ୍ରୀଧର ମାର୍ଥା, ଜୁବୁଲି ସୁନ୍ଦରାୟ, ସଂଳାପକାର ଡ. ରଜନୀ ରଞ୍ଜନ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଶ୍ରୀତମ ଦାସ, ପ୍ରଯୋଜକ ବିବେକାନନ୍ଦ ବାରିକ, ସଞ୍ଜୟ ଭଟ୍ଟ, ଖଗେଶ୍ୱର ଜୟପୁରିଆ, ଇଂଫ୍ଲୁଏନ୍ସର ପ୍ରକାଶ ନାୟକ କୋରିଓଗ୍ରାଫର ଲୁବୁନ, ଅଭିନେତ୍ରୀ ଅଙ୍କିତା, ପ୍ରିୟ ରଞ୍ଜନ ମହାନ୍ତି, କଣ୍ଠଶିଳ୍ପୀ ଅଂଶୁମାନ ନାୟକ, ଅନ୍ତରୀକ୍ଷା ନାୟକ, ପ୍ରଦୀପ ଏବଂ ଅନେକ ସଂଗୀତଜ୍ଞ ଓ ଓଲିଉଡ଼ ପରିବାରବର୍ଗ ଶ୍ରୀରାମ ମନ୍ଦିରରେ ସମୂହ ଦୀପ ଦାନ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ ପରିପ୍ରେକ୍ଷୀରେ ପ୍ରାକ୍ ବୁଝାମଣା ଶିବିର



**ଭୁବନେଶ୍ୱର, ୧୧।୯(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ୧୩ ତାରିଖରେ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରାକ୍ ବୁଝାମଣା ଶିବିର ଆଜି ଅନୁଷ୍ଠିତ ହୋଇଛି। ଜାତୀୟ ଲୋକଅଦାଲତର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରଠାରେ ଗାଡ଼ିମୋଟର ଦୁର୍ଘଟଣାଜନିତ ମାମଲାର ଆଗୁଆ ଫଇସଲା କରାଯାଇଛି। ଜିଲ୍ଲା ଓ ଦୌରାଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ମଲ୍ଲିକ, ବନ୍ଦନା କର, ଶୁଭଞ୍ଜନ ମହାନ୍ତି ଓ ରାଜ କିଶୋର ଲେଙ୍କା ପ୍ରମୁଖ ଜିଲ୍ଲା ଅଦାଲତ ପରିସରସ୍ଥ ବିକଳ୍ପ ସମାଧାନ କେନ୍ଦ୍ର ଭୁବନେଶ୍ୱରଠାରେ ଯୋଗଦେଇ ଉପସ୍ଥିତ ବୀମା ଅଧିକାରୀ, ଆଇନଜୀବୀ ଏବଂ ହିତାଧିକାରୀମାନଙ୍କ ସାଙ୍ଗରେ ବୁଝାମଣା କରାଇ ଅନେକ ମାମଲାର ଫଇସଲା କରାଇଥିଲେ। ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଯୋଗଦେଇ ଆସନ୍ତା ୧୩ ତାରିଖରେ ଜାତୀୟ ଲୋକଅଦାଲତକୁ ସଫଳ କରାଇବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

କଳାହାଣ୍ଡିର ବେଦାନ୍ତ କ୍ରୀଡ଼ା କାର୍ଯ୍ୟକ୍ରମ

# ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ୨୧ ମନୋନୀତ




**ଲାଞ୍ଜିଗଡ଼, ୧୧।୯(ସଂଚାର ବ୍ୟୁରୋ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରୁଛି। ସମ୍ପ୍ରତି, ଏହି କ୍ରୀଡାବିତମାନଙ୍କ ମଧ୍ୟରୁ ୨୧ ଜଣ ଯୁବ ତୀରନ୍ଦାଜ ଆଗାମୀ ୨୬ତମ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ୨୦୨୫ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବେଦାନ୍ତର ସହାୟତାରେ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଲାଞ୍ଜିଗଡ଼ର ଏସ୍‌ଏସ୍‌ଡି ସ୍କୁଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପରୀକ୍ଷଣରୁ ଏହି ଯୋଗ୍ୟତା ହାସଲ କରିଛନ୍ତି, ଯେଉଁଠାରେ ମୋଟ ୪୦ ଜଣ ତୀରନ୍ଦାଜ ଭାରତୀୟ ରାଉଣ୍ଡ, କମ୍ପାଉଣ୍ଡ ଏବଂ ରିକର୍ଭ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତ ଲାଞ୍ଜିଗଡ଼ର କ୍ରୀଡା ପଦକ୍ଷେପ କଳାହାଣ୍ଡିର ଯୁବ ପ୍ରତିଭାକୁ ବୃତ୍ତିଗତ ତାଲିମ, ଜାତୀୟ ସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ ଏବଂ କିଟ୍, ଲଜିଷ୍ଟିକ୍ ସହାୟତା ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ କରି ସେମାନଙ୍କୁ ପ୍ରୋତ୍ସାହିତ କରୁଛି। ବର୍ତ୍ତମାନ, ୪୦ ଜଣ ଛାତ୍ର ତୀରନ୍ଦାଜୀରେ ଏବଂ ଅନ୍ୟ ୪୦ ଜଣ ଆଥଲେଟିକ୍ସରେ ତାଲିମ ନେଉଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ଯୁବା ତାଲିମ ପାଇଛନ୍ତି। ଏହି ପଦକ୍ଷେପ ଲଗାତାର ପ୍ରଭାବଶାଳୀ ଫଳାଫଳ ପ୍ରଦାନ କରିଆସୁଛି, ପ୍ରଶିକ୍ଷାର୍ଥୀମାନେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟସ୍ତରୀୟ ଇଭେଣ୍ଟରେ ୩୭ ପଦକ ଜିତିଛନ୍ତି, ଜାତୀୟ ପ୍ରତିଯୋଗିତାରେ ୨୦ରୁ ଅଧିକ ପ୍ରତିନିଧିତ୍ୱ କରିଛନ୍ତି ଏବଂ ଦ୍ୱିତୀୟ ଜନ ଜାତୀୟ ଖେଳ ମହୋତ୍ସବ ୨୦୨୪ରେ ଗୋଟିଏ ଜାତୀୟ ପଦକ ଜିତିଛନ୍ତି। ଏହି ଗୌରବର ମୁହୂର୍ତ୍ତରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଆନନ୍ଦ ପ୍ରକାଶ କରି କହିଛନ୍ତି, "ଏହି ସଫଳତା କେବଳ ଯୁବ ତୀରନ୍ଦାଜଙ୍କ ପାଇଁ ନୁହେଁ ବରଂ କଳାହାଣ୍ଡିର ସମଗ୍ର ସମ୍ପ୍ରଦାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହିପରି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ୍ ସମଗ୍ର ଓଡ଼ିଶାରେ ତୃଣମୂଳ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। କମ୍ପାନୀ ୫୦୦ରୁ ଅଧିକ ଯୁବକଙ୍କୁ ତୀରନ୍ଦାଜୀ, ହକି, କରାଟେ ଏବଂ ଫୁଟବଲ୍ ତାଲିମ ଦେଇଛି, ଯେତେବେଳେ ଏହାର ବୃହତ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ ୫୦୦ଟି ଗାଁର ୪.୫ ଲକ୍ଷ ଲୋକଙ୍କ ଜୀବନକୁ ଛୁଇଁଛି, ଯାହା ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତିକୁ ବ୍ୟାପିଛି। ଏହାର ପ୍ରମୁଖ 'ନନ୍ଦଘର' ପ୍ରକଳ୍ପର ଅଂଶ ଭାବରେ, ବେଦାନ୍ତ ଓଡ଼ିଶାରେ ୫୩୧ଟି ଆଧୁନିକ ଅଙ୍ଗନୱାଡ଼ି ପ୍ରତିଷ୍ଠା କରିଛି, ଯାହା ରାଜ୍ୟରେ ମହିଳା ଏବଂ ଶିଶୁ ବିକାଶକୁ ପ୍ରୋତ୍ସାହିତ କରୁଛି।

# ମାନସିକ ସ୍ୱାସ୍ଥ୍ୟ ଓ ଇଣ୍ଟରନେଟ

ଆଧୁନିକ ଯୁଗରେ ଇଣ୍ଟରନେଟ୍ ଆମ ଜୀବନର ଅଂଶବିଶେଷ ହୋଇପଡ଼ିଛି। ଏହା ସୂଚନାର ବିସ୍ତାର, ସାମାଜିକ ସଂଯୋଗ ଏବଂ ବିନୋଦନର ମାଧ୍ୟମ ଭାବରେ କାର୍ଯ୍ୟ କରୁଛି। କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଅନେକ ଅଧ୍ୟୟନରୁ ଜଣାପଡ଼ୁଛି ଯେ ସୋସିଆଲ୍ ମିଡ଼ିଆ ଏବଂ ଇଣ୍ଟରନେଟ୍ ବ୍ୟବହାର ଚିନ୍ତା, ଅବସାଦ ଏବଂ ଏକାକୀତ୍ୱର କାରଣ ହୋଇପାରେ। ଉଦାହରଣ ସ୍ୱରୂପ, ଯୁବକମାନଙ୍କ ମଧ୍ୟରେ ଫୋମୋ (ଫିୟର୍ ଅଫ୍ ମିସିଂ ଆଉଟ୍) ଭଳି ଭାବନା ବଢ଼ିଚାଲିଛି, ଯାହା ସେମାନଙ୍କର ମାନସିକ ସ୍ଥିରତାକୁ ହାନି ପହଞ୍ଚାଉଛି।



ଇଣ୍ଟରନେଟ୍‌ର ସକାରାତ୍ମକ ପ୍ରଭାବ ମଧ୍ୟ ଅଛି। ଏହା ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଏବଂ ସହାୟତା ଗୋଷ୍ଠୀଗୁଡ଼ିକର ପ୍ରବେଶକୁ ସହଜ କରିଛି। ଅନଲାଇନ୍ ଥେରାପି ଏବଂ ଫୋରମ୍‌ଗୁଡ଼ିକ ଅନେକଙ୍କୁ ନିର୍ଜନତାରୁ ମୁକ୍ତି ଦେଇଛି। କିନ୍ତୁ ନକାରାତ୍ମକ ଦିଗଗୁଡ଼ିକ ଅଧିକ ଚିନ୍ତାଜନକ। ଅଧ୍ୟୟନଗୁଡ଼ିକ ଦର୍ଶାଉଛି ଯେ ଅତ୍ୟଧିକ ସୋସିଆଲ୍ ମିଡ଼ିଆ ବ୍ୟବହାର ଅବସାଦ ଏବଂ ନିର୍ଭରତାର କାରଣ ହୋଇପାରେ। ଏହା ଶୋଇବାର ଅନିୟମିତତା, ଶାରୀରିକ ନିଷ୍କ୍ରିୟତା ଏବଂ ସାମାଜିକ ସଂବନ୍ଧରେ ବାଧା ସୃଷ୍ଟି କରୁଛି। ବିଶେଷକରି ଯୁବକମାନଙ୍କ ମଧ୍ୟରେ ସାଇବର୍ ବୁଲିଂ ଏବଂ ଅନଲାଇନ୍ ହାରାସମେଣ୍ଟ୍ ମାନସିକ ଆଘାତର କାରଣ ହୋଇଛି।

ଅନେକ ରିପୋର୍ଟରୁ ଜଣାପଡ଼ୁଛି ଯେ ଇଣ୍ଟରନେଟ୍ ଆଡିକ୍ସନ୍ ଡିସଅର୍ଡର୍ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଉଛି। ଅତ୍ୟଧିକ ବ୍ୟବହାର ମନରେ ଅସ୍ଥିରତା ସୃଷ୍ଟି କରି ଶୋଇବା, ଖାଇବା ଏବଂ ଶାରୀରିକ କାର୍ଯ୍ୟକଳାପରେ ବାଧା ଦେଉଛି। ସୋସିଆଲ୍ ମିଡ଼ିଆର ପ୍ରଭାବ ଅଧିକ ଗଭୀର; ଏହା ସ୍ମୃତି ସମସ୍ୟା, ଶିକ୍ଷାଗତ ଅସୁବିଧା ଏବଂ ନିଦ୍ରା ହରଣ କରୁଛି। ପୂର୍ବରୁ ଥିବା ମାନସିକ ସମସ୍ୟା ଥିବା ବ୍ୟକ୍ତିମାନେ ଏହି ଆଡିକ୍ସନ୍‌ରେ ଅଧିକ ପ୍ରଭାବିତ ହେଉଛନ୍ତି।

ଯୁବକମାନଙ୍କ ପାଇଁ ଏହାର ପ୍ରଭାବ ଅଧିକ ଚିନ୍ତାଜନକ। ସାମାଜିକ ତୁଳନା ଏବଂ ଅନଲାଇନ୍ ଚାପ ଅବସାଦର କାରଣ ହୋଇଛି। ଶିଶୁ ଏବଂ କିଶୋରମାନଙ୍କ ମଧ୍ୟରେ ଅବସାଦ ଏବଂ ଆତ୍ମହତ୍ୟାର ହାର ବଢ଼ିଚାଲିଛି କାରଣ ସୋସିଆଲ୍ ମିଡ଼ିଆର ବ୍ୟବହାର ବଢ଼ିବା ସହିତ। ଅତ୍ୟଧିକ ଇଣ୍ଟରନେଟ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟରେ ଆଡିକ୍ଟିଭ୍ ପ୍ରଭାବ ପକାଉଛି। ବିଶ୍ୱବ୍ୟାପୀ ଅଧ୍ୟୟନଗୁଡ଼ିକ ଦର୍ଶାଉଛି ଯେ ଇଣ୍ଟରନେଟ୍ ବ୍ୟବହାର ଏବଂ ମାନସିକ ସ୍ୱାସ୍ଥ୍ୟ ମଧ୍ୟରେ ସଂଯୋଗ ନାହିଁ ବୋଲି କିଛି ରିପୋର୍ଟ କହୁଛି, କିନ୍ତୁ ଏହା ବିବାଦୀୟ।

ଇଣ୍ଟରନେଟ୍‌ର ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଦରକାର। ଡିଜିଟାଲ୍ ଡିଟକ୍ସ୍, ସମୟ ନିର୍ଦ୍ଧାରଣ ଏବଂ ସଚେତନତା କାର୍ଯ୍ୟକ୍ରମ ସାହାଯ୍ୟ କରିପାରିବ। ଅଭିଭାବକମାନେ ଶିଶୁମାନଙ୍କର ବ୍ୟବହାର ନିରୀକ୍ଷଣ କରିବା ଉଚିତ୍। ସରକାର ଏବଂ ସଂସ୍ଥାଗୁଡ଼ିକ ମାନସିକ ସ୍ୱାସ୍ଥ୍ୟ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦରକାର। ସନ୍ତୁଳିତ ବ୍ୟବହାର ଦ୍ୱାରା ଇଣ୍ଟରନେଟ୍ ଏକ ବରଦାନ ହୋଇପାରିବ, ନହେଲେ ଏହା ଅଭିଶାପ ହୋଇଯିବ।

# ଜିଏସ୍‌ଟି ବ୍ୟବସ୍ଥା: ତୃଟି ସୁଧାରିଛନ୍ତି ସରକାର



**ଗୋପାଳ ମହାପାତ୍ର**

୨୦୧୭ ମସିହା ଜୁନମାସ ୩୦ ତାରିଖ ଏବଂ ୧ ଜୁଲାଇର ମଧ୍ୟରାତ୍ରରେ ସଂସଦ ଭବନକୁ ବିଜୁଳୀ ଆଲୁଅ ଏବଂ ଫୁଲରେ ସଜା ଯାଇଥିଲା। ଆଲୋକମାଳାରେ ସଜ୍ଜିତ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଆର୍ଥୀକ ସ୍ୱାଧିନତାର ଘୋଷଣା କରିଥିଲେ, ତାହା ପୁଣି ମଧ୍ୟ ରାତ୍ରିରେ। ଜତୀୟ ଗଣମାଧ୍ୟମ ମାନେ ଏହାକୁ ଭାରତ ପାଇଁ ଏକ ଐତିହାସିକ କ୍ଷଣ ବୋଲି କହିଥିଲେ। ମଧ୍ୟ ରାତ୍ରିରେ ଘୋଷଣା କରିବାର ଉଦେଶ୍ୟ ସ୍ପଷ୍ଟ ଥିଲା ଯେ ପଣ୍ଡିତ ନେହେରୁ ମଧ୍ୟରାତ୍ରିରେ ଦେଶର ସ୍ୱାଧିନତା ଘୋଷଣା କରିଥିଲେ, ଏଣୁ କୌଣସି ପ୍ରକାରେ ନେହେରୁଙ୍କ ସମକକ୍ଷ ହେବା ପାଇଁ ନରେନ୍ଦ୍ରମୋଦୀ ଜିଏସ୍‌ଟି ବାବଦରେ ଘୋଷଣା କରିଥିଲେ ଓ ଏହାକୁ ଆର୍ଥୀକ ସ୍ୱାଧିନତା ବୋଲି କହିଥିଲେ। ଜୁଲାଇ ୧ ତାରିଖ ୨୦୧୭ ଠାରୁ ଗୁଡ୍‌ସ୍ ଏଣ୍ଡ ସର୍ଭିସେସ ଟ୍ୟାକ୍ସ ( ଜିଏସ୍‌ଟି) ଲାଗୁ ହେଲା ଏବଂ ଏଥିରେ ଭାଟ, ସେବା କର ଏବଂ ଏକସାଇଜଡ୍ୟୁଟିକୁ ମିଶାଇ ଦିଆଗଲା। କିନ୍ତୁ ଯେମିତି ବିମୁଦ୍ରାକରଣ ବିଫଳ ହେଲା ସେହିପରି ଜିଏସ୍‌ଟିରେ ଥିବା ତୃଟି ବିଚ୍ୟୁତି ମଧ୍ୟ ଜଣାପଡ଼ିଲା। କେବଳ ବ୍ୟବସାୟୀ ନୁହଁନ୍ତି ସାଧାରଣ ଲୋକଙ୍କ ପାଇଁ ଏହା ମାରକ ସାବ୍ୟସ୍ତ ହେଲା। ଗତ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କଲେବେଳେ ଜିଏସ୍‌ଟିରେ ପରିବର୍ତ୍ତନ କରାଯିବ ବୋଲି କହିଥିଲେ। ତାଙ୍କ ହିସାବରେ ଜନସାଧାରଣଙ୍କୁ ଏହା ହେଉଛି ଦୀପାବଳୀର ଉପହାର। କିନ୍ତୁ ବୋଧହୁଏ ବିହାର ନିର୍ବାଚନ କାରଣରୁ ଦୀପାବଳୀ ପୁର୍ବରୁ ଜିଏସ୍‌ଟିର ଦରରେ ପରିବର୍ତ୍ତନ କରାଗଲା ଓ ସେପ୍ଟେମ୍ବର୨୨ (ଚଳିତମାସ) ଠାରୁ ଏହା ଲାଗୁ ହେବ।

ଜିଏସ୍‌ଟି ପରିଷଦ ସେପ୍ଟେମ୍ବର ୩ ତାରିଖରେ ଏହି ପରିବର୍ତ୍ତନ ବାବଦରେ ମଞ୍ଜୁରୀ ଦେଇଥିଲେ। ଏବେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତର ଜିଏସ୍‌ଟି ହାର (ସ୍ଲାବ) ବଦଳରେ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ହାର ରହିବ। କିନ୍ତୁ ସିଗାରେଟ, ମଦ, ହେଲିକାପ୍ଟର ଓ ଅନ୍ୟ କେତେକ ଜିନିଷ ଉପରେ ୪୦ ପ୍ରତିଶତ ବିଶେଷ ଟିକସ ଲାଗୁ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ପ୍ରସଙ୍ଗରେ କହିଛନ୍ତି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସାଧାରଣ ଲୋକ, କୃଷକ, ମଧ୍ୟମ ବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥା ପାଇଁ ଲାଭବାନ ହେବେ। ଜାତୀୟ ଗଣମାଧ୍ୟମ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥାର ପ୍ରସାର କରିବା ସହ ପୁନଃ ଚରଣ ବନ୍ଦନାରେ ଲାଗିପଡ଼ିଲେ। ଏହାକୁ ମୋଦୀଙ୍କ ମାଷ୍ଟରଷ୍ଟ୍ରୋକ ବୋଲି କୁହାଗଲା। କିନ୍ତୁ ଅସଲ କଥା କଂଗ୍ରେସର ଦୀର୍ଘଦିନର ପରାମର୍ଶ ଏପରିକି ଜିଏସ୍‌ଟି କୁ ସମାଲୋଚନା ସର୍ବୋପରି ଏହି ବ୍ୟବସ୍ଥା ଯୋଗୁଁ ସାଧାରଣ ଜନତା ପ୍ରଭାବିତ ହେବା କାରଣରୁ ସରକାର ତାଙ୍କର ତୃଟିକୁ ସୁଧାରିଛନ୍ତି। ୨୦୧୭ରେ ଯେଉଁ ଜିଏସ୍‌ଟି ଲାଗୁ କରାଯାଇଥିଲା ସେଥିରେ ଲୋକଙ୍କ ଦୈନନ୍ଦିନର ବ୍ୟବହାର୍ଯ୍ୟ ଜିନିଷ ଠାରୁ ଆରମ୍ଭ କରି ଜୀବନ ରକ୍ଷକ ଔଷଧ ଉପରେ ଜିଏସ୍‌ଟି ଲଗାଯାଇଥିଲା। ଏବେ ସରକାର ଏହାକୁ ସାଧାରଣ ଲୋକଙ୍କ ପାଇଁ ଲାଭ ବୋଲି କହୁଛନ୍ତି।

୨୦୧୭ ପରଠାରୁ ରାହୁଲ ଗାନ୍ଧୀ ଅନେକ ବାର କହିଛନ୍ତି ଯେ ଗରୀବ, ମଧ୍ୟମବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ କୁ ଧ୍ୟାନରେ ରଖି ଟିକସ ଦର ଧାର୍ଯ୍ୟ କରାଯାଉ କିନ୍ତୁ ତାଙ୍କ କଥାକୁ ସରକାର ଗୁରୁତ୍ୱ ଦେଉ ନଥିଲେ। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ସାର, ବହି, ଔଷଧ, ପାଠପଢ଼ା ଖର୍ଚ୍ଚ, ଦୁଗ୍ଧ- ଦହି, ଅଟା- ଚାଉଳ ଏପରିକି ପିଲାଙ୍କ ଖାତା ଓ ପେନସିଲ, ଅକସିଜନ, ବୀମା ଏବଂ ଚିକିତ୍ସା ଖର୍ଚ୍ଚ ମହଙ୍ଗା ହୋଇ ଯାଇଥିଲା। ଦେଶରେ ପ୍ରଥମଥର ପାଇଁ କୃଷକଙ୍କ ଉପରେ ଟିକସ ଲାଗୁ କରାଯାଇଥିଲା। ସରକାର କୃଷି କ୍ଷେତ୍ରର ପାଖାପାଖି ୩୬ଟି ବସ୍ତୁ ଉପରେ ଜିଏସ୍‌ଟି ଲଗାଇଥିଲେ। କିନ୍ତୁ ୨୦୧୭ର ଭୁଲ କୁ ସୁଧାରି ଏବେ ଏହାକୁ ଉପହାର ବୋଲି କହୁଛନ୍ତି। ନୂଆ ଜିଏସ୍‌ଟି ଲାଗୁ ହେଲେ କ୍ୟାନସରର ଔଷଧ ଉପରେ ଟିକସ ଲାଗିବ ନାହିଁ। ଦୁଗ୍ଧ, ଛେନା, ପାଉଁରୁଟି ଭଳି ଲୋକଙ୍କ ଦୈନନ୍ଦିନର ଉପଯୋଗୀ ୧୭୫ଟି ବସ୍ତୁ ଶସ୍ତା ହୋଇଯିବ। ହେୟାର ଅଏଲ, ସାବୁନ, ଶାମ୍ପୁ, ଟୁଥବ୍ରସ, ରୋଷେଇ ସାମଗ୍ରୀ ଉପରେ ଏବେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ। ୩୩ଟି ଜୀବନ ରକ୍ଷକ ଔଷଧ ଉପରେ ଶୁନ୍‌ରୁ ୧୨ ପ୍ରତିଶତ ଟିକସ ଲାଗିବ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନବୀମା ଉପରେ ଏବେ ଜିଏସ୍‌ଟି ଲାଗିବ ନାହିଁ। ୨୦୧୭ ଜିଏସ୍‌ଟି ଅନୁସାରେ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିଲା। କିନ୍ତୁ ଏବେ ବି ଜଣାପଡ଼ିନାହିଁ ଯେ ବୀମା କମ୍ପାନୀ ମାନେ ଉପଭୋକ୍ତାଙ୍କୁ କେମିତି ରିହାତି ଦେବେ? କାରଣ କମ୍ପାନୀମାନେ ତାଙ୍କ କ୍ଷତି ଭରଣା ବାବଦରେ ଗ୍ରାହାକଙ୍କ ଠାରୁ ହିଁ ଆଦାୟ କରିବେ।

ମୁଖ୍ୟ କଥା ହେଉଛି ଥରେ ଯଦି କୌଣସି ଜିନିଷରେ ଦର ବଢ଼ିଗଲା ତେବେ ପୁଣି କମିବା ପ୍ରାୟତଃ ଅସମ୍ଭବ। ଏଣୁ ଯେଉଁମାନେ ଭାବୁଛନ୍ତି ଯେ ସରକାର ଦୀପାବଳୀର ଉପହାର ଦେଇଛନ୍ତି ସେମାନେ ଅଧିକ ଖୁସି ହେବା ଉଚିତ ନୁହେଁ। ନୂଆ ଜିଏସ୍‌ଟି ଲାଗୁ ହେବା ପରେ ହିଁ ଜଣା ପଡ଼ିବ ଜିନିଷ ଶସ୍ତା ହେଉଛି ନା ଅନ୍ୟ କୌଣସି ପ୍ରକାରରେ ଦର ବଢ଼ାଯାଉଛି। ଏମିତିରେ ଦେଖିଲେ ସ୍ପଷ୍ଟ ଯେ ଏଇ ସରକାରଙ୍କ ଟ୍ରାକ ରେକର୍ଡ ହେଉଛି ଶିଳ୍ପପତିଙ୍କୁ ଫାଇଦା ଦେବା। ଜିଏସ୍‌ଟି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଜିଏସ୍‌ଟି ବାବଦରେ ମିଳୁଥିବା ରାଜସ୍ୱର ଦୁଇ ତୃତୀୟାଂଶ ଗରୀବ ଏବଂ ମଧ୍ୟମ ବର୍ଗଙ୍କ ପକେଟରୁ ହିଁ ଯାଇଥାଏ। ଧନକୁବେର ମାନଙ୍କଠାରୁ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଇଥାଏ। ଏବେ କର୍ପୋରେଟ ଟିକସ ୩୦ ପ୍ରତିଶତକୁ ହ୍ରାସ କରାଯାଇ ୨୨ ପ୍ରତିଶତ କରାଯାଇଛି। ଏକ ଦେଶ ଏକ ଟିକସ କଥା କହି ମୋଦି ସରକାର ଶୁନ୍ ପ୍ରତିଶତ, ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ହାର ସହ ୦.୨୫ ପ୍ରତିଶତ, ୧.୫ ପ୍ରତିଶତ, ୩ ପ୍ରତିଶତ ଏବଂ ୬ ପ୍ରତିଶତର ବିଶେଷ ହାର ବାଲା ଏକ ଦେଶ ୯ ଟିକସପ୍ରଣାଳୀ ଲାଗୁ କରିଥିଲେ। ଜିଏସ୍‌ଟିକୁ ମୋଦୀଙ୍କର ଏକ ବଡ଼ ସଫଳତା ଭାବେ ପେଶ କରାଯାଉଥିଲା। କିନ୍ତୁ ଏଥିରେ ପରିବର୍ତ୍ତନ କାରଣରୁ ସ୍ପଷ୍ଟ ଯେ ୧୪୨ କୋଟିରୁ ଅଧିକ ଜନତାକୁ ପ୍ରଭାବିତ କଲାଭଳି ଜିଏସ୍‌ଟି ବ୍ୟବସ୍ଥା ବାବଦରେ ସେତେବେଳେ କେନ୍ଦ୍ର ସରକାର ଠିକ୍ ଭାବରେ ବିଚାର ବିମର୍ଷ କରିନଥିଲେ। ୨୦୦୫ ମସିହା ଫେବୃୟାରୀ ୨୮ ତାରିଖରେ ତତ୍‌କାଳୀନ ଉପା ସରକାର ଲୋକ ସଭାରେ ଜିଏସ୍‌ଟି ବାବଦରେ ଔପଚାରିକ ଭାବେ ଘୋଷଣା କରିଥିଲେ। ୨୦୧୧ରେ ତତ୍‌କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଜିଏସ୍‌ଟି ବିଲ୍ ଆଗତ କରିଥିଲେ କିନ୍ତୁ ସେ ସମୟରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ (ବର୍ତ୍ତମାନର ପ୍ରଧାନମନ୍ତ୍ରୀ) ଜିଏସ୍‌ଟିର ଘୋର ବିରୋଧ କରିଥିଲେ। ଏବେ ଜିଏସ୍‌ଟି ନିଜର ବଡ଼ ଉପଲବ୍ଧି ବୋଲି କହୁଛନ୍ତି।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**




# ବୁଡିଗଲା ଗୋଡ଼ ତଳକୁ ତଳକୁ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ରାଜ୍ୟର ମୁଖ୍ୟ ବିରୋଧି ଦଳ ବିଜେଡି( ବିଜୁ ଜନତା ଦଳ) ଉପ-ରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବା ନୂଆ ନୁହେଁ, କିମ୍ବା ବିସ୍ମିତ ହେବାର ନାହିଁ। ଅତୀତରେ ରାଜ୍ୟରେ ବିଜେଡିର ଲମ୍ବା ଶାସନ କାଳରେ ସମଦୂରତାର ଦ୍ୱାହି ଦେଇ ବହୁବାର ଜାତୀୟ ସ୍ତର ମତଦାନରୁ ବିରତ ରହିଥିଲା। ଥରେ ମାତ୍ର ଉପ-ରାଷ୍ଟ୍ରପତ ନିର୍ବାଚନରେ ବିରୋଧି ମେଣ୍ଟର ପ୍ରାର୍ଥୀ ଗୋପାଳ କୃଷ୍ଣ ଗାନ୍ଧୀଙ୍କ ସପକ୍ଷରେ ମତ ଦେଇଥିଲା। ସେହିପରି କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଯେତେବେଳେ ପାର୍ଲିଆମେଣ୍ଟରେ ସଂକଟର ସମ୍ମୁଖୀନ ହେଉଥିଲା, ସେତେବେଳେ ବିଜେଡି ଶାସକ ମେଣ୍ଟ ସପକ୍ଷରେ ଭୋଟ ଦେଇ ବହୁ ବିବାଦୀୟ ବିଲ୍‌କୁ ଗୃହୀତ କରାଇବାରେ ସହଯୋଗ କରିଥିବା ବହୁ ନଜୀର ରହିଛି। ନିକଟରେ ବହୁଚର୍ଚ୍ଚିତ ୱାକଫ ବିଲକୁ ପ୍ରଥମରୁ ଦୃଢ଼ ବିରୋଧ କରି ତୁମ୍ବୀ ତୋଫାନ କରିଥିବାବେଳେ ରାଜ୍ୟସଭାରେ ଭୋଟ ସମୟରେ ଦଳର ଭୋଟ ଦୁଇଭାଗ ହୋଇଯାଇଥିଲା। ଗଲା ସାଧାରଣ ନିର୍ବାଚନରେ ବିଜେଡି ଏପରି ଶୋଚନୀୟ ପରାଜୟର, ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିଲା ଯେ, ଲୋକସଭାରେ ଖାତା ଖୋଲିପାରିନଥିଲା। କହି ରଖୁଛୁ ଯେ, ଗଲା ଦୁଇ ଦଶନ୍ଧି ଧରି ପାର୍ଲିଆମେଣ୍ଟ (ଉଭୟ ଲୋକସଭା ଓ ରାଜ୍ୟସଭା)ରେ ସଂଖ୍ୟାର ଖେଳ ଦୃଷ୍ଟିରୁ ବିଜେଡିର ଦବ୍‌ଦବା କିଛି କମ୍ ନଥିଲା। ସେହିପରି ଜାତୀୟ ରାଜନୀତି କ୍ଷେତ୍ରରେ ନବୀନଙ୍କ ଗୁରୁତ୍ୱ ତାଙ୍କ ସ୍ୱର୍ଗୀୟ ପିତା ବିଜୁ ବାବୁଙ୍କ ସମତୁଲ୍ୟ ଥିଲା ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ। ଏବେ ରାଜ୍ୟସଭାର ୯ଜଣ ସାଂସଦଙ୍କ ମଧ୍ୟରୁ ଗତ ବର୍ଷ ଦୁଇଜଣ ବିଜେଡି ଛାଡି ବିଜେପିରେ ଯୋଗଦେବା ଯୋଗୁଁ ସାଂସଦଙ୍କ ସଂଖ୍ୟା ୭କୁ ଖସି ଆସିଛି। ଯାହାର ଉପ-ରାଷ୍ଟ୍ରପତି ନିର୍ବାଚନରେ ଶାସକ ମେଣ୍ଟ ଏନଡିଏ ପାଇଁ କୌଣସି ଗୁରୁତ୍ୱ ନଥିଲା ବୋଲି କୁହାଯାଇପାରେ। ଅବଶ୍ୟ ଉଭୟ ଏନଡିଏ ଓ ବିରୋଧ ଇଣ୍ଡିଆ ମେଣ୍ଟ ନବୀନଙ୍କ ସହଯୋଗ ଲୋଡିଥିଲେ। କିନ୍ତୁ ବିଜେଡି ସୁପ୍ରିମୋ ତଥା ପୋଖତ ରାଜନୀତିଜ୍ଞ କୁହାଯାଉଥିବା ନବୀନ ବାବୁ କାହିଁକି ସମଦୂରତ୍ୱର ଦ୍ୱାହି ଦେଇ ଦଳକୁ ଭୋଟ ଦାନରୁ ବିରତ ରଖିଲେ, ସାଂସଦମାନଙ୍କୁ ସେମାନଙ୍କର ସଂସଦୀୟ ଅଧିକାରରୁ ବଞ୍ଚିତ କଲେ ଏହାର ରହସ୍ୟ ବୁଝାପଡୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ପ୍ରବାଦ ପୁରୁଷ ବିଜୁବାବୁଙ୍କ ପରଲୋକ ପରେ ଓଡ଼ିଶାରେ ନବୀନଙ୍କ ନେତୃତ୍ୱରେ ବିଜେଡି ଜନ୍ମ ନେଇଥିବା ବେଳେ ବିଜେପି ମହାମେଣ୍ଟ କରି ନିର୍ବାଚନ ଲଢିଥିଲେ। ଅଥଚ ବିଜୁ ବାବୁ ବିଜେପିକୁ ଏକ 'ସାଇନ ବୋର୍ଡ' ଓ ସାମ୍ପ୍ରଦାୟିକ ଦଳ ବୋଲି ତାସ୍ଲ୍ୟ କରିବାକୁ କୁଣ୍ଠାବୋଧ କରିନଥିଲେ। ବିଜେଡି -ବିଜେପି ମେଣ୍ଟ ନିର୍ବାଚନରେ ଅପୂର୍ବ ସଫଳତା ପାଇଥିଲା। ନବୀନ ବାବୁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୦୦ ଓଡ଼ିଶା ବିଧାନସଭା ନିର୍ବାଚନରେ ମେଣ୍ଟ ବିଜୟୀ ହେବା ପରେ ନବୀନବାବୁ ମୁଖ୍ୟମନ୍ତ୍ରୀ ହୋଇଥିଲେ। କ୍ରମାଗତ ଦୁଇଥର ମେଣ୍ଟ ସରକାରର ନେତୃତ୍ୱ ନେଇଥିବାବେଳେ ୨୦୦୯ ନିର୍ବାଚନ ପୂର୍ବରୁ ମେଣ୍ଟ ଭାଙ୍ଗି ଯାଇଥିଲା। ଉଭୟ ବିଜେପି, କଂଗ୍ରେସଠାରୁ ସମଦୂରତ୍ୱର ଦ୍ୱାହି ଦେଇ ବିଜେଡି ନବୀନଙ୍କ ନେତୃତ୍ୱରେ କ୍ରମାଗତ ପାଞ୍ଚଥର ବିଜୟୀ ହୋଇ ଦୀର୍ଘ ୨୪ବର୍ଷ ଧରି ରାଜ୍ୟର ଶାସନ ଡୋରି ସମ୍ଭାଳିଥିଲେ। ଗଲା ୨୦୨୪ ସାଧାରଣ ଓ ବିଧାନସଭା ନିର୍ବାଚନରେ ବିଜେଡି ବିପର୍ଯ୍ୟାୟର ସମ୍ମୁଖୀନ ହୋଇ କ୍ଷମତା ହରାଇଥିବାବେଳେ ବିଜେପି ରାଜ୍ୟରେ କ୍ଷମତାସୀନ ହୋଇଥିଲା। ଏହା ନିସନ୍ଦେହ ଯେ, ରାଜ୍ୟରେ ନବୀନଙ୍କ ଲୋକପ୍ରିୟତା ଅତୁଟ ରହିଥିବାବେଳେ ବିଜେଡିର ପରାଜୟ କେହି ସହଜରେ ଗ୍ରହଣ କରିପାରିନଥିଲେ। ବିଜେଡିର ପରାଜୟ ଏବେ ବି ବିସ୍ମୟ ହୋଇ ରହିନାହିଁ, ରହସ୍ୟବୃତ ହୋଇରହିଛି। ପରାଜୟର କାରଣ ନେଇ ନିର୍ବାଚନକୁ ଏକ ବର୍ଷ ପୁରି ଯାଇଥିବାବେଳେ ଦଳ ଆତ୍ମସମୀକ୍ଷା କରିନାହିଁ କି କାରଣ ବି ଖୋଜି ନାହିଁ। ଯାହାକି ଦଳରେ ଅସନ୍ତୋଷର କାରଣ ହୋଇଛି। ରାଜ୍ୟରେ କ୍ରମାଗତ ଷଷ୍ଠ ଥର ପାଇଁ ନବୀନଙ୍କ ନେତୃତ୍ୱରେ ବିଜେଡି ସରକାର ଗଢିବା ନେଇ ଜନମାନସରେ ଏକ ଧାରଣା ବଳବତର ରହିଥିବା ସମୟରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପୁଣି ଥରେ ବିଜେଡି-ବିଜେପି ମେଣ୍ଟ ନେଇ ଚର୍ଚ୍ଚା ଯୋର ଧରିଥିଲା। ମେଣ୍ଟ ଓ ଆସନ ବୁଝାମଣା ନେଇ ଦିଲ୍ଲୀରେ ବାରମ୍ବାର ଆଲୋଚନା ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଶେଷରେ ମେଣ୍ଟ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ପୂର୍ବପରି ଉଭୟଦଳ ପରସ୍ପର ବିରୁଦ୍ଧରେ ଲଢିଥିଲେ। ବିଜେପିର ପ୍ରଚାର ନେତୃତ୍ୱ ଜଣେ ଅଣଓଡିଆ, ଅଣରାଜନୀତିଜ୍ଞ ତଥା ପୂର୍ବତନ ପ୍ରଶାସକଙ୍କୁ ଦିଆଯାଇଥିଲା। ଦଳର ବରିଷ୍ଠ ନେତାମାନେ ତୁଚ୍ଛ ହୋଇଯାଇଥିଲେ। ଯାହାକୁ ନେଇ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡିଆ ଅସ୍ମିତା ଏବେ ବିପଦରେ ବୋଲି ଏକ ସାକ୍ଷାତକାରରେ କହିଥିଲେ। ଓଡିଆ ଅସ୍ମିତା ପ୍ରସଙ୍ଗକୁ ରାଜ୍ୟ ବିଜେପି ହାତଛଡା ନକରି ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରିଥିଲା, ଯାହାକି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା, ଏହା ସ୍ୱୀକାର କରିବାକୁ ହେବ। କହିବା ବାହୁଲ୍ୟ ଯେ, ୨୦୦୯ରୁ ସମଦୂରତାର ଦ୍ୱାହି ଦେଇ ଆସୁଥିବର ବିଜେଡି ନିଜ ସଂଖ୍ୟାରେ ବିଜେପିର ଜଣେ ପ୍ରାର୍ଥୀଙ୍କୁ ଦୁଇଥର ରାଜ୍ୟସଭାକୁ ପଠାଇବାର କାରଣ ଏବେ ବି ରହସ୍ୟାବୃତ ହୋଇଛି। ଯାହାକି ଭାରତୀୟ ରାଜନୀତିରେ ପ୍ରଥମ ଘଟଣା ବୋଲି କୁହାଯାଇପାରେ। ସେହିପରି ବିଧାନସଭା ନିର୍ବାଚନରେ ଦଳ ପୁଣି ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ଥିବା ସମୟରେ ପୁଣି ମେଣ୍ଟ ପ୍ରସଙ୍ଗ ଉଠାଇଲା କାହିଁକି? ସେହିପରି ଓଡିଆ ଅସ୍ମିତା ପ୍ରସଙ୍ଗ ଦଳପାଇଁ ମହଙ୍ଗା ସାବ୍ୟସ୍ତ ହୋଇ ଥିବାବେଳେ ଦଳରେ ଅଣଓଡିଆ ନେତାଙ୍କର ପୁଣି ଆବିର୍ଭାବ ଏବଂ ତାଙ୍କୁ ନବୀନବାବୁଙ୍କ ଆଖିବୁଜା ସମର୍ଥନ, ତୃଟି ପୂର୍ଣ୍ଣ କାର୍ଯ୍ୟଧାରା ଦଳରେ ଅସନ୍ତୋଷକୁ ଚରମସୀମାରେ ପହଁଚାଇଛି। ଯାହାର ବିସ୍ଫୋରଣ କୋରାପୁଟ ରାଜନୀତିରେ ଘଟିଛି। କେବଳ ଏତିକି ନୁହେଁ, ଦଳର ବହୁ ବରିଷ୍ଠନେତାଙ୍କ ବୟାନବାଜୀ ସେମାନଙ୍କ ଅସନ୍ତୋଷକୁ ସ୍ପଷ୍ଟ କରିଛି। ଏଥିରୁ ନବୀନ ବାବୁ କିଛି ଶିକ୍ଷା କରିପାରିନାହାଁନ୍ତି ମନେହୁଏ। ତେଣୁ ସଂକ୍ଷେପରେ କୁହାଯାଇପାରେ 'ବୁଡିଗଲା ଗୋଡ ତଳକୁ ତଳକୁ'। ସମଦୂରତା ଦ୍ୱାହି ଦେଇ ମତଦାନରୁ ବିରତ ପରୋକ୍ଷରେ ବିଜେପିକୁ ଲାଭବାନ କରିଛି। ଏଥିରୁ ବିଜେଡି-ବିଜେପି ଏକ ବୋଲି ପୁଣି ଥରେ ଧାରଣା ସୃଷ୍ଟି ହୋଇଛି। ଯାହାକୁ ଅଣଦେଖା କରାଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ୍: ୭୯୭୮୬୬୬୪୦୩**




# ଭାଗବତ ଟୁଙ୍ଗି ଓ ଶ୍ରୀମଦ୍ ଭାଗବତ ପରମ୍ପରା



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

'ପରମ ଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବ ନିତ୍ୟ...... ' ଭାବଗତ ଭାଗବତ ଓଡ଼ିଆ ପ୍ରାଣରେ ଆଧାତ୍ମିକ ରସର ନିର୍ଝରିଣୀ ବୁହାଇଥାଏ। ଭାଗବତ ଓଡ଼ିଆ ଘରର ଅମୂଲ୍ୟ ମଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଭଗବତ ରସରେ ବୁଡ଼ି ରହି ସାଂସାରିକ ଜୀବନର ଗତିପଥକୁ ସହଜରେ ତେଲଲୁଣର ସଂସାର ଭିତରେ ପାର ହୋଇଯିବାର ସୂକ୍ଷ୍ମ ନିର୍ଦ୍ଦେଶନ ହିଁ ଜୀବନତତ୍ତ୍ୱ। ମୋହ ମାୟାର ସଂସାର ତେଲଲୁଣର ନିତିଦିନିଆ ଧାଁ ଧଉଡ଼ ଜୀବନ ଭିତରେ ଭାଗବତ ପାଲଟିଛି ଅବଶିଷ୍ଟ ଜୀବନ ପାଇଁ ଦିବ୍ୟପଥର ଆଲୋକବର୍ତ୍ତିକା। କର୍ମମୟ ଜୀବନରେ ଭାଗବତକୁ ନିତ୍ୟ ପାରାୟଣ ଭାବରେ ଅଭ୍ୟାସ କରି ଭାବ, ମୁକ୍ତି ଓ ଭଲପାଇବାର ମହାମନ୍ତ୍ରକୁ ପ୍ରଜ୍ୱଳିତ କରିଥିବା ଏହି ଆଧାତ୍ମିକ ଅନୁଚିନ୍ତନ ମଣିଷକୁ କର୍ମମୟ ବନ୍ଧନ ଭିତରେ ଦିବ୍ୟ ଜୀବନର ରାସ୍ତା ଦେଖାଇଥାଏ। ଓଡ଼ିଆ ଜନଜୀବନରେ ଶ୍ରୀମଦ୍ ଭାଗବତ ଓ ଭାଗବତୀ ଟୁଙ୍ଗିର ସ୍ଥାନ ସ୍ୱତନ୍ତ୍ର। କେବଳ ଆଗକାଳେ ନୁହେଁ ବର୍ତ୍ତମାନ ବି ଓଡ଼ିଶାର ଅନେକ ଗାଁ ଗହଳିରେ ଜଡ଼ାତେଲର ଦୀପ ଶିଖା ଭିତରେ ଭାଗବତ ପାଠର ପରମ୍ପରା ବଜାୟ ରହିଛି। କେବଳ ଗ୍ରାମାଞ୍ଚଳରେ ନୁହେଁ ରାଜ୍ୟର ସହରାଞ୍ଚଳରେ ଏ ଦୃଶ୍ୟ ଆଜିକାଲି ପରିଲକ୍ଷିତ ହେଲାଣି। ବିଶେଷକରି ଯୁବପିଢ଼ୀଙ୍କୁ ଏହି ଭାଗବତ ପାଠ ଏକ ସୁସ୍ଥ ଓ ଦିବ୍ୟ ଜୀବନ ପାଇଁ ରାସ୍ତା ଦେଖାଇଥାଏ ନିଶ୍ଚୟ। ରାଜ୍ୟ ସରକାର ସମାଜରେ ଆଧାତ୍ମିକ ଭାବନାର ଉନ୍ମିଳନ ପାଇଁ ଭାଗବତର ଟୁଙ୍ଗି ପୁର୍ନପ୍ରତିଷ୍ଠା ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏକ ଆଦର୍ଶଣୀୟ କାର୍ଯ୍ୟକ୍ରମ।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ତିନି ବର୍ଷ ତଳେ ହାତକୁ ନିଆଯାଇଥିଲା ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ପୁରୀ ଜିଲ୍ଲାର ୮୯ଟି ଭାଗବତ ଟୁଙ୍ଗି ସାମିଲ କରାଯାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ଏହା ପ୍ରତିଷ୍ଠା ହୋଇଛି। ଏଥିପାଇଁ ୨୨ଲକ୍ଷ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ମିଳିଥିଲା। ଗାଁ ଗାଁରେ ରହିଛି ଭାଗବତ ଟୁଙ୍ଗି। ଦିନଥିଲା ସଞ୍ଜ ନଇଁଲେ ଭାଗବତ ଟୁଙ୍ଗିରେ ଓଡ଼ିଆ ଭାଗବତ ଗୁଞ୍ଜରିତ ହେଉଥିଲା। ଗାଁର ଲୋକମାନେ ବସି ଭାଗବତ ଶୁଣୁଥିଲେ। ଗାଁରେ ଶାନ୍ତି ସଦ୍‌ଭାବ ପ୍ରତିଷ୍ଠା କରିବାରେ ଏହି ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ସମୟ ବଦଳିବା ସାଙ୍ଗକୁ ଆଧୁନିକତାର ପ୍ରଭାବରେ ସବୁକିଛି ହଜି ଯିବାକୁ ବସିଲାଣି। ଏବେ ବି ଗାଁ ଗାଁରେ ଭାଗବତ ଟୁଙ୍ଗି ରହିଥିଲେ ହେଁ କାଁ ଭାଁ ଭାଗବତ ପଢ଼ାଯାଉଛି। ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ କରାଗଲା। ଏହି ଯୋଜନାରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଥିବା ଭାଗବତ ଟୁଙ୍ଗିକୁ ଆର୍ଥିକ ସହାୟତା ଦିଆଯାଇ ପୁନାରୁଦ୍ଧାର ପାଇଁ ସ୍ଥିର ହୋଇଥିଲା। ଏଥିଲାଗି ନୀତି ନିର୍ଦ୍ଧାରଣ କରାଗଲା। ଗାଇଡ଼ଲାଇନ ଅନୁଯାୟୀ, ପ୍ରତ୍ୟହ ଭାଗବତ ପଢ଼ା ହେଉଥିବା ଏବଂ ଲୋକଙ୍କ ସହିତ ଯୋଡ଼ି ହୋଇ ରହିଥିବା ଭାଗବତ ଟୁଙ୍ଗିକୁ ଅନୁଦାନ ଦିଆଯିବ। ଗୋଟିଏ ଭାଗବତ ଟୁଙ୍ଗିକୁ ଏକକାଳୀନ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯିବ। ସେଥିମଧ୍ୟରୁ ୧୫ ହଜାର ଟଙ୍କା ସ୍ଥାୟୀ ଜମା ରଖାଯିବ। ଭାଗବତ ଟୁଙ୍ଗିର ମୁଖ୍ୟ ଏବଂ ବିଡ଼ିଓ କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମିଳିତ ଆକାଉଣ୍ଟରେ ଉକ୍ତ ଅର୍ଥ ରହିବ। ବାକି ୧୦ ହଜାର ଟଙ୍କାରେ ବ୍ୟାସ ଆସନ ଏବଂ ମାଇକ ସେଟ୍ କିଣାଯିବ। ପ୍ରତି ଭାଗବତ ଟୁଙ୍ଗିକୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଗବତ ଯୋଗାଇ ଦିଆଯିବ। ଭାଗବତ ଟୁଙ୍ଗି ପୁନରୁଦ୍ଧାର ଯୋଜନା ସଂକ୍ରାନ୍ତରେ ବିଜ୍ଞାପନ ପ୍ରକାଶ ପାଇବ। ତାହାକୁ ଭିତ୍ତିକରି ଭାଗବତ ଟୁଙ୍ଗିଗୁଡ଼ିକ ଆବେଦନ କରିବେ। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ କମିଟି ରହିବ। ତେବେ ସହରାଞ୍ଚଳରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ପାଇଁ ସରକାରୀ ବ୍ୟବସ୍ଥା ତତ୍ପର ହେଉଥିବାବେଳେ ଗ୍ରାମାଞ୍ଚଳରେ ଯୋଗାଯୋଗର ଅଭାବରୁ କେତେକ ସ୍ଥାନରେ ଏବେ ବି ଭାଗବତ ଟୁଙ୍ଗି ସରକାରୀ ଭାବେ ପ୍ରତିଷ୍ଠା ନ ହୋଇଥିଲେ ବି ବଜାୟ ରହିଛି। ସମ୍ପ୍ରତି ସମାଜରେ ମାନବବାଦର ବା ମାନବିକତାର ଯେଉଁପରି ବିଲକ୍ଷଣ ଦେଖାଦେଇଛି ଏ ସମୟରେ ପିଲାମାନଙ୍କୁ ପିଲାବେଳ ଠାରୁ ଘରେ ଆଧାତ୍ମିକ ଭାବସମ୍ପନ୍ନ ଆମ ଓଡ଼ିଆ ଜାତିର ମହାଗ୍ରନ୍ଥ କୁହାଯାଉଥିବା ଭାଗବତ ପାଠ ଅଭ୍ୟାସ କରିବା ନିତ୍ୟାନ୍ତ ଜରୁରୀ। କେବଳ ସରକାରୀ ସାହାଯ୍ୟ ବା ସହାୟତାକୁ ନଚାହିଁ ପ୍ରତି ଗାଁ, ସାହି, ବସ୍ତୀ, ସହରରେ କିପରି ଭାଗବତ ଗାଦିର ପୁର୍ନଉଦ୍ଧାର ବା ପ୍ରତିଷ୍ଠା ହୋଇ ଶ୍ରୀମଦ୍ ଭାଗବତର ପ୍ରଚାର ପ୍ରସାର ହୋଇପାରିବ ଏ ଦିଗରେ ଦାୟିତ୍ୱ ଆମ ସମସ୍ତଙ୍କର। ଅନେକ ହୁଏତ ଜାଣିନଥିବେ ରାଜ୍ୟର ଅନେକ ମଠ, ମନ୍ଦିର, ଦେବାଳୟରେ ଏପରିକି ପୁରୀ ଶ୍ରୀମନ୍ଦିରରେ ଶ୍ରୀମଦ୍ ଭାଗବତ ପାଠର ବର୍ଷ ବର୍ଷର ପରମ୍ପରା ରହିଛି। ଆଜି ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମା ପରି ପବିତ୍ର ଅବସରରେ ଆମ ସମସ୍ତଙ୍କ ଭିତରେ ଶ୍ରୀମଦ୍ ଭାଗବତ ପାଠ ସହ ଏହାର ଆଧାତ୍ମିକ ଚିନ୍ତନକୁ ନିଜ ଭିତରେ ପ୍ରକଟିତ କରିପାରିଲେ ଏହା ହିଁ ଯଥାର୍ଥ ଭାଗବତ ଅନୁଚିନ୍ତନର ମୂଳ ଲକ୍ଷ୍ୟକୁ ପ୍ରାସଙ୍ଗିକ କରିପାରିବ ଏଥିରେ ଅତ୍ୟୁକ୍ତି ନାହିଁ। ଶ୍ରୀମଦ୍ ଭାଗବତର ସେହି ପବିତ୍ର ଧାଡ଼ି ଉଲ୍ଲେଖ କରୁଛି - 'ଏ କଳି ଯୁଗେ ଯେତେ ନରେ, ପଡ଼ିବେ ମାୟା ଅନ୍ଧକାରେ। ତାହାଙ୍କୁ ତପନ ଉଦିତ, ହୋଇବ ଭାବେ ଭାଗବତ। ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ। ଅନ୍ୟଶାସ୍ତ୍ର ଗୁଣ ଦୋଷ, ମୁଖେ ନକରିବ ପ୍ରକାଶ। ଭୁବନ ମଙ୍ଗଳ ଏ ବାଣୀ, ଶୁଣି ସଂସାରୁ ତର ପ୍ରାଣୀ। ଅଶେଷ ଭାଗବତ ତତ୍ତ୍ୱ, ଈଶ୍ୱର ବଚନ ନିର୍ମିତ। ଏଥୁ ସକଳ ଜ୍ଞାନ ପାଇ, ଅଜ୍ଞାନ ତମ ନାଶ ଯାଇ। ହୃଦୟେ ବସଇ ତତ୍‌କ୍ଷଣ, ଅନାଦି ପ୍ରଭୁ ନାରାୟଣ। ଯେଣୁ ଏ ଭାଗବତ ଯେହି, ଶ୍ରବଣ ମାତ୍ରେ ଭକ୍ତି ହୋଇ। ଶ୍ରୋତା ବକତା ଯେ ପଚାରି, ଏ ତିନିଜଣ ଯାନ୍ତି ତରି। ନାମମାତ୍ର କେ ପାପ ନାଶ, ତାରଇ ସେ ତିନି ପୁରୁଷ।'

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ**
**ମୋବାଇଲ୍: ୯୪୩୭୨୪୨୩୧୭**





# ମହାରାଷ୍ଟ୍ର ରାଜ୍ୟପାଳ ପଦ ଛାଡ଼ିଲେ ରାଧାକ୍ରିଷ୍ଣନ

**ନୂଆଦିଲ୍ଲୀ,୧୧।୯:** ନିକଟରେ ସଂସଦରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ୍ ଏନ୍‌ଡିଏ ପ୍ରାର୍ଥୀ ଭାବେ ୧୫୨ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ରାଧାକ୍ରିଷ୍ଣନ୍ ଆଜି ମହାରାଷ୍ଟ୍ର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଅନ୍ୟପକ୍ଷରେ ଆସନ୍ତାକାଲି ଶ୍ରୀ ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଶ୍ରୀ ରାଧାକ୍ରିଷ୍ଣନ ମୋଟ ୪୫୨ ଭୋଟ୍ ପାଇଛନ୍ତି। ନିର୍ବାଚନ ଜିତିବା ପରେ ଦେଶର ଉପରାଷ୍ଟ୍ରପତି କାର୍ଯ୍ୟଭାର ସମ୍ଭାଳିବେ ସିପି ରାଧାକ୍ରିଷ୍ଣନ୍। ତାମିଲନାଡୁର ନିବାସୀ ଶ୍ରୀ ରାଧାକ୍ରିଷ୍ଣନ୍ ଦୁଇ ଥର କୋଏମ୍ବାଟୁରରୁ ସାଂସଦ ଭାବେ କାର୍ଯ୍ୟ କରିଛନ୍ତି। ବିଜେପିରେ ଦୀର୍ଘ ବର୍ଷ ଧରି ସେ ସକ୍ରିୟ ଅଛନ୍ତି। ଗତ ବର୍ଷ ଜୁଲାଇ ୩୧ ତାରିଖରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ୨୦୨୩ ଫେବୃଆରୀ ୧୮ରୁ ୨୦୨୪ ଜୁଲାଇ ୩୦ ତାରିଖ ଯାଏ ଶ୍ରୀ ରାଧାକ୍ରିଷ୍ଣନ୍ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ଗତ ବର୍ଷ ମାର୍ଚ୍ଚରୁ ଅଗଷ୍ଟ ଯାଏ ପୁଡୁଚେରୀର ଉପରାଜ୍ୟପାଳ ଭାବେ ଶ୍ରୀ ରାଧାକ୍ରିଷ୍ଣନ୍ କାର୍ଯ୍ୟ କରିଥିଲେ। ସେହି ସମୟରେ ମାର୍ଚ୍ଚରୁ ଜୁଲାଇ ପର୍ଯ୍ୟନ୍ତ ସେ ତେଲଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇଥିଲେ।

ଆଜି ନେବେ ଉପରାଷ୍ଟ୍ରପତି ପଦ ପାଇଁ ଶପଥ

ଗତ ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଶ୍ରୀ ରାଧାକ୍ରିଷ୍ଣନ ଇଣ୍ଡି ମେଣ୍ଟର ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ହରାଇ ବିଜୟୀ ହୋଇଛନ୍ତି। ଜଷ୍ଟିସ୍ ରେଡ୍ଡୀ ସୁପ୍ରିମକୋର୍ଟର ବିଚାରପତି ଭାବେ ଗତ ୨୦୧୧ରେ ଅବସର ନେଇଥିଲେ। ଏଥିସହ ସେ ଓସମାନିଆ ବିଶ୍ୱବିଦ୍ୟାଳୟର ଆଇନ ପରାମର୍ଶଦାତା ଭାବେ ମଧ କାର୍ଯ୍ୟ କରିଛନ୍ତି । ୧୯୯୫ ମେ’ ୨ ତାରିଖରେ ଆନ୍ଧ୍ର ହାଇକୋର୍ଟର ସ୍ଥାୟୀ ବିଚାରପତି ଥିବା ଜଷ୍ଟିସ୍ ରେଡ୍ଡୀ ୧୯୭୧ ଡିସେମ୍ବର ୨୭ରେ ଆନ୍ଧ୍ରପ୍ରଦେଶ ବାର କାଉନସିଲରେ ଓକିଲ ଥିଲେ।

# ଆଉ ୫ ବିମାନବନ୍ଦରରେ ଏଫ୍‌ଟିଆଇ ଉଦ୍‌ଘାଟିତ

### ଭର୍ଚୁଆଲ୍ ମୋଡ୍‌ରେ ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

### ଚିକାଗୋ ଅଭିଭାଷଣ ବାର୍ଷିକୀରେ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୧୧।୯:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଆଉ ୫ଟି ବିମାନବନ୍ଦରରେ ଫାଷ୍ଟ ଟ୍ରାକ୍ ଇମିଗ୍ରେସନ (ଏଫ୍‌ଟିଆଇ)କୁ ଭର୍ଚୁଆଲ୍ ମୋଡ୍‌ରେ ଉଦଘାଟନ କରିଛନ୍ତି। ଫାଷ୍ଟ ଟ୍ରାକ୍ ଇମିଗ୍ରେସନ–ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମ୍ (ଏଫ୍‌ଟିଆଇ-ଏଫ୍‌ଟିଟିପି) ଭାରତୀୟ ନାଗରିକ ଓ ଭାରତୀୟ ନାଗରିକତା (ଓସିଆଇ) କାର୍ଡଧାରୀ ବିଦେଶୀ ନାଗରିକଙ୍କ ପାଇଁ ଡିଜାଇନ୍ ହୋଇଛି। ଟର୍ମିନାଲ-୨ ର ଡିପାର୍ଚର ଇମିଗ୍ରେସନ ଅଞ୍ଚଳରୁ ଭିଡିଓ କନଫରେନ୍ସିଂ ମାଧମରେ ଉଦଘାଟନ ହୋଇଥିଲା। ଏହି ସମୟରେ ଶ୍ରୀ ଶାହ ଚିକାଗୋରେ ବିଶ୍ୱ ଧର୍ମ ସଂସଦରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଭାଷଣର ବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ମଧ ଦେଇଥିଲେ।

ଫାଷ୍ଟ ଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମରେ ଆଉ ୫ଟି ବିମାନବନ୍ଦର ଯୋଡ଼ାଯାଉଛି। ଏହା ଆମ ପାଇଁ ଆନନ୍ଦ ଓ ଗର୍ବର ବିଷୟ ବୋଲି କହିଛନ୍ତି ଶ୍ରୀ ଶାହ। ୧୩୨ ବର୍ଷ ପୂର୍ବେ ଅର୍ଥାତ୍ ଗତ ୧୮୯୩ରେ ସ୍ୱାମୀ ବିବେକାନନ୍ଦ ଚିକାଗୋରେ ଏକ ଭାଷଣ ଦେଇଥିଲେ, ଯେଉଁଥିରେ ସେ ଭାରତ, ଏହାର ସଂସ୍କୃତି ଏବଂ ସନାତନ ଧର୍ମକୁ ବିଶ୍ୱକୁ ପରିଚିତ କରାଇଥିଲେ। ଆମେ ସାରା ବିଶ୍ୱରେ ଆମର ସଂସ୍କୃତି ଓ ସନାତନ ଧର୍ମର ନୀତିଗୁଡ଼ିକୁ ପ୍ରସାର କରିବାରେ ସଫଳ ହୋଇଛୁ ବୋଲି କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ। ଯୁଗର ପ୍ରବର୍ତ୍ତକ ସ୍ୱାମୀ ବିବେକାନନ୍ଦ ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣ ଜଣାଇବା ସହ ମଧ ଆମେ ତାଙ୍କ ଦ୍ୱାରା ପ୍ରଦର୍ଶିତ ପଥରେ ଆଗକୁ ବଢ଼ିବା ଏବଂ ସର୍ବଦା ଏହି ଦେଶର ଗୌରବ ସହିତ ଜଡିତ ରହିବୁ ବୋଲି କହିଛନ୍ତି ଅମିତ ଶାହ। ଯୋଗ୍ୟ ଆବେଦନକାରୀମାନଙ୍କୁ ଆବେଦନ ଫର୍ମ ଅନୁଯାୟୀ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ସହିତ ବାୟୋମେଟ୍ରିକ୍ସ ଆଙ୍ଗୁଠି ଚିହ୍ନ ଏବଂ ଏକ ମୁହଁ ଫଟୋଗ୍ରାଫ୍ ଦାଖଲ କରିବାକୁ ପଡିବ।




ଉପଯୁକ୍ତ ଯାଞ୍ଚ ଏବଂ ଯୋଗ୍ୟତାର ନିଶ୍ଚିତକରଣ ପରେ ନାମଲେଖା ଶେଷ ହୋଇଥାଏ। ପଞ୍ଜିକରଣ ହେବା ପରେ ଯାତ୍ରୀମାନେ ଅଂଶଗ୍ରହଣକାରୀ ବିମାନବନ୍ଦରଗୁଡ଼ିକରେ ସ୍ୱୟଂଚାଳିତ ଇ-ଗେଟ୍ ବ୍ୟବହାର କରି ସେମାନଙ୍କର ଇମିଗ୍ରେସନ୍ କ୍ଲିୟରାନ୍ସ ଶୀଘ୍ର ସମାପ୍ତ କରିପାରିବେ। ଇ-ଗେଟ୍ ସୁବିଧା ବର୍ତ୍ତମାନ ୮ଟି ପ୍ରମୁଖ ବିମାନବନ୍ଦରରେ କାର୍ଯ୍ୟକ୍ଷମ। ସେଥି ମଧରେ ରହିଛି ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚି ଓ ଅହମ୍ମଦାବାଦରେ କାର୍ଯ୍ୟକ୍ଷମ ଓ ବର୍ତ୍ତମାନ ଏହାକୁ ତିରୁବନନ୍ତପୁରମକୁ ବିସ୍ତାର କରାଯାଉଛି।

# ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀଙ୍କୁ ଗୁଳିକରି ହତ୍ୟା



**ୱାସିଂଟନ, ୧୧।୯:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଉତାହ ଭ୍ୟାଲି ୟୁନିଭର୍ସିଟିର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ବେଳେ ଚାର୍ଲି କିର୍କଙ୍କୁ କେହି ଦୁର୍ବୃତ୍ତ ଗୁଳିମାଡ଼ କରିଥିଲା। ଗୁଳି ତାଙ୍କ ବେକରେ ବାଜିଥିବା ବେଳେ ଗୁଳିକାଣ୍ଡ ସମୟରେ ଭିଜୁଆଲ କ୍ୟାମେରାରେ ମଧ କଏଦ ହୋଇଛି। ଗୁଳି ବାଜିବା ପରେ କିର୍କ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ। ୟୁନିଭର୍ସିଟି କ୍ୟାମ୍ପସର ଏକ ଖୋଲା ସ୍ଥାନରେ ଏକ ବଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭାଷଣ ଦେବା ସମୟରେ ତାଙ୍କ ଉପରକୁ ଗୁଳି ମାଡ଼ ହୋଇଥିଲା। କଞ୍ଜର୍ଭେଟିଭ୍ ୟୁଥ୍ ଆସୋସିଏସନ- 'ଟର୍ଣ୍ଣିଂ ପଏଣ୍ଟ ୟୁଏସଏ'ର ସିଇଓ ଥିଲେ କିର୍କ। ଆତତାୟୀ ଦର୍ଶକଙ୍କ ଭିତରେ ଥାଇ ଗୁଳି ମାଡ଼ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହିପରି ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁଯାୟୀ, ୫୦ରୁ ୧୦୦ ଫୁଟ ଉଚ୍ଚରୁ କିର୍କଙ୍କୁ ଗୁଳି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ଲୋକ ଏକାଠି ହୋଇଥିଲେ। ନିଜେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରି ଚାର୍ଲିଙ୍କ ମୃତ୍ୟୁ ଖବର ସର୍ବସାଧାରଣରେ ସୂଚନା ଦେଇଛନ୍ତି। ଚାର୍ଲିଙ୍କୁ ମହାନ ଓ କିଂବଦନ୍ତୀ କହିବା ସହ ଶୋକ ପ୍ରକାଶ କରିଛନ୍ତି ଟ୍ରମ୍ପ। ଚାର୍ଲିଙ୍କ ମୃତ୍ୟୁ ଆମେରିକା ପାଇଁ କଳା ମୁହୂର୍ତ୍ତ ବୋଲି ସେ ମତ ଦେଇଛନ୍ତି। ଏହି ମାମଲାରେ ୨ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ପରେ ପୁଲିସ୍ ଛାଡ଼ିଦେଇଥିବା ଜଣାପଡ଼ିଛି। କିନ୍ତୁ ଏଫ୍‌ବିଆଇ ଏହି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀଙ୍କ ଉତ୍ତରାଖଣ୍ଡ ଗସ୍ତ



୧୨୦୦ କୋଟିର ପ୍ୟାକେଜ୍ ଘୋଷଣା

**ଡେରାଡୁନ,୧୧।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବନ୍ୟା ପ୍ରପୀଡ଼ିତ ଉତ୍ତରାଖଣ୍ଡ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଡେରାଡୁନଠାରେ ବିଭିନ୍ନ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ବନ୍ୟା ପୀଡ଼ିତ ପରିବାର ସହ ମଧ୍ୟ କଥାବାର୍ତ୍ତା ହୋଇଛନ୍ତି। ବନ୍ୟା ଓ ବାଦଲଫଟା ବର୍ଷା ଯୋଗୁଁ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ଅଞ୍ଚଳ ପାଇଁ ମୋଦି ୧୨୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହାସହ ପ୍ରାକୃତିକ ଦୁର୍ବିପାକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପାଇଁ ୨ ଲକ୍ଷ ଓ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ବି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ବନ୍ୟା ଓ ଭୂସ୍ଖଳନରେ ପିତାମାତାଙ୍କୁ ହରାଇଥିବା ପିଲାଙ୍କ ନିମନ୍ତେ ପିଏମ୍ କେୟାର ପଣ୍ଡରୁ ଶିଶୁ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ବନ୍ୟାପ୍ରପୀଡ଼ିତଙ୍କୁ ସହାୟତା ଯୋଗାଉଥିବା ଏନଡିଆରଏଫ, ଏସଡିଆରଏଫ ଓ ଆପଦ ମିତ୍ରଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଧରାପଡ଼ିଲେ ୫ ଆଇଏସ୍‌ଆଇଏସ୍ ଆତଙ୍କୀ



**ନୂଆଦିଲ୍ଲୀ,୧୧।୯:** ଆତଙ୍କୀ ସଂଗଠନ ଆଇଏସ୍‌ଆଇଏସ୍‌ର ବଡ଼ ଧରଣର ଏକ ଆତଙ୍କୀ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ଦିଲ୍ଲୀ ପୁଲିସ୍। ପାକିସ୍ତାନ ଲିଙ୍କ୍ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ୍ ହୋଇଛି। ବିଭିନ୍ନ ରାଜ୍ୟରୁ ୫ ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କ ସମେତ ଅସ୍ତ୍ରଶସ୍ତ୍ର ଓ ଆଇଇଡି ତିଆରି ସାମଗ୍ରୀ ମଧ୍ୟ ଜବତ କରାଯାଇଛି। କେନ୍ଦ୍ରୀୟ ଏଜେନ୍ସି ସହାୟତାରେ ଦିଲ୍ଲୀ ପୁଲିସ ଏହି ଆତଙ୍କୀ ନେଟୱାର୍କର ପର୍ଦ୍ଦାଫାସ୍ କରିଛି। ଦିଲ୍ଲୀ, ମଧ୍ୟପ୍ରଦେଶ, ହାଇଦ୍ରାବାଦ ଓ ରାଞ୍ଚିରୁ ଏହି ଆତଙ୍କୀମାନେ ଧରାପଡ଼ିଛନ୍ତି। ଏହି ମଡ୍ୟୁଲ୍ ଆଇଏସ୍‌ଆଇଏସ୍‌ର ନିର୍ଦ୍ଦେଶ କ୍ରମେ ଦିଲ୍ଲୀରେ ରାସାୟନିକ ବୋମା ଜରିଆରେ ବଡ଼ ଧରଣର ଆକ୍ରମଣ କରିବା ଯୋଜନାରେଥିଲେ। ଏ ସଂକ୍ରାନ୍ତରେ ଦିଲ୍ଲୀ ପୁଲିସ ଦେଇଥିବା ସୂଚନାନୁଯାୟୀ, ଏହି ଆତଙ୍କୀ ନେଟୱାର୍କ ରାସାୟନିକ ବୋମା ପ୍ରସ୍ତୁତିରେ ବେଶ୍ ମାହିର୍। ଏମାନେ ଦିଲ୍ଲୀରେ କୌଣସି ବଡ଼ ଧରଣର ଆକ୍ରମଣ କରିବା ଯୋଜନାରେ ଥିଲେ। ହେଲେ ଆଇଏସ୍‌ଆଇଏସ୍‌ର ଏହି ଆତଙ୍କୀ ଷଡ଼ଯନ୍ତ୍ରକୁ ପଣ୍ଡ କରିଦିଆଯାଇଛି। ଏବେବି ସର୍ଚ୍ଚ ଅପରେସନ ଚାଲିଛି। ଏଥିସହ ଏହି ନେଟୱାର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଛାନଭିନ୍ ଜାରି ରହିଛି।

# ଆଇଇଡି ବିସ୍ଫୋରଣ: ୨ ଯବାନ ଆହତ

**ଦାନ୍ତେୱାଡା,୧୧।୯:** ଛତିଶଗଡ଼ର ଦନ୍ତେୱାଡାରେ ଏକ ଆଇଇଡି ବିସ୍ଫୋରଣ ଘଟିଛି। ଦନ୍ତେୱାଡାର ମାଲେଭାହି ଶିବିରରୁ ୮୦୦ ମିଟର ଦୂରରେ ନକ୍ସଲମାନେ ଲଗାଇଥିବା ଆଇଇଡି ବାହିନୀର ଅଞ୍ଚଳ ଦଖଲ ସମୟରେ ଏହି ବିସ୍ଫୋରଣ ହୋଇଥିଲା। ଏହି ଆଇଇଡି ବିସ୍ଫୋରଣରେ ସିଆରପିଏଫ ୧୯୫ ବାଟାଲିୟନର ଦୁଇ ଜଣ ସୈନିକ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ସେମାନେ ବିପଦମୁକ୍ତ ଥିବା ସେନା ପକ୍ଷରୁ କୁହାଯାଇଛି। ସୁରକ୍ଷା ବାହିନୀ ଅଞ୍ଚଳରେ ନକ୍ସଲମାନଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନକୁ ଜୋରଦାର କରିଛି। ଗତ ମାସରେ ଛତିଶଗଡ଼ର ବିଜାପୁର-ସୁକମା ଜିଲ୍ଲାର ସୀମାନ୍ତସ୍ଥିତ ସିଲଗେର ଗାଁରେ ନକ୍ସଲମାନେ ଲକ୍ଷ୍ମଣ ବଡ଼ସେ ନାମକ ଜଣେ ଶିକ୍ଷାବିତ୍‌ଙ୍କୁ ପୁଲିସ୍ ସୂଚନାଦାତା ସନ୍ଦେହ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ।

# ନୌସେନାର ପ୍ରଥମ ସ୍ୱଦେଶୀ ୩ଡି ଏୟାର ସର୍ଭିଲେନ୍ସ ରାଡାର



**ନୂଆଦିଲ୍ଲୀ,୧୧।୯:** ଟାଟା ଆଡଭାନ୍ସ ସିଷ୍ଟମ ଲିମିଟେଡ୍ (ଟିଏଏସଏଲ) ସ୍ପେନର ଡିଫେନ୍ସ କମ୍ପାନୀ ଇନ୍ଦ୍ରା ସହ ମିଶି ଭାରତୀୟ ନୌସେନା ପାଇଁ ପ୍ରଥମ ୩ଡି ଏୟାର ସର୍ଭିଲାନ୍ସ ରାଡାର (୩ଡି - ଏଏସଆର) - ଲାଞ୍ଜା - ଏନ କମିଶନ କରିଛି। ଏହି ରାଡାର ଏକ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଉପରେ ଲଗାଯାଇଛି। ଏହା ଭାରତର ପ୍ରତିରକ୍ଷା ଆତ୍ମନିର୍ଭରତା ଦିଗରେ ଏକ ବଡ଼ ପଦକ୍ଷେପ। ଲାଞ୍ଜା - ଏନ୍ ଇନ୍ଦ୍ରାର ଲାଞ୍ଜା ୩ଡି ରାଡାରର ନୌସୈନିକ ସଂସ୍କରଣ , ଯାହା ଦୁନିଆର ସବୁଠୁ ଆଡଭାନ୍ସ ଲଙ୍ଗ୍-ରେଞ୍ଜ ଏୟାର ଡିଫେନ୍ସ ଓ ଆଣ୍ଟି-ମିସାଇଲ ରାଡାର ମଧ୍ୟରୁ ଗୋଟିଏ। ଏହା ରାଡାରା ଆକାଶ ଓ ଭୂପୃଷ୍ଠ ଉଭୟ ଲକ୍ଷ୍ୟକୁ ୩ଡିରେ ଟ୍ରାକ୍ କରିଥାଏ। ଏହାର ରେଞ୍ଜ ୨୫୪ ନଟିକାଲ ମାଇଲ୍ସ ( ପାଖାପାଖି ୪୭୦ କି.ମି)। ଏହି ଡ୍ରୋନ୍, ସୁପରସୋନିକ ଫାଇଟ୍ର ଜେଟ୍ , ଆଣ୍ଟି - ରେଡିଏସନ ମିସାଇଲ ଓ ନୌସୈନିକ ପ୍ଲାଟଫର୍ମକୁ ଧରି ପାରେ। ଏହା ଖରାପ ପାଣିପାଗରେ ମଧ୍ୟ କାମ କରିଥାଏ ଏବଂ ଶତ୍ରୁର ଆକ୍ରମଣକୁ ରୋକିବାରେ ସକ୍ଷମ ଥାଏ। ଏହି ପ୍ରଥମ ଥର ଯେବେ ଲାଞ୍ଜା-ଏନ୍ ରାଡାର ସ୍ପେନ୍ ବାହାରେ କାମ କରିବ। ଇନ୍ଦ୍ରା ଏହାକୁ ଭାରତୀୟ ମହାସାଗରର ଆର୍ଦ୍ରତା ଓ ଉତ୍ତାପ ପାଇଁ ଅନୁକୂଳ କରିଛି । ରାଡାରକୁ ଯୁଦ୍ଧଜାହାଜର ସବୁ ସିଷ୍ଟମ ସହ ଯୋଡ଼ା ଯାଇଛି।

ଭାରତ-ନେପାଳ ସୀମାରେ ୩୫ ଗିରଫ

# ୧୫ ହଜାର କଏଦୀ ଫେରାର୍ ଗୁଳିମାଡ଼ରେ ୨ ମୃତ

ନେପାଳ,୧୧।୯: ନେପାଳରେ ଉତ୍ତେଜନା ଥମିବାରେ ନାଁ ଧରୁନି। ରାଜନୈତିକ ଅସ୍ଥିରତା ଲାଗି ରହିଛି। ନେପାଳର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୫ ହଜାରରୁ କଏଦୀ ଜେଲରୁ ଖସି ପଳାଇଛନ୍ତି। ଆଉ ଜେଲରୁ ଫେରାର ହେଉଥିବା କଏଦୀଙ୍କ ଉପରେ ଗୁଳିମାଡ଼ ହୋଇଛି। ଯେଉଁଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ନେପାଳର ରାମେଛାପରେ ଜେଲରୁ କଏଦୀମାନେ ଖସିଯିବାକୁ ଚେଷ୍ଟା କରିଥିଲେ। ସେନା ଗୁଳିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଏହାଛଡ଼ା ସେନା ସହ ଗୁଳିମାଡ଼ର ୧୦ରୁ ଅଧିକ କଏଦୀ ଆହତ ମଧ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ କେପି ଓଲି ଶର୍ମା ଇସ୍ତଫା ଦେବା ପରେ ସେନା ହାତକୁ ନେପାଳର ଶାସନ କ୍ଷମତା ଯାଇଛି। ଏହାପରେ ସେନାର ପ୍ରଥମ କାର୍ଯ୍ୟାନୁଷ୍ଠାନ ନେଇଛି। ପୂର୍ବରୁ ଏସ୍‌ଏସ୍‌ବି କାଠମାଣ୍ଡୁ ଜେଲ ଭାଙ୍ଗି ପଳାଇଥିବା ଜଣେ ବାଂଲାଦେଶୀ ନାଗରିକଙ୍କୁ ଧରିଥିଲା। ଏହି ବ୍ୟକ୍ତି ସୁନା ଚୋରା ଚାଲାଣ ଅଭିଯୋଗରେ ନେପାଳରେ ପାଞ୍ଚ ବର୍ଷ ପାଇଁ ଜେଲରେ ବନ୍ଦୀ ଥିଲେ। ବିହାର-ନେପାଳ ସୀମାର ରକ୍ସୌଲ ସୀମାର ସୁରକ୍ଷାରେ ନିୟୋଜିତ ଏସ୍‌ଏସ୍‌ବିର ୪୭ତମ ବାଟାଲିୟନ ଜଣେ ବାଂଲାଦେଶୀ ନାଗରିକ ମହମଦ ଅବୁଲ ହାସନ ଧାଲିଙ୍କୁ ଅଟକ ରଖିଛି।



ସେନା ଗୁଳିରେ ୧୦ରୁ ଉର୍ଦ୍ଧ୍ୱ କଏଦୀ ଆହତ

ଅନ୍ୟପକ୍ଷରେ ନେପାଳ ଜେଲ୍‌ରୁ ଫେରାର୍ ହୋଇଥିବା କଏଦୀଙ୍କ ମଧ୍ୟରୁ କେତେକ ଭାରତ ସୀମାରେ ପ୍ରପ୍ରବେଶ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କୁ ଭାରତ-ନେପାଳ ସୀମାରୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶରୁ ୨୨ ଜଣ, ବିହାରରୁ ୧୦ ଜଣ ଓ ପଶ୍ଚିମବଙ୍ଗରୁ ୩ ଜଣଙ୍କୁ ଗିରଫ ହୋଇଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ସକାଶେ ସୀମାରେ ହାଇଆଲର୍ଟ ଜାରି କରାଯାଇଛି। ଏସଏସବିର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗିରଫ ହୋଇଥିବା କଏଦୀମାନେ କାଠମାଣ୍ଡୁ ସ୍ଥିତ ଡେଲିବଜାର ଜେଲ୍‌ରୁ ଫେରାର୍ ହୋଇଥିଲେ। ଏମାନଙ୍କ ନିକଟରେ କୌଣସି ବୈଧ ପ୍ରମାଣପତ୍ର ନାହିଁ।

ପିଆଇଏଲ୍‌ର ତ୍ୱରିତ ଶୁଣାଣି ପାଇଁ ମନାକଲେ ସୁପ୍ରିମ୍‌କୋର୍ଟ

# ଏସିଆ କପ୍‌ରେ ଭାରତ-ପାକ୍ ମ୍ୟାଚ୍ ଖେଳାଯିବ

ନୂଆଦିଲ୍ଲୀ,୧୧।୯: ଚଳିତ ଏସିଆ କପ୍ ଗତ ୯ ତାରିଖରୁ ଆରମ୍ଭ ହୋଇସାରିଛି। ଏହି ପ୍ରତିଯୋଗିତାରେ ଆସନ୍ତା ୧୪ ତାରିଖରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧରେ ଲଢ଼େଇ ହେବ। ଏହି ରୋମାଞ୍ଚକର ମ୍ୟାଚକୁ ପ୍ରଶଂସକମାନେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଆଜି ଏହି ମ୍ୟାଚ୍‌କୁ ନେଇ ଦାଖଲ ଏକ ମାମଲାର ଶୁଣାଣି କରିବା ସମୟରେ ସୁପ୍ରିମ୍‌କୋର୍ଟ ପ୍ରଶଂସକମାନଙ୍କ ଉତ୍କଣ୍ଠାରେ ଭଙ୍ଗା ପଡ଼ିବାକୁ ଦେଇନାହାନ୍ତି। ବରଂ ଉକ୍ତ ମ୍ୟାଚ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀ କ୍ରମେ ଜାରି ରହିବ ବୋଲି ସୁପ୍ରିମ୍‌କୋର୍ଟ ଶୁଣାଣି କରିଥିବାରୁ ପ୍ରଶଂସକମାନେ ଆହୁରି ଅଧିକ ଉତ୍ସାହିତ ହୋଇଛନ୍ତି। ଏସିଆ କପରେ ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ବାତିଲ ହେବା ଉଚିତ ବୋଲି ଦର୍ଶାଇ ଜନୈକ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଖଲ କରିଥିଲେ। ଏହି ମାମଲାର ଜରୁରୀ ଶୁଣାଣି ପାଇଁ ହୋଇଥିବା ଆବେଦନକୁ ମଧ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।



ଜଷ୍ଟିସ ଜେକେ ମାହେଶ୍ୱରୀ ଓ ଜଷ୍ଟିସ ବିଜୟ ବିଷ୍ଣୋୟୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୪ ତାରିଖ ରବିବାର ଥିବାରୁ ଆବେଦନକାରୀ ଆସନ୍ତାକାଲି ଏହି ପିଆଇଏଲର ଶୁଣାଣି ପାଇଁ ତାଙ୍କ ଆବେଦନରେ ନିବେଦନ କରିଥିଲେ। ସେ ଯୁକ୍ତି ଦର୍ଶାଇଥିଲେ ଯେ ମ୍ୟାଚ୍‌ଟି ରବିବାର ଖେଳାଯିବାକୁ ସ୍ଥିର ହୋଇଛି। ତେଣୁ ତୁରନ୍ତ ଶୁଣାଣି ନ ହେଲେ ଆବେଦନ ନିରର୍ଥକ ହୋଇଯିବ। କିନ୍ତୁ କୋର୍ଟ ଆବେଦନକାରୀଙ୍କ ଯୁକ୍ତିକୁ ଅସ୍ୱୀକାର କରିଛନ୍ତି। କୋର୍ଟ କହିଛନ୍ତି ଯେ ଶୁଣାଣି ଏତେ ଜରୁରୀ କାହିଁକି? ଏହା କେବଳ ଗୋଟିଏ ମ୍ୟାଚ୍, ତେଣୁ ଏହାକୁ ହେବାକୁ ଦିଆଯାଉ। ମ୍ୟାଚ୍ ରବିବାର ଖେଳାଯିବାର ଅଛି, ଏଥିରେ ଆମେ କ’ଣ କରିପାରିବୁ? ମ୍ୟାଚ୍ ଚାଲିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ ଯେ ୪ ଜଣ ଆଇନ୍ ଛାତ୍ରଛାତ୍ରୀ ମ୍ୟାଚ୍ ବାତିଲ ପାଇଁ ପିଆଇଏଲ ଦାଖଲ କରିଥିଲେ। ସେମାନଙ୍କ ଦାବି ଥିଲା ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ‘ଅପରେସନ୍ ସିନ୍ଦୂର’ରେ ଭାରତୀୟ ସେନା ଏବଂ ସାଧାରଣ ନାଗରିକଙ୍କ ଜୀବନ ଯାଇଥିଲା। ତେଣୁ ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ଆୟୋଜନ ‘ରାଷ୍ଟ୍ରୀୟ ସମ୍ମାନ, ସୁରକ୍ଷା ଏବଂ ଜନଭାବନାକୁ’ ଆଘାତ ଦେବ। ଆବେଦନକାରୀଙ୍କ ଯୁକ୍ତି କ୍ରିକେଟକୁ କେବେ ବି ରାଷ୍ଟ୍ରୀୟ ସ୍ୱାର୍ଥ, ନାଗରିକଙ୍କ ଜୀବନ ବା ସେନାଙ୍କ ବଳିଦାନରୁ ଉପରେ ରଖାଯାଇପାରିବ ନାହିଁ। କେବଳ ସେତିକି ନୁହଁ, ଜାତୀୟ କ୍ରୀଡ଼ା ଆଇନ କାର୍ଯ୍ୟକାରୀ ବିସିସିଆଇ ପରି ସଂଗଠନକୁ ଜାତୀୟ କ୍ରୀଡ଼ା ମହାସଂଘ ଅଧୀନରେ ଆଣିବାକୁ ମଧ ଦାବି ହୋଇଛି।

ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ପରେ ପାକିସ୍ତାନ ସହ ଦ୍ୱିପାକ୍ଷିକ କ୍ରିକେଟ୍ ମ୍ୟାଚ୍ ବନ୍ଦ ରହିଛି। କିନ୍ତୁ ଏସିଆ କପ ପରି ବହୁଦଳୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଭାରତ ସରକାରଙ୍କର ଅନୁମତି ରହିଛି। ଚଳିତ ଏସିଆ କପ୍-୨୦୨୫ ଦୁବାଇ ଏବଂ ଆବୁଧାବିରେ ଆୟୋଜିତ ହେଉଛି।

# ଇ୨୦ର ନକାରାତ୍ମକତାର ପ୍ରଚାର କରାଯାଉଛି: ଗଡ଼କରୀ

### ନିଶୁଳ୍କ ଅଭିଯାନ ଚାଲିଥିବା ଅଭିଯୋଗ ଆଣିଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ,୧୧।୯: କେନ୍ଦ୍ରୀୟ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସମ୍ପ୍ରତି ସୋସିଆଲ ମିଡିଆରେ ଇ୨୦ ଇନ୍ଧନର ସମାଲୋଚନା ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମାଲୋଚନା କୌଣସି ଯାନ୍ତ୍ରିକ ସମସ୍ୟା ଯୋଗୁ ନୁହେଁ, ବରଂ ଧନୀ ଓ ଶକ୍ତିଶାଳୀ ପେଟ୍ରୋଲ ଲବି ଦ୍ୱାରା ପ୍ରସାରିତ ହେଉଥିବା ଏକ ଅପପ୍ରଚାର ମାତ୍ର। ଏଥିସହ ତାଙ୍କ ବିରୋଧରେ ଏକ ଦେୟଯୁକ୍ତ ଅଭିଯାନ ମଧ ଚାଲିଛି ବୋଲି ମନ୍ତ୍ରୀ ଅଭିଯୋଗ କରିଛନ୍ତି।

ତାଙ୍କ କହିବାନୁସାରେ, ଇ୨୦ ଇନ୍ଧନ ପେଟ୍ରୋଲ ଏବଂ ଇଥାନଲର ମିଶ୍ରଣ। ଏଥିରେ ୮୦ ପ୍ରତିଶତ ପେଟ୍ରୋଲ ଏବଂ ୨୦ ପ୍ରତିଶତ ଇଥାନଲ ରହିଛି। ସରକାର ଏହାକୁ ସବୁଜ ଶକ୍ତି ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରୁଛନ୍ତି। କିନ୍ତୁ ସୋସିଆଲ ମିଡିଆରେ କେତେକ ୟୁଜର୍ସ ଏହା ଯାନର ମାଇଲେଜ ହ୍ରାସ କରିବା ସହ ଇଞ୍ଜିନକୁ ପ୍ରଭାବିତ କରିବ ବୋଲି ପ୍ରଚାର ହେଉଛି, ଯାହାକି ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ଗଡ଼କରୀ କହିଛନ୍ତି।




ଫେଡେରେସନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏସନ (ଫାଡା) ପକ୍ଷରୁ ଆୟୋଜିତ ଅଟୋ ରିଟେଲ କନକ୍ଲେଭରେ ଭାଷଣ ଦେଇ ଗଡକରୀ କହିଛନ୍ତି ଯେ ସବୁଠି ଲବି ଅଛି। କିନ୍ତୁ ଇ୨୦ ଇନ୍ଧନ ସମ୍ପର୍କରେ ସୋସିଆଲ ମିଡିଆରେ ଯେଉଁ ଗୁଜବ ପ୍ରଚାର କରାଯାଉଛି, ତାହା ପେଟ୍ରୋଲ ଲବି ଦ୍ୱାରା ପ୍ରସାରିତ ହେଉଛି। ଏହି ପ୍ରଯୁକ୍ତିବିଦ୍ୟା ଭାରତକୁ ଶକ୍ତି ସ୍ୱାବଲମ୍ବନ ଆଡ଼କୁ ନେଇଯିବ ଓ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ବୋଧହୁଏ ସେମାନେ ଭୁଲିଯାଇଛନ୍ତି। ଏହି ପ୍ରସଙ୍ଗରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ ମାଇଲେଜ ଉପରେ ଇ୨୦ ଇନ୍ଧନର ପ୍ରଭାବକୁ ଅତିରଞ୍ଜିତ କରି ପ୍ରସାରିତ କରାଯାଉଛି। ଇ୨୦କୁ ଫେରିବାର ବିକଳ୍ପ ପ୍ରଦୂଷଣ ଓ ଶକ୍ତି ପରିବର୍ତ୍ତନ ସମ୍ବନ୍ଧୀୟ ଭାରତର ଏପର୍ଯ୍ୟନ୍ତର ସଫଳତାକୁ ପଛରେ ପକାଇଦେବ ବୋଲି ଗଡ଼କରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଭାରତ ପୂର୍ବରୁ ନୂତନ ବ୍ୟାଟେରି ପ୍ରଯୁକ୍ତିବିଦ୍ୟା ଉପରେ କାମ କରୁଛି। ଦେଶର ଷ୍ଟାର୍ଟଅପ୍‌ଗୁଡ଼ିକ ସୋଡିୟମ ଆୟନ, ଲିଥିୟମ ଆୟନ, ଜିଙ୍କ ଆୟନ ଓ ଆଲୁମିନିୟମ ଆୟନ ବ୍ୟାଟେରି ଉପରେ ଗବେଷଣା କରୁଛନ୍ତି। ଏଥିସହ ପୁରୁଣା ଯାନବାହାନର ସ୍କ୍ରାପ କରିବାରୁ ବିରଳ ଧାତୁ ଓ ଅନ୍ୟାନ୍ୟ ଧାତୁ ବାହାର କରାଯାଇପାରିବ। କିଛି ବର୍ଷ ତଳେ ଭାରତ ସେମିକଣ୍ଡକ୍ଟର ଚିପ୍ସ ପାଇଁ ସମ୍ପୂର୍ଣ୍ଣ ଭାବେ ଚୀନ୍ ଉପରେ ନିର୍ଭରଶୀଳ ଥିଲା, ଯେଉଁଥିପାଇଁ ଅଟୋମୋବାଇଲ ଶିଳ୍ପ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଥିଲା। କିନ୍ତୁ ବର୍ତ୍ତମାନ ଭାରତରେ ହିଁ ଚିପ ଉତ୍ପାଦନ ଆରମ୍ଭ ହୋଇଛି। ଏହି ଆତ୍ମନିର୍ଭରଶୀଳତା ଭବିଷ୍ୟତରେ ଇନ୍ଧନ ଓ ବ୍ୟାଟେରୀ କ୍ଷେତ୍ରରେ ମଧ ପରିଲକ୍ଷିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଶ୍ରୀ ଗଡକାରୀ କହିଛନ୍ତି ଯେ ପେଟ୍ରୋଲ ଓ ଡିଜେଲ ଯାନର ଚାହିଦା ଏବେ ହ୍ରାସ ପାଇବାର ନାହିଁ। ପ୍ରତିବର୍ଷ ଅଟୋମୋବାଇଲ ଉତ୍ପାଦନ ୧୫ରୁ ୨୦ ପ୍ରତିଶତ ବୃଦ୍ଧି ପାଉଛି ଏବଂ ଅନ୍ତର୍ଜାତୀୟ ବଜାର ପରିସର ବି ଯଥେଷ୍ଟ ବ୍ୟାପକ। ଅର୍ଥାତ୍ ବର୍ତ୍ତମାନ ପାଇଁ ପେଟ୍ରୋଲ ଓ ଡିଜେଲ ଯାନ ବିକ୍ରି ଜାରି ରହିବ। କିନ୍ତୁ ବିକଳ୍ପ ଇନ୍ଧନ ଓ ପ୍ରଯୁକ୍ତିବିଦ୍ୟା ଧୀରେ ଧୀରେ ସେମାନଙ୍କ ସ୍ଥିତିକୁ ମଜବୁତ କରିବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି। ସେ ଯେତେବେଳେ ମନ୍ତ୍ରୀ ପଦ ଗ୍ରହଣ କରିଥିଲେ, ସେତେବେଳେ ଭାରତର ଅଟୋମୋବାଇଲ ଶିଳ୍ପର ଆକାର ୧୪ ଲକ୍ଷ କୋଟି ଥିଲା। କିନ୍ତୁ ଏହା ଆଜି ୨୨ ଲକ୍ଷ କୋଟିରେ ପହଞ୍ଚିସାରିଛି। ବିଶ୍ୱ ସ୍ତରରେ ଆମେରିକା ୭୮ ଲକ୍ଷ କୋଟି ସହ ପ୍ରଥମ ସ୍ଥାନରେ ଥିବା ବେଳେ ୪୭ ଲକ୍ଷ କୋଟି ସହ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦୌଡ଼ରେ ଭାରତ ତୃତୀୟ ସ୍ଥାନରେ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି।

## ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

**ପୁରୀ,୧୧।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ପୁଣି ଥରେ ଡ୍ରୋନ୍ ଉଡ଼ିଛି। ଶ୍ରୀମନ୍ଦିର ନୀଳଚକ୍ର ଉପରେ ପଇଁତରା ମାରି ସିଂହଦ୍ୱାର ଏବଂ ପରେ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରି ଭାଗରେ ପ୍ରାୟ ୧୫ ମିନିଟ କାଳ ପଇଁତରା ମାରିଛି। ଏହା କେଉଁଠାରୁ ଡ୍ରୋନ ଅପରେଟ ହେଉଛି ଓ କିଏ ଅପରେଟ୍ କରୁଛି ତାହା ଜଣାପଡ଼ିନାହିଁ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି। ଶ୍ରୀମନ୍ଦିର ଆକାଶ ଉପରେ ବାରମ୍ବାର ଡ୍ରୋନ୍ କ୍ୟାମେରା ବୁଲୁଛି। ମନ୍ଦିରର ଭିତର ପାର୍ଶ୍ୱ ଫଟୋ ଓ ଭିଡିଓ ଭାଇରାଲ ହେବା ଘଟଣା ନୂଆ ନୁହେଁ। ବାରମ୍ବାର ଏଭଳି ଘଟଣା କୋଟିକୋଟି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଉଛି। ସୂଚନାଯୋଗ୍ୟ ଏହା ପୂର୍ବରୁ ମଧ୍ୟ ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ଉଡୁଥିବା ଦେଖିବାକୁ ମିଳିଛି। ଡ୍ରୋନ୍ କ୍ୟାମେରାର ଭିଡିଓ ଭାଇରାଲ୍ ହେବା ପରେ ପୁଲିସ ତନାଘନା କରିଛି। ଗତ ଜୁନ ମାସରେ ଜଣାପଡ଼ିଥିଲା ଯେ, ଉତ୍ତରପ୍ରଦେଶର ହିମାଂଶୁ ନାମକ ଜନୈକ ବ୍ୟକ୍ତିଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ୍‌ରୁ ଏହା ଭାଇରାଲ୍ ହୋଇଥିବା ଜଣାପଡ଼ିବା ପରେ ହିମାଂଶୁ ନିଜ ଆକାଉଣ୍ଟରୁ ଏହି ଭିଡିଓଟିକୁ ଡିଲିଟ୍ କରି ଦେଇଥିଲେ। ଏ ନେଇ ସିଂହଦ୍ୱାର ଥାନାରେ ହେମନ୍ତ କୁମାର ପାଢ଼ୀ ଅଭିଯୋଗ କରିବାରୁ ପୁଲିସ ୮୨/୨୫ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜୁନ ୧ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ସୋସିଆଲ୍ ମିଡିଆରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବାର ଭିଡିଓ ଭାଇରାଲ୍ ହୋଇଥିଲା। ଏହି ଭିଡିଓରେ ଚୁନରା ସେବାୟତ ବାନା ବାନ୍ଧିବାକୁ ଯିବା ସମୟର ଦୃଶ୍ୟକୁ ଡ୍ରୋନ୍ ମାଧ୍ୟମରେ ରେକର୍ଡିଂ କରାଯାଇଥିବା ବେଳେ ଚୁନରା ସେବାୟତ ନମସ୍କାର କରୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ କେନ୍ଦ୍ର କରି ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସରିଲା ରତ୍ନଭଣ୍ଡାର ମରାମତି କାମ

■ ଅକ୍ଟୋବରରେ ଗଣତି ମଣତି ଓ ହୁଣ୍ଡି ସ୍ଥାନାନ୍ତରଣ କାମ ଶେଷ ହେବ

**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି କାମ ସଂପୂର୍ଣ୍ଣ ହୋଇଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହୋଇଥିବାରୁ ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି ମଣତି ପ୍ରକ୍ରିୟା ଖୁବ ଶୀଘ୍ର ଆରମ୍ଭ ହେବ। ଏହି କାମ ଚଳିତ ମାସରେ କରାଯିବା ପାଇଁ ଚେଷ୍ଟା କରାଯାଉଛି। ଅକ୍ଟୋବର ମଧ୍ୟରେ ଗଣତି ମଣତି ଓ ହୁଣ୍ଡି ସ୍ଥାନାନ୍ତରଣ କାମ ଶେଷ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଧାଡ଼ି ଦର୍ଶନ ପୂର୍ବରୁ ହୁଣ୍ଡି ସ୍ଥାନାନ୍ତରଣ ପାଇଁ ଏକ ରିଜଲ୍ୟୁସନ ଆସିବ। ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଗିବ। ଏହା ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଯିବ।

## ରୋଟାରୀ କ୍ଲବ୍ ଖାରବେଳର ପୋଷ୍ୟ ସ୍କୁଲ 'ଆବାସିକ ଶିଶୁ ବିଦ୍ୟାମନ୍ଦିର'



**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ) :** ରୋଟାରୀ କ୍ଲବ ଖାରବେଳ- କଳିଙ୍ଗ ନଗର ପକ୍ଷରୁ ତା ୧୧.୯.୨୫ରିଖ ସ୍ଥାନୀୟ ଭୋଲା ଗାଁ ଠାରେ ଅବସ୍ଥିତ ଆବାସିକ ଶିଶୁ ବିଦ୍ୟାମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି । ଉତ୍ସବରେ କ୍ଲବର ସଭାପତି ଆଡଭୋକେଟ୍ ରୋଟାରୀଆନ ଦିଲ୍ଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପୂର୍ବତନ ପ୍ରାନ୍ତପାଳ ଶିବବ୍ରତ ଦାଶ,ଉପ-ପ୍ରାନ୍ତପାଳ ଡକ୍ଟର ଶିଶିର କାନ୍ତ ଷଡ଼ଙ୍ଗୀ ଯୋଗ ଦେଇ ବୃକ୍ଷ ରୋପଣ, ପୋଷ୍ୟ ସ୍କୁଲ,ପାଠାଗାର ଏବଂ ଜଳ ବିଶୁଦ୍ଧ କରଣ ଉପକରଣକୁ ଉଦଘାଟନ କରିଥିଲେ। ସେଠାରେ ବାସ କରୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତର ୧୪୦ ଜଣ ଗରିବ ପିଲାମାନଙ୍କୁ ଏକ ଉତ୍ତମ ଶିକ୍ଷା ଦେଉଥିବା ସ୍କୁଲର ଉପଦେଷ୍ଟା ଗୌରହରି ପାତ୍ର ତଥା ଅଧ୍ୟକ୍ଷା ସୁମିତ୍ରା ମିଶ୍ରଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ପିଲାମାନଙ୍କ ଦ୍ୱାରା " ଗଛଟିଏ ମୁଁ ଗଛଟିଏ" ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। କ୍ଲବର ସଭ୍ୟ ଡଃ କିଶୋର ଚନ୍ଦ୍ର ସ୍ୱାଇଁ ,ରମେଶ ଚନ୍ଦ୍ର ମହାନ୍ତି,କର୍ଣ୍ଣେଲ ଏସ୍.ଜେ.ରାଓ, ସୁରେନ୍ଦ୍ର ନାଥ ତ୍ରିପାଠୀ, ପି.ଏସ୍.ଏନ୍ ପାତ୍ର ,ରଞ୍ଜନ କୁମାର ପାତ୍ର ଏହିସବୁ କାର୍ଯ୍ୟକୁ ପରିଚାଳନା କରିଥିଲେ।

ଉପମୁଖ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀଙ୍କ ପିଡିଡିପି ସମୀକ୍ଷା

# ବାସ୍ତୁକଳାରେ ଝଟକିବ ପୁରୀ



■ ସହର ଭିଡ଼ ପରିଚାଳନା ଉପରେ ଗୁରୁତ୍ୱ

■ ବିପଦସଙ୍କୁଳ କୋଠାଗୁଡ଼ିକୁ ଶୀଘ୍ର ଭାଙ୍ଗିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ କ୍ଷେତ୍ର ଭାବେ ପରିଚିତ ପୁରୀ ସହର ସହ ଅନେକଙ୍କ ଭାବାବେଗ ଜଡ଼ିତ ରହିଛି। ଅନେକ ଐତିହ୍ୟ, କିର୍ତ୍ତୀରାଜିର ସୁରକ୍ଷା ସହ ପୁରୀ ସହରକୁ କିଭଳି ବିଶ୍ୱସ୍ତରୀୟ ସହର ଭାବେ ଗଢ଼ି ତୋଳାଯାଇପାରିବ, ସେନେଇ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଓ ପୁରୀ ସହର ସାରା ବିଶ୍ୱରେ ପରିଚିତ। ଏହି ସ୍ଥାନକୁ ଆସିବା ପାଇଁ ଅନେକ ରାଜ୍ୟ ତଥା ଦେଶବାସୀଙ୍କ ସ୍ୱପ୍ନ ରହିଆସିଛି। ତେଣୁ ପୁରୀ ସହରକୁ ସବୁ ଦୃଷ୍ଟିରୁ ସରସସୁନ୍ଦର କରି ଗଢ଼ି ତୋଳିବା ପାଇଁ ସରକାରୀ ଓ ସାଧାରଣ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଏଥିସହ ପୁରୀ ସହର ତଥା ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସମୟରେ ଅନେକ ସମସ୍ୟା ଆସିଥାଏ, ତେବେ ଦୃଢ଼ ଇଚ୍ଛାଶକ୍ତି ଓ ସଠିକ ଯୋଜନା ଦ୍ୱାରା ସଫଳତା ଆସିଥାଏ। ତେଣୁ ଯୋଜନାବଦ୍ଧ ଭାବେ ପୁରୀ ସହରର ବିକାଶ ପ୍ରକ୍ରିୟାକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ଉନ୍ନତିକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳମର ନିର୍ମାଣ ସମ୍ପର୍କିତ ଜମି ଅଧିଗ୍ରହଣ, ସେବାୟତ ହାଉସିଂ ପ୍ରକଳ୍ପ, ବିଶ୍ୱସ୍ତରୀୟ ରଘୁନନ୍ଦନ ପାଠାଗାର ଓ ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର ନିର୍ମାଣ, ପୁରୁଣା ପୁଲିସ ଷ୍ଟେସନଠାରେ ଭକ୍ତ ନିବାସ ନିର୍ମାଣ, ଅଠରନଳାର ବିକାଶ ସହ ପୁରୀ ସହରର ବିଭିନ୍ନ ଉନ୍ନତିକରଣ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ନୂତନ ଭିତ୍ତିଭୂମି ନିର୍ମାଣ ସମୟରେ ଓଡ଼ିଶାର ବାସ୍ତୁକଳାର ଉପଯୋଗ କରିବା, ବିପଦସଙ୍କୁଳ ତଥା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଥିବା ସମସ୍ତ ନିର୍ମାଣକୁ ଭାଙ୍ଗିବା, ଭିତ୍ତିଭୂମିଗୁଡିକରେ ଅତ୍ୟାଧୁନିକ ଉପକରଣର ବ୍ୟବହାର ଓ ନିର୍ମାଣ ସମୟରେ ଜାତୀୟ ଐତିହ୍ୟ ପ୍ରାଧିକରଣ ମାର୍ଗଦର୍ଶିକାର ଅନୁପାଳନ ଓ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନେବା ଉପରେ ଆଲୋଚନ ହୋଇଛି।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ

## ଓଡ଼ିଶା ପୁଲିସ୍‌ର ପଦକ ବିଜେତାଙ୍କୁ ଡିଜିଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଚତୁର୍ଦ୍ଦଶ ଜାତୀୟ ଭୋଭିନାମ ମାଶଲ ଆର୍ଟ ଚମ୍ପିୟାନସିପ-୨୦୨୫ରେ ଓଡ଼ିଶା ପୁଲିସର ୩ ଜଣ ଯୁବ କ୍ରୀଡ଼ାବିତ ୫ଟି ପଦକ ଜିତି ରାଜ୍ୟ ପୁଲିସକୁ ଗୌରବାନ୍ୱିତ କରିଛନ୍ତି। ଏଥିରେ ୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ଥିବା ବେଳେ ସେଥି ମଧ୍ୟରୁ ଓଆଇଏସ୍ଏଫ୍, ଭୁବନେଶ୍ୱରରେ କାର୍ଯ୍ୟରତ କନଷ୍ଟେବଲ ବର୍ଷା ନାଥ ଭୋଭିନାମ ମାଶଲ ଆର୍ଟ ବିଭାଗରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହାଛଡ଼ା ଅନ୍ୟତମ ସ୍ୱର୍ଣ୍ଣଟି କନଷ୍ଟେବଲ ବିଶ୍ୱଜିତ ରାଉତ ୮୧ କିଗ୍ରା ଓଜନ ବର୍ଗରୁ ଅଧିକ ଜାତୀୟ ଭୋଭିନାମ ମାଶଲ ଆର୍ଟ ବରିଷ୍ଠ ବିଭାଗରେ ଜିତିବା ସହ ଅସୀ ଚାଳନାରେ ମଧ୍ୟ ସେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କନଷ୍ଟେବଲ ଦିବ୍ୟରଞ୍ଜନ ଦଳାଇ ୯୫ କିଗ୍ରାରୁ ଅଧିକ ବର୍ଗ ଭୋଭିନାମ ମାଶଲ ଆର୍ଟ ସିନିଅର ବିଭାଗରେ ଗୋଟିଏ ରୌପ୍ୟ ଓ କାଟା ( କରାଟେ)ରେ ମଧ୍ୟ ଗୋଟିଏ ରୌପ୍ୟ ପଦକ ଜିତି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। କ୍ରୀଡ଼ାବିତମାନଙ୍କୁ ଏପରି ସଫଳତା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

■ ବିଡିଓଙ୍କ ବିଲ୍ ପାସ୍ କରିବା କ୍ଷମତା ବୃଦ୍ଧି ପ୍ରସଙ୍ଗ

# ପଞ୍ଚାୟତ ସମିତି କ୍ଷମତାକୁ ସଙ୍କୁଚିତ କରିବା ଅଗଣତାନ୍ତ୍ରିକ



**ଭୁବନେଶ୍ୱର, ୧୧।୯(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ କରିବା କ୍ଷେତ୍ରରେ ବିଡିଓମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବାବେଳେ ଏହାକୁ ୧୦ ଲକ୍ଷକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଗତକାଲି କ୍ୟାବିନେଟ ମଞ୍ଜୁରୀ ଦେଇଥିବା ବେଳେ ଆଜି ବିଜୁ ଜନତା ଦଳ ଏହାକୁ ଦୃଢ଼ ସମାଲୋଚନା କରି ଜନଆନ୍ଦୋଳନର ଚେତାବନୀ ଦେଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଦଳର ଉପସଭାପତି ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ ବୋଲି କହିଛନ୍ତି।

ଡ. ସାହୁ କହିଥିଲେ, ନବୀନ ସରକାରଙ୍କ ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଉଥିବା ବେଳେ ବର୍ତ୍ତମାନର ବିଜେପି ସରକାର ପଞ୍ଚାୟତ ସମିତିର କ୍ଷମତା ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ସଦୃଶ୍ୟ। ପୂର୍ବରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା। ପରିବର୍ତ୍ତିତ ନିୟମ ଅନୁଯାୟୀ, ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ। ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟ ଗୁଡିକର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ। କାଁ ଭାଁ ଗୋଟିଏ ଅଧେ ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ। ତେଣୁ, ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ। ଡ଼ ସାହୁ ଆହୁରି କହିଥିଲେ, ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ ସେମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ, ଏହା କେବଳ ବାବୁରାଜକୁ ପ୍ରୋତ୍ସାହନ ଯୋଗାଉଛି। ଏହା ପୂର୍ବରୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ପଞ୍ଚାୟତରୁ ଆସୁଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା। ଏହାଛଡ଼ା, ବିଧାୟକ ମାନେ ମଧ୍ୟ ଏହି ଯୋଜନାର ୪୦ ପ୍ରତିଶତ ପ୍ରସ୍ତାବ ଦେଇପାରିବେ ବୋଲି ସରକାର ନିୟମ କରିଛନ୍ତି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ରାଜ୍ୟ ବିଜେପି ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ କ୍ଷମତା କାଢ଼ିନେଇ ନିଜେ ଉପଭୋଗ କରିବାକୁ ଉଦ୍ୟମ କରୁଛନ୍ତି। ଶ୍ରୀ ପ୍ରତାପ ଜେନା କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳ ସ୍ତରରେ କ୍ଷମତାର ବିକେନ୍ଦ୍ରିକରଣ। ରାଜ୍ୟ ସରକାର ନିଜ କ୍ଷମତାର ଅପବ୍ୟବହାର କରି ଏପରି ନିଷ୍ପତ୍ତି ନେଇଛନ୍ତି। ବିଡିଓମାନଙ୍କୁ ହାତବାରିସୀ କରି ଓ ତାଙ୍କ ଉପରେ ଚାପ ପକାଇ ପଞ୍ଚାୟତରେ ହେଉଥିବା କାର୍ଯ୍ୟ ଗୁଡ଼ିକରୁ ବିଜେପି ନେତାମାନେ କିପରି ପିସି ଆଦାୟ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିଛନ୍ତି। ବିଜୁ ଜନତା ଦଳ ସରକାରଙ୍କ ଏହି ନିଷ୍ପତ୍ତିର ଦୃଢ଼ ନିନ୍ଦା କରୁଛି ଓ ଏହାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରୁଛି। ଯଦି ଏହି ନିଷ୍ପତ୍ତି ପ୍ରତ୍ୟାହାର ନହୁଏ, ତାହେଲେ ରାଜ୍ୟର ସମସ୍ତ ବ୍ଲକର ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚଙ୍କୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ।

## ଜାତୀୟ ସ୍ୱଚ୍ଛ ବାୟୁ ସହର ତାଲିକାରେ ବିଏମ୍‌ସି ଚତୁର୍ଥ

**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ସର୍ବଭାରତୀୟ ସ୍ତରରେ ପୁଣି ଥରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ମିଳିଛି ସମ୍ମାନ। ଜାତୀୟ ସ୍ୱଚ୍ଛ ବାୟୁ ସହର ଭାବେ ଚତୁର୍ଥ ସ୍ଥାନ ହାସଲ କରିଛି ବିଏମ୍‌ସି। 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୪'ର ମୂଲ୍ୟାଙ୍କନରେ ବିଏମ୍‌ସି ଏହି ସମ୍ମାନ ପାଇଛି। ଦ୍ୱିତୀୟ ବର୍ଗ ବା ୩ରୁ ୧୦ ଲକ୍ଷ ଜନସଂଖ୍ୟାବିଶିଷ୍ଟ ସହର ମଧ୍ୟରେ ଭୁବନେଶ୍ୱର ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ଦେଶର ମୋଟ ୧୩୦ଟି ସହର ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ସହରାଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସହରଗୁଡ଼ିକୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ମାନ୍ୟତା ଦେଇଛି। ର୍‍ୟାଙ୍କିଙ୍ଗ ପୂର୍ବରୁ ସମ୍ପୃକ୍ତ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଯଥା ରାସ୍ତା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପକ୍କା କରିବା, ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବା, ପୁରୁଣା ବର୍ଜ୍ୟବସ୍ତୁଗୁଡ଼ିକର ଜୈବ ପ୍ରତିକାର କରିବା, ସିଆଣ୍ଡଡି ଏବଂ କଠିନ ବର୍ଜ୍ୟ ପରିଚାଳନା, ଡମ୍ପ ସାଇଟର ପୁନରୁଦ୍ଧାର ହୋଇଥିବା ଭୂମିରୁ ନଗର ବାଟିକା, ଗ୍ରୀନବେଲ୍ଟ ବିକାଶ, ବୌଦ୍ଧିକ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ମିଆୱାକି ଜଙ୍ଗଲ, ଶିଳ୍ପରେ ସ୍ୱଚ୍ଛ ଇନ୍ଧନ ପରିବର୍ତ୍ତନ ଆଦରେ ତର୍ଜମା କରାଯାଇଥିଲା। ସ୍ୱଚ୍ଛ ବାୟୁ ପାଇଁ ଜାତୀୟ ମିଶନର ଏକ ଅଂଶ ଓ ପ୍ରତିବର୍ଷ ସେପ୍ଟେମ୍ବର ୭ରେ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନରେ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ୟୁଏଲବି ପକ୍ଷରୁ ଦାଖଲ ହୋଇଥିବା ସହାୟକ ଡକ୍ୟୁମେଣ୍ଟ ସହ ସ୍ୱ-ମୂଲ୍ୟାଙ୍କନ ରିପୋର୍ଟ ଦାଖଲ ଆଧାରରେ ମୂଲ୍ୟାଙ୍କନ କରାଯାଏ। ପ୍ରତିବର୍ଷ ୧ ଏପ୍ରିଲରୁ ୩୧ ମାର୍ଚ୍ଚ ପାଇଁ ଦାଖଲ ହୋଇଥିବା ମୂଲ୍ୟାଙ୍କନକୁ ଆଧାର କରି ସହରଗୁଡିକ ର୍‍ୟାଙ୍କିଙ୍ଗ କରାଯାଏ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡିଆରେ...

ବୁଝିବାପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ଇଂରାଜୀ ଭାଷାକୁ ଗୁରୁତ୍ୱ ଦେଉଥିବା ନେଇ ଆଲୋଚନା ହେଉଛି।

ତେବେ ସବୁଠାରୁ ବଡକଥା ହେଲା ଖୋଦ୍ ଶକ୍ତି ବିଭାଗ ଓ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏ କ୍ଷେତ୍ରରେ ଅହେତୁକ ନିରବତା ପ୍ରଦର୍ଶନ କରୁଛନ୍ତି। ଯେତେବେଳେ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟ ଓଡିଆ ଭାଷାରେ ହେବ ବୋଲି କହିବା ସହିତ ଓଡିଆ ଅସ୍ମିତା ଉପରେ ଜୋର ଦେଉଛନ୍ତି ସେତେବେଳେ ଟାଟା ପାୱାରର ଇଂରାଜୀ ପ୍ରୀତିକୁ କ'ଣ ପାଇଁ ସରକାର ହଜମ କରୁଛନ୍ତି ତାହାକୁ ନେଇ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଲଢୁଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଏ ସଂକ୍ରାନ୍ତରେ ମଧ୍ୟ ଓଇଆରସିର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ତେଣୁ ଯେତେଶୀଘ୍ର ସମ୍ଭବ ବିଦ୍ୟୁତ୍ ସଂକ୍ରାନ୍ତୀୟ ସୂଚନା ଓଡିଆରେ ପ୍ରଦାନ ପାଇଁ ଓଇଆରସି ହସ୍ତକ୍ଷେପ କରିବାକୁ ମତପ୍ରକାଶ ପାଉଛି।

## ପ୍ରଧାନମନ୍ତ୍ରୀ...

ତା'ପରେ ୨୦୨୧-୨୦୨୫ରେ ସମାପ୍ତ କରିଥିଲେ।

ତାଙ୍କର ଜନ୍ମ ୨୫ ନଭେମ୍ବର ୧୯୭୦ରେ ନେପାଳର ରାମେଛାପ ଜିଲ୍ଲାରେ ହୋଇଥିଲା। ସେ ଭାରତର ଜାମସେଦପୁର ସହରରୁ ଇଞ୍ଜିନିୟରିଂ ପାଠପଢ଼ା କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ନେପାଳର ଅନେକ ଅଞ୍ଚଳରେ ବିଦ୍ୟୁତ ସମସ୍ୟାର ସମାଧାନ କରିଥିଲେ ଏବଂ ଅନେକ ସ୍ଥାନରେ ବିଦ୍ୟୁତ ଉପଲବ୍ଧ କରାଇଥିଲେ। ଏହି କାରଣରୁ, ସେ ନେପାଳର 'ବିଜୁଳି ମ୍ୟାନ' ଭାବରେ ବେଶ ପରିଚିତ। ଇଞ୍ଜିନିୟର କୁଲମାନ ନେପାଳରେ ବିଦ୍ୟୁତ କାଟର ସମସ୍ୟାକୁ ଶେଷ କରିବା ପାଇଁ ଜଣାଶୁଣା। ସେ ନେପାଳ ବିଦ୍ୟୁତ୍ ପ୍ରାଧିକରଣକୁ କ୍ଷତିରୁ ବାହାର କରି ଲାଭଦାୟକ ସଂସ୍ଥା କରିଥିଲେ। କେପି ଶର୍ମା ଓଲିଙ୍କ ସରକାର ତାଙ୍କୁ ୨୪ ମାର୍ଚ୍ଚ, ୨୦୨୫ରେ ପରିଚାଳନା ନିର୍ଦ୍ଦେଶକ ପଦରୁ ହଟାଇ ଦେଇଥିଲେ। କୁହାଯାଏ ଯେ ସେ ଅନେକ ଶିଳ୍ପପତିଙ୍କ ବିଦ୍ୟୁତ୍ ବିଲ୍ ଛାଡ଼ କରିବାକୁ ମନା କରିଥିଲେ, ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କୁଲମନଙ୍କ ସରକାର ବିରୋଧୀ ଆଭିମୁଖ୍ୟ ତାଙ୍କୁ ଯୁବପିଢ଼ିଙ୍କ ମଧ୍ୟରେ ପରିଚିତି ଦେଇଥିଲା। ପାଠପଢ଼ା ବ୍ୟତୀତ, ତାଙ୍କର ଭାରତ ସହିତ ଏକ ବିଶେଷ ସମ୍ପର୍କ ମଧ୍ୟ ରହିଛି। ନେପାଳ ବିଦ୍ୟୁତ୍ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ, ନେପାଳ ୨୦୨୩-୨୪ ମସିହାରେ ଭାରତକୁ ବିଦ୍ୟୁତ୍ ରପ୍ତାନି କରିବା ଆରମ୍ଭ କରିଥିଲେ। କୁଲମନଙ୍କ ବହିଷ୍କାର ପରେ, ସାରା ଦେଶରେ ତାଙ୍କର ଲୋକପ୍ରିୟତା ଆହୁରି ବୃଦ୍ଧି ପାଇଥିଲା ।

## ମାଓନେତା...

ତେଲଙ୍ଗାନାର ହାଇଦ୍ରାବାଦ୍ ନିବାସୀ ମେଡେମ ବାଲକ୍ରିଷ୍ଣା ପ୍ରାୟ ୩ ଦଶକ ଧରି ମାଓ ସଙ୍ଗଠନ ସହ ଜଡ଼ିତ ରହିଥିଲା। କେନ୍ଦ୍ରୀୟ କମିଟି ଓ ସେଣ୍ଟ୍ରାଲ ରିଜିଓନାଲ ବ୍ୟୁରୋ ସଦସ୍ୟ ଥିଲା। ଓଡ଼ିଶା ରାଜ୍ୟ କମିଟିର ମୁଖ୍ୟ ରହିଥିଲା। ସେ ଓଡ଼ିଶା-ଛତିଶଗଡ଼ ସୀମାରେ ବେଶ ସକ୍ରିୟ ଥିଲା। ତା ନାଁରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ପୁରସ୍କାର ଥିଲା। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼ ଅଞ୍ଚଳରେ ସେ ଆତଙ୍କ ଖେଳାଇଥିଲା। ପ୍ରକାଶଥାଉ କି, ଆଜି ନାରାୟଣପୁରରେ ୧୬ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ମଧ୍ୟ କରାଯାଇଥିଲା।

## ଶ୍ରୀମନ୍ଦିର...

ନିଷେଧ କରିବାରେ ମଧ୍ୟ ସାହାଯ୍ୟ କରିବ। ଏହା ବ୍ୟତୀତ ସେମାନେ ଅଣ-ସେବାୟତଙ୍କୁ ଚିହ୍ନଟ କରିବାରେ ଏବଂ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସାହାଯ୍ୟ କରିବେ। ବଡି କ୍ୟାମେରାର ବ୍ୟବହାର ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ପ୍ରୋତ୍ସାହିତ କରିବା ସହ ପୋଲିସ କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟକୁ ଅଧିକ ପ୍ରଭାବଶାଳୀ ଭାବରେ ସମ୍ପାଦନ କରିବାକୁ ଏବଂ ଦର୍ଶନାର୍ଥୀଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ସକ୍ଷମ କରିବ। ଏହା ସହିତ, ଏହି କ୍ୟାମେରାଗୁଡ଼ିକ ଦ୍ୱାରା ରେକର୍ଡ ହୋଇଥିବା ଫୁଟେଜ୍ ମନ୍ଦିର ଭିତରେ ସାମଗ୍ରିକ ସୁରକ୍ଷା ଏବଂ ସୁରକ୍ଷାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଏହି ଅଭିନବ ପଦ୍ଧତି ଶ୍ରୀମନ୍ଦିରକୁ ଆସୁଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷା ଯୋଗାଇବା ସହ ମନ୍ଦିରର ମର୍ଯ୍ୟାଦା ଏବଂ ପବିତ୍ରତାକୁ ବଜାୟ ରଖିବ।

## ଭିଜିଲାନ୍ସ...

ବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ଼ ପଦକ୍ଷେପ ଆବଶ୍ୟକ। ଏ ସଂପର୍କରେ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେ ନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁ ସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି। ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ସଚେତନତା କମିଟି ଗଠନ କରି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ ପୂର୍ବକ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍, ଓ୍ୱାମିସ୍, ଇ-ଟେଣ୍ଡରିଂ, ଇ-ପ୍ରୋକ୍ୟୁରମେଣ୍ଟ, ଓ୍ୱାର୍କ ପାସ୍ ବୁକ୍, ଡିବିଟି ଜରିଆରେ ଅର୍ଥ ପ୍ରେରଣ ଏବଂ ଅନ୍ଲାଇନ୍ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ପାଇଁ ପ୍ରଯୁକ୍ତି-ଭିତ୍ତିକ ସୁଧାରଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସେଥିରେ ଅଧିକ ଉନ୍ନତି ଆଣିବା, କର୍ମଚାରୀମାନଙ୍କ ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ନ୍ୟାୟସଙ୍ଗତ ଓ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଅନଲାଇନ୍ ବ୍ୟବସ୍ଥାରେ ବଦଳି ଏବଂ କାର୍ଯ୍ୟରେ ସାଧୁତା ଅବଲମ୍ବନ ସନ୍ଦେହ ରହୁଥିବା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରୁ ନିବୃତ୍ତ ରଖିବା ସହ ସ୍ୱଚ୍ଛତାର ସହ ମାନବ ସମ୍ବଳ ପରିଚାଳନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶଗୁଡ଼ିକ ସମସ୍ତ ଅଧିକାରୀଙ୍କ ନିକଟରେ ଯେପରି ନିଶ୍ଚିତ ଭାବରେ ପହଞ୍ଚିବ ଏବଂ ନିର୍ଦ୍ଦେଶିତ ଅନୁସାରେ ଏହାର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

## ଭାରତ-ୟୁଏଇ...

ଉଚ୍ଚଶିକ୍ଷାରେ ଦୁଇ ଦେଶର ଦ୍ୱିପାକ୍ଷିକ ସହଯୋଗ ଉପରେ ସମୀକ୍ଷା କରାଯିବା ସହ ଦୁଇ ଦେଶର ଜ୍ଞାନ ସେତୁକୁ ମଜଭୁତ୍ କରିବା ଉପରେ ଆଲୋଚନା ହୋଇଥିଲା। ଜ୍ଞାନ, ନବସୃଜନ ଏବଂ ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଦିଗରେ ମଧ୍ୟ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ। ସେହିପରି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ ଓ ଉଭା ହେଉଥିବା କ୍ଷେତ୍ରରେ ମିଳିତ ଗବେଷଣା, କାପାସିଟି ବିଲଡିଂ, ଦ୍ୱିପାକ୍ଷିକ ସାଂସ୍କୃତିକ ଏବଂ ଶୈକ୍ଷିକ ଆଦାନପ୍ରଦାନ ଉପରେ ମଧ୍ୟ ବୈଠକରେ ବିଚାରବିମର୍ଶ ହୋଇଥିଲା। ଦୁବାଇରେ ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ ଭାବରେ ଉଭୟ ପକ୍ଷର ପ୍ରାଥମିକତାକୁ ଆଗକୁ ବଢ଼ାଇବା, ବିଶ୍ୱ ସହିତ ଯୋଡିହେବା ଏବଂ ୟୁଏଇରେ ଉଚ୍ଚତର ଭାରତୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାଦିଗରେ ମନ୍ତ୍ରୀଙ୍କ ସହଯୋଗକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ସେ କହିଥିଲେ, ଭାରତ ହେଉଛି ପ୍ରତିଭାବାନ ମାନବସମ୍ବଳର ପେଣ୍ଠସ୍ଥଳି ଏବଂ ୟୁଏଇ ବିଶ୍ୱସ୍ତରୀୟ ଆର୍ଥିକ କ୍ଷେତ୍ରର ପେଣ୍ଠସ୍ଥଳୀ। ଭାରତ ଏବଂ ୟୁଏଇ ନାଗରିକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରିବା ତଥା ପୁରୁଣା ସମ୍ବନ୍ଧକୁ ବଜାୟ ରଖିବା ପାଇଁ ବଦ୍ଧପରିକର। ୟୁଏଇରେ ଭାରତୀୟ ଉଚ୍ଚ ଶିକ୍ଷାନୁଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ଶ୍ରୀ ପ୍ରଧାନ। ଉଚ୍ଚ ଶିକ୍ଷାନୁଷ୍ଠାନର ଲିଡରମାନଙ୍କ ସହ ଶ୍ରୀ ପ୍ରଧାନ ଭବିଷ୍ୟତ ପାଇଁ ଥିବା ସେମାନଙ୍କର ଆଭିମୁଖ୍ୟ ଏବଂ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱ ଶିକ୍ଷା, ନବସୃଜନ ଏବଂ ଉଦ୍ୟମିତା ମାନଚିତ୍ରରେ 'ବ୍ରାଣ୍ଡ ଇଣ୍ଡିଆ'କୁ ସୁଦୃଢ଼ କରିବା ଉପରେ ମଧ୍ୟ ଶ୍ରୀ ପ୍ରଧାନ ବୈଠକରେ ମତପ୍ରକାଶ କରିଥିଲେ । ଏହାବ୍ୟତୀତ ଶ୍ରୀ ପ୍ରଧାନ ଗସ୍ତର ଅନ୍ତିମ ଦିନରେ ଦୁବାଇର ଭାରତୀୟ କନସୁଲେଟ୍‌ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ସହ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ। ସେଠାରେ ଶିକ୍ଷକ ଦିବସ ପାଳନ ଅବସରରେ ଶ୍ରୀ ପ୍ରଧାନ ସିବିଏସଇ ସ୍କୁଲର ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିବା ସହ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ମଧ୍ୟ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଇଆଇଟି ଦିଲ୍ଲୀ ଆବୁଧାବି କ୍ୟାମ୍ପସରେ କେମିକାଲ ଇଞ୍ଜିନିୟରିଂ ଓ ଏନର୍ଜି ଏବଂ ସଷ୍ଟେନବିଲିଟି ବିଷୟରେ ବି.ଟେକ୍ ଏବଂ ପିଏଚ.ଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବିଦେଶରେ ସର୍ବପ୍ରଥମ ଅଟଳ ଇନକ୍ୟୁବେସନ୍ ସେଣ୍ଟରର ଉଦଘାଟନ କରିଥିଲେ।

## ବିଜେପି...

ତଥ୍ୟ ଭିତିକ ଅଭିଯୋଗ କରିବା ପରେ ରାଜ୍ୟପାଳଙ୍କ ତରଫରୁ ୨୦୨୪ ଅଗଷ୍ଟ ୫ତାରିଖରେ ଯାଜପୁର ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଇସ୍ପାତ ଓ ଖଣି, ଗୃହ, ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଣି ବିଭାଗ ତରଫରୁ ଲଘୁ ଖଣିଜ ଦ୍ରବ୍ୟ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲ୍ଲାପାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହୋଇଥିଲା। ଅଭିଯୋଗ ଅନୁସାରେ ସାଇଣ୍ଟିଫିକ ଟିମ ଅନୁଧ୍ୟାନ ରିପୋର୍ଟରେ 'ଏହି ଦୁର୍ଘଟଣା ମନୁଷ୍ୟକୃତ' ବୋଲି ଦର୍ଶାଗଲା। ଏହାପରେ ବି ଖଣି ବିଭାଗ ତରଫରୁ ଥାନାରେ ଏତଲା ଦିଆନଯିବାରୁ ସତୀଶ ପୁଣି ଥରେ ମୁଖ୍ୟ ଶାସନ ସଚିବଙ୍କୁ ଦୃଷ୍ଟି ଆକର୍ଷଣ କରି ମଞ୍ଚ ତରଫରୁ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ମଞ୍ଚ ତରଫରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଲିଜଧାରୀ ଗତ ୨୦୨୩ ମାର୍ଚ୍ଚ ୨୩ ତାରିଖରେ କନଫେଟ ଟୁ ଅପରେଟ ପାଇଁ ନିବେଦନ କରିଥିଲେ। ଲିଜଧାରୀ ଏହି ନିବେଦନ କରିବାର ୬ ମାସ ପୂର୍ବରୁ ପ୍ରଶାସନିକ ସଲାସୁତରାରେ ସଂପୂର୍ଣ୍ଣ ବେଆଇନ ଭାବେ ବିଜେଡି ସରକାରରେ ପାହାଡ଼ ଲୁଟ ଚଲାଇଥିଲେ। ଦୁର୍ଘଟଣାରେ ୩ ଶ୍ରମିକ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଲିଜଧାରୀ ଖଣି ବିଭାଗରୁ ବିନା ଟ୍ରାନଜିଟ ପାସରେ ରାଜସ୍ୱ ନଦେଇ କୋଟି କୋଟି ଟଙ୍କାର କଳାପଥର ଲୁଟ କରୁଥିଲେ। ଏହାସହ ଲିଜ ଏରିଆ ଚିହ୍ନଟ ହୋଇନଥିବା ମଧ୍ୟ ସାଇଣ୍ଟିଫିକ ଟିମର ତଦନ୍ତରେ ଜଣାପଡ଼ିଥିଲା। ଏହି ସମସ୍ତ ପ୍ରକାର ତ୍ରୁଟି ଏବଂ ଲୁଟ ନେଇ ପ୍ରାୟ ୧୦୦ କୋଟି ଟଙ୍କାର ଜରିମାନା ହେବା ନେଇ ତଥ୍ୟ ଭିତିକ ଅଭିଯୋଗ କରାଯାଇଥିଲେ ମଧ୍ୟ ମାତ୍ର ୭ କୋଟି ୩୮ ଲକ୍ଷ ୪୨ ହଜାର ୮୧୮ ଟଙ୍କା ଜରିମାନା ହୋଇଛି। ଖାଦାନ ବାହାର ଅଞ୍ଚଳରୁ ହୋଇଥିବା ଖନନ ନେଇ ଡ୍ରୋନ ସର୍ଭେର ଆକଳନ କରାଯାଇ ନାହିଁ। ବିଭିନ୍ନ ପ୍ରକାର ଖଣି ସୁରକ୍ଷା ଆଇନର ଉଲ୍ଲଂଘନ କରାଯାଇ ଖନନ ନେଇ ମଧ୍ୟ କୌଣସି ପ୍ରକାର ଜରିମାନା କରାଯାଇ ନାହିଁ। ସେହିପରି ପରିବେଶ କ୍ଷତି ଆକଳନରେ ନିକଟରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଚାଷ କ୍ଷତି ଆକଳନ କରାଯାଇ ନାହିଁ। ଯାଜପୁର ଖଣି ଅଧିକାରୀ ଲିଜଧାରୀ ନାରାୟଣ ରାଉତଙ୍କୁ ୭ କୋଟି ୩୮ ଲକ୍ଷ ୪୨ ହଜାର ୮୧୮ ଟଙ୍କା ଜରିମାନା ପାଇଁ ଡିମାଣ୍ଡ ନୋଟିସ ପଠାଇଥିଲେ। ଲିଜଧାରୀ ଏହି ଟଙ୍କା ପ୍ରଦାନ ନ କରିବାରୁ ଜିଲ୍ଲାପାଳଙ୍କ ନିକଟରେ ଗତ ଜୁନ ୨୦ ତାରିରେ ସାର୍ଟିଫିକେଟ କେସ ରୁଜୁ ହୋଇଛି। ଧର୍ମଶାଳା ଅଞ୍ଚଳରେ ବିଜେଡି ସରକାରରେ ପାହାଡ଼ ଲୁଟରେ ସାମିଲ ଥିବା ଲୁଟେରାମାନେ ଏବେ ବିଜେପି ମୁଖା ପିନ୍ଧି ଅଧିକ ପାହାଡ଼ ଲୁଟ ଚଲାଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସାଇଁଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ସରକାରଙ୍କ ବ୍ୟବସ୍ଥା ଅନୁସାରେ ସାର୍ଟିଫିକେଟ କେସରେ ଟଙ୍କା ପ୍ରଦାନ ନକଲେ ଅଭିଯୁକ୍ତଙ୍କ ନାମରେ ୱାରେଣ୍ଟ ଜାରି ହେବ ଏବଂ ତାଙ୍କର ସମ୍ପତ୍ତି ଜବତ କରିବାକୁ ପ୍ରକ୍ରିୟା ଆରମ୍ଭ ହେବ।

## କୁଟର ୫୦ତମ ବୋର୍ଡ ବୈଠକ



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ୫୦ତମ ବୋର୍ଡ ବୈଠକ ଆଜି ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ କ୍ରୁଟ ଅଧ୍ୟକ୍ଷା ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉପସ୍ଥିତ ନିର୍ଦ୍ଦେଶକ ମଣ୍ଡଳୀ କ୍ରୁଟର କାର୍ଯ୍ୟ ଓ ଆଗମୀ ଦିନରେ ବୃଦ୍ଧି ହେବାକୁ ଥିବା କାର୍ଯ୍ୟ ପରିସର ନେଇ ସମୀକ୍ଷା କରିଥିଲେ। ସେହିଭଳି ରାଜ୍ୟରେ ସହରାଞ୍ଚଳ ପରିବହନକୁ ବୃଦ୍ଧି କରିବା ପାଇଁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି। ସୁରକ୍ଷା, ସେବା ଗୁଣବତ୍ତା ଓ ଆମ ବସ୍ ସେବା ବିସ୍ତାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା, ଯାହା ଓଡ଼ିଶାର ସ୍ଥାୟୀ ଗତିଶୀଳତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଏବଂ କ୍ରୁଟର ଉପାଧ୍ୟକ୍ଷା ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, କଟକ ଭୁବନେଶ୍ୱର ପୁଲିସ କମିଶନର ଏସ ଦେବଦତ୍ତ ସିଂହ, କଟକର କେନ୍ଦ୍ରୀୟ ରେଞ୍ଜର ପୁଲିସ ଡିଆଇଜି ଡକ୍ଟର ସତ୍ୟଜିତ ନାଏକ ଏବଂ କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ. ଥିରୁମାଳା ନାଏକ ଉପସ୍ଥିତ ଥିଲେ। ସମ୍ପ୍ରତି ଦୈନିକ ୩ ଲକ୍ଷରୁ ଅଧିକ ଲୋକଙ୍କୁ ଯାତାୟାତ ସେବା ଯୋଗାଇ ଦେଉଥିବା କ୍ରୁଟ ଏହାର ୬୭୦ଟି ଆମ ବସ୍ ସହ ଏକ ଅତ୍ୟନ୍ତ ସୁଲଭ ସାର୍ବଜନୀନ ପରିବହନ ଇକୋସିଷ୍ଟମ ସୃଷ୍ଟି କରିଛି, ଯାହା ୧୩୯୯ କିମିଟର ନେଟୱାର୍କ ମଧ୍ୟରେ ୨୯୦ଟି ଇ-ବସ୍ ସହ ୧୧୫ଟି ରୁଟରେ ପ୍ରାୟ ୨୦୯୯ଟି ବସ୍ ଷ୍ଟପ୍ ରହିଛି। ସେହିପରି ସମ୍ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଓଡ଼ିଶା ପାଇଁ ଜାତୀୟ ସାଧାରଣ ମୋବିଲିଟି କାର୍ଡ (ଏନ୍‌ସିଏମ୍‌ସି), ଆମ ବସ୍ ପାଇଁ ହ୍ୱାଟ୍ସଆପ୍-ଆଧାରିତ ଟିକେଟିଂ ସେବା, ସ୍ୱତନ୍ତ୍ର ଡିଜିଟାଲ୍ ଟିକେଟିଂ ରିହାତି (ସମସ୍ତ ସାଧାରଣ ବର୍ଗର ଯାତ୍ରୀଙ୍କ ପାଇଁ ୧୦ ପ୍ରତିଶତ, ମହିଳାଙ୍କ ପାଇଁ ୧୫ ପ୍ରତିଶତ) ଓ ଅନ୍ୟ ସହରଗୁଡ଼ିକୁ ଡିଜିଟାଲ୍ ପାସ୍ ସିଷ୍ଟମ୍ ଲାଗୁ କରାଯାଇଛି। ଏହା ଫଳରେ ଡିଜିଟାଲ୍ ଟିକେଟ ୩୨% ରୁ ଅଧିକ କାରବାର ହୋଇଛି।

## ବିଜେପିରେ ଗୌତମ ଯୁଗ ସମାପ୍ତ

# ସହସ୍ରାଧିକ ସମର୍ଥକଙ୍କ ସହ ସଂଗ୍ରାମଙ୍କ ଶକ୍ତି ପ୍ରଦର୍ଶନ

**ଯାଜପୁର,୧୧।୯ (ସଂଚାର ବ୍ୟୁରୋ):** ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରିବାକୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯାଜପୁର ଆସିଥିଲେ। ସହର ପ୍ରବେଶ ପଥ ଚେକ୍ ଗେଟ ନିକଟରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ସମର୍ଥକଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଗଲା। ବାଣ ଫୁଟାଇ, ବାଜା ବଜାଇ, ବିରାଟ ଫୁଲମାଳ ପିନ୍ଧାଇ ମନମୋହନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ୱାଗତ ଅବସରରେ ସଂଗ୍ରାମ ପାତ୍ରଙ୍କର ସଙ୍ଗଠନ କ୍ଷମତା ଓ ଦବ୍‌ଦବା ସ୍ପଷ୍ଟ ହୋଇଥିଲା। ଗତ ନିର୍ବାଚନରେ ବିଜେପି ନେତା ଗୌତମ ରାୟ ଲୋକପ୍ରିୟତା ହରାଇ ନବାଗତା ବିଜେଡି ପାର୍ଥିନୀ ସୁଜାତା ସାହୁଙ୍କ ନିକଟରେ ପରାଜିତ ହୋଇଥିଲେ। ସେବେଠାରୁ ଗୌତମଙ୍କର ପ୍ରଭାବ ହ୍ରାସ ପାଇଥିବାବେଳେ, ସଂଗ୍ରାମ ପାତ୍ରଙ୍କ ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଇଛି। ରାଜନୈତିକ ମହଲରେ ଏବେ ଯାଜପୁର ଚର୍ଚ୍ଚା ଚାଲିଛି "ଯାଜପୁର ବିଜେପିରେ ଗୌତମ ଯୁଗ ସମାପ୍ତ, ସଂଗ୍ରାମ ଯୁଗର ଆରମ୍ଭ।"



# ଖତ ଖାଉଛି ଅତ୍ୟାଧୁନିକ ଏକ୍ସ-ରେ ମେସିନ

## ▶ ରୋଗୀ ହନ୍ତସନ୍ତ ▶ ବିନା କାମରେ ଦରମା ନେଉଛନ୍ତି ଟେକ୍ନିସିଆନ

**ଫୁଲବାଣୀ,୧୧।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ଘୋର ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ପରିଚାଳନାଗତ ତ୍ରୁଟି ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ କିଣା ଯାଇଥିବା ଅତ୍ୟାଧୁନିକ ଏକ୍ସ-ରେ ମେସିନ ଏବେ ଅଚଳ ହୋଇ ଖତ ଖାଇବାକୁ ବସିଥିବା ବେଳେ ମେଡିକାଲକୁ ଆସୁଥିବା ରୋଗୀମାନଙ୍କୁ ଫୁଲବାଣୀ, ବ୍ରହ୍ମପୁର ନହଲେ କଟକ କିମ୍ବା ଭୁବନେଶର ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି ।

ସୂଚନା ଥାଉକି ଏହି ଫିରିଙ୍ଗିଆ ବ୍ଲକଟି ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ ହୋଇଥିବା ବେଳେ ସମୁଦାୟ ୨୪ଟି ପଂଚାୟତର ଲୋକେ ଏହି ମେଡିକାଲ ଉପରେ ନିର୍ଭର କରିଥାନ୍ତି। ଏହି ମେଡିକାଲରେ ଏକ ଅତ୍ୟାଧୁନିକ ଏକ୍ସ-ରେ ମେସିନ ରହିଛି। ଏହାକୁ ପରିଚାଳନା କରିବା ପାଇଁ ସରକାରଙ୍କ ବେତନ ଭୋଗୀ ଜଣେ ପରିଚାଳକ ମଧ ନିଯୁକ୍ତି ପାଇଛନ୍ତି। କିନ୍ତୁ ସାଧାରଣ ଗୋଟିଏ ଷ୍ଟାଲ୍ଲାଇଜର ପାଇଁ ଏହି ଅତ୍ୟାଧୁନିକ ଏକ୍ସରେ ମେସିନଟି ଅଚଳ ହୋଇ ପଡିରହିଥିବା ବେଳେ କର୍ମଚାରୀ ଜଣକ ମାଗଣାରେ ସରକାରଙ୍କ ଠାରୁ ବେତନ ନେଇ ମେଡିକାଲକୁ ଆସି ବସି ରହୁଛନ୍ତି । ସେପଟେ ଏକ୍ସରେ ପାଇଁ ଏହି ମେଡିକାଲକୁ ଆସୁଥିବା ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ତେବେ କିଛିମାସ ତଳେ ରାଜ୍ୟ ସରକାରଙ୍କ ଏକ ଫାଷ୍ଟ ଫାଇଣ୍ଡିଙ୍ଗ ଟିମ ଏହି ମେଡିକାଲ ପରିଦର୍ଶନରେ ଆସିଥିବା ବେଳେ ଏହି ଏକ୍ସ-ରେ ମେସିନ ବିଷୟରେ ଅଂଚଳର କିଛି ଲୋକ ଅଭିଯୋଗ ମଧ କରିଥିଲେ । ଏହି ଟିମରେ ଫୁଲବାଣୀ ବିଧାୟକ ଉମାଚରଣ ମଳିକ ଉପସ୍ଥିତ ଥିବା ବେଳେ ଏକ ଷ୍ଟାପଲାଇଜର ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେବା ସହ କିଭଳି ଭାବରେ ଏକ୍ସରେ ମେସିନଟି କାର୍ଯ୍ୟକ୍ଷମ ହେବ ସ୍ଥାନୀୟ ବିଡ଼ିଓଙ୍କୁ ତାର ଦାୟିତ୍ୱ ମଧ ଦେଇଥିଲେ । ତେବେ ବିଧାୟକଙ୍କ ପ୍ରତିଶୃତିକୁ ଇତିମଧରେ ପ୍ରାୟ ଛଅ ମାସ ବିତି ଯାଇଥିବା ବେଳେ ବର୍ତ୍ତମାନ ମଧ ଏକ୍ସ-ରେ ମେସିନଟି କାର୍ଯ୍ୟକ୍ଷମ ହୋଇପାରିନାହିଁ। ତୁରନ୍ତ ମେଡିକାଲରେ ଥିବା ଏହି ଏକ୍ସ-ରେ ମେସିନକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି ।



## ୧୪ରୁ ମା' ମଙ୍ଗଳା ପୀଠରେ ଷୋଡ଼ଶ ପୂଜା



**କାକଟପୁର/ଅସ୍ତରଙ୍ଗ,୧୧।୯ (ସଂଚାର ବ୍ୟୁରୋ):** ପୁଣ୍ୟତୋୟା ପ୍ରାଚୀ କୂଳରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଆସନ୍ତା ୧୪ତାରିଖରୁ ଷୋଡଶ ପୂଜା ଆରମ୍ଭ ହେବ। ଏହି ପ୍ରସିଦ୍ଧ ଶକ୍ତିପୀଠରେ ବାର୍ଷିକ ଶାରଦୀୟ ଷୋଡଶ ଦିନାତ୍ମକ ଦୁର୍ଗା ପୂଜା ଶାସ୍ତ୍ର ରୀତିନୀତି ଅନୁସାରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ରୁ ମହାଷ୍ଟମୀ ସହିତ ବିଜୟାଦଶମୀ ୧୬ଦିନ ଧରି ପୂଜା କାହିଁ କେଉଁ ଯୁଗରୁ ଅନୁଷ୍ଠିତ ହୋଇ ଆସୁଛି। ଏଥିପାଇଁ ଶକ୍ତିପୀଠରେ ଏହି ଦିନ ବେଶ ଚଳଚଞ୍ଚଳ ତଥା ଉତ୍ସବ ମୁଖର ରହିବ। ମନ୍ଦିର ଶାସ୍ତ୍ର ନିୟମ ଅନୁସାରେ ୧୪ତାରିଖ ରେ ଅଦ୍ୟ ମୂଳାଷ୍ଟମୀ, ଦେବୀ ଉତ୍ଥାନ, ସହସ୍ରକୁମ୍ଭାଭିଷେକ, ଷୋଡଶ ଦିନାତ୍ମକ ପୂଜାରମ୍ଭ ପ୍ରତ୍ୟେକ ରାତ୍ରରେ ମହାସ୍ନାନ ସହ ୨୨ସେପ୍ଟେମ୍ବରରୁ ନବଦିନାତ୍ମକ ପୂଜା ଆରମ୍ଭ ହେବ। ଚଳିତ ବର୍ଷ ଷୋଳପୂଜାକୁ ଧୁମଧାମରେ ପାଳନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି।

## 'କଳିଙ୍ଗ ବାଲିଯାତ୍ରା' ପାଇଁ ପ୍ରସ୍ତୁତି ବୈଠକ



**ପାରାଦୀପ,୧୧।୯ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ସ୍ଥାନୀୟ ଅଫିସରସ କ୍ଲବ ଠାରେ କଳିଙ୍ଗ ବାଲିଯାତ୍ରା ୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା, ଅଧ୍ୟକ୍ଷ, କଳିଙ୍ଗ ବାଲିଯାତ୍ରା ପରିଚାଳନା କମିଟି, ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ , ପାରାଦୀପ ତଥା କଳିଙ୍ଗ ବାଲିଯାତ୍ରା ପରିଚାଳନା କମିଟି ଉପାଧ୍ୟକ୍ଷ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେନା, ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦୀପ, ତହସିଲଦାର କୁଜଙ୍ଗ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା ୨୦୨୫ର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କଳିଙ୍ଗ ଗୌରବାନ୍ୱିତ ପ୍ରତୀକ ବାଲିଯାତ୍ରାକୁ ଭବ୍ୟ ଓ ଉତ୍ସବ ମୁଖର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ବିଦ୍ୟୁତ୍ ମଜଦୁର ସଂଘ ପକ୍ଷରୁ ଦାବିପତ୍ର

**ବ୍ରହ୍ମପୁର,୧୧।୯ (ସଂଚାର ବ୍ୟୁରୋ):** ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଙ୍ଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ସଦସ୍ୟ ମାନେ ଛତ୍ରପୁର ଠାରେ ଉପ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ବିଦ୍ୟୁତ ମନ୍ତ୍ରୀ (ଭାରତ ସରକାର) ମନୋହର ଲାଲ ଖଟ୍ଟରଙ୍କୁ ୪ ଦଫା ବିଶିଷ୍ଟ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଙ୍ଘ, ଗଞ୍ଜାମର ଜୋନାଲ ସେକ୍ରେଟାରୀ ରାକେଶ କୁମାର ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଗୋପୀନାଥ ରାଉତ, ଯୁଗ୍ମ ସମ୍ପାଦକ ଅସିତ୍ କୁମାର ସାହୁ, ଉପସଭାପତି ରମାକାନ୍ତ କର, କାର୍ଯ୍ୟକାରୀ କମିଟି ସଦସ୍ୟ ନିଗମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ




**କାକଟପୁର/ଅସ୍ତରଙ୍ଗ,୧୧।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମିଳନୀ ପ୍ରକୋଷ୍ଠରେ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ ହୋଇଛି।

ଖବର ମୁତାବକ ପୂର୍ବବର୍ଷ ଅକ୍ଟୋବର ୨୦୨୪ରେ ରୋଗୀ କଲ୍ୟାଣ ସମିତି ବୈଠକ ହୋଇଥିଲା। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ କହିବା ମୁତାବକ ଚଳିତ ବର୍ଷର ରୋଗୀ କଲ୍ୟାଣ ସମିତି ବୈଠକ ଗୁରୁବାର ଅପରାହ୍ନ ରେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ଦେଖିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରି ବିଧାୟକ ତୁଷାରକାନ୍ତି ବେହେରା ଫେରିଯାଇଥିଲେ। ଏହାର କିଛି ସମୟ ପରେ ବ୍ଲକ ଅଧକ୍ଷା ପହଂଚି ଥିଲେ। ଯାହାକି ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ରୋଗୀ କଲ୍ୟାଣ ସମିତି ବୈଠକ ବାତିଲ ହୋଇଛି।

# ଅବହେଳିତ ଅବସ୍ଥାରେ ପଡ଼ିଛି ମା' ବିରଜାଙ୍କ ପ୍ରତିମୂର୍ତ୍ତି

**ଯାଜପୁର,୧୧।୯ (ସଂଚାର ବ୍ୟୁରୋ):** ଯାଜପୁରର ଆସ୍ଥାର କେନ୍ଦ୍ରବିନ୍ଦୁ, ଅଧିଷ୍ଠାତ୍ରୀ ଦେବୀ ମା ବିରଜା। କିନ୍ତୁ ଦୁର୍ଭାଗ୍ୟବଶତଃ, ମାଆଙ୍କ ପ୍ରତିମୂର୍ତ୍ତି ଓ ପରିସର ଅବହେଳାରେ ପଡ଼ିଥିବାକୁ ଦେଖି ଭକ୍ତମାନଙ୍କ ମନରେ ଅସନ୍ତୋଷ ଓ କ୍ଷୋଭ ଦେଖାଦେଇଛି। ପର୍ବପର୍ବାଣୀ ସମୟରେ ହଜାର ହଜାର ଭକ୍ତଙ୍କ

**ପ୍ରଶାସନର ନଜର ପଡ଼ିବ କେବେ?**

ଆଗମନ ଥିଲେ ମଧ, ପ୍ରାପ୍ୟ ସୁବିଧା, ପରିଚ୍ଛନ୍ନତା ଓ ମନ୍ଦିରର ସୁରକ୍ଷା ଉପରେ ପ୍ରଶାସନର ଅଗ୍ରହ ନଥିବା ପ୍ରମାଣ ମିଳୁଛି।

ବିରଜା ପରିକ୍ରମା ପ୍ରକଳ୍ପ ନାମରେ ବଡ଼ ବଡ଼ ଘୋଷଣା ହୋଇଥିଲା, ସେଥିରେ କାମ ମନ୍ଥର ଗତିରେ ଅଟକିଛି। ବର୍ଷ ପରେ ବର୍ଷ ବିତିଗଲା, କିନ୍ତୁ ପରିବର୍ତ୍ତନ କିଛି ହୋଇନାହିଁ। ଭକ୍ତମାନଙ୍କ ଦାବି, ଏହା ଧର୍ମୀୟ ଆସ୍ଥା ଉପରେ ସିଧାସଳଖ ଅବହେଳା। ବିରଜା ପରିକ୍ରମା ପ୍ରକଳ୍ପରେ ବିରଜାଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ମନ୍ଦିର ବାହାରେ ବସାଇ ଆଲୋକିତ ହେବାର ଯୋଜନା ରହିଥିଲା। କିନ୍ତୁ ତାହା ସରକାର ପରିବର୍ତ୍ତନ ପରେ ବନ୍ଦ ହୋଇ ରହିଛି। ମନ୍ଦିର ନିକଟରେ ଥିବା ମିଶନ ଶକ୍ତି କେନ୍ଦ୍ର ନିକଟରେ ଏହି ମୂର୍ତ୍ତି ଏବେ ପରିତ୍ୟକ୍ତ ହୋଇପଡିଛି। ଏହା ଯାଜପୁରବସୀ ତଥା ବିରଜାଙ୍କ ଶ୍ରଦ୍ଧାଳୁଙ୍କ ଭାବାବେଗକୁ କଷ୍ଟ ଦେଉଛି।

ସାଧାରଣରେ କହିବା କଥା ଯଦି ବିରଜାଙ୍କ ମୂର୍ତ୍ତି ପ୍ରତିଷ୍ଠା କରିହେଉନି ତାଙ୍କୁ ଯଥୋଚିତ ସମ୍ମାନ ଜଣାଇ ରଖାଯାଉ। ମା' ବିରଜାଙ୍କୁ ସମ୍ମାନ ଓ ପ୍ରାଚୀନ ପୀଠକୁ ଯଥୋଚିତ ମର୍ଯ୍ୟାଦା ଦେବା ପ୍ରଶାସନର ପ୍ରଥମ କର୍ତ୍ତବ୍ୟ। ଶକ୍ତିପୀଠରେ ମାଆଙ୍କୁ ଯେତେବେଳେ ସମ୍ମାନ ଦିଆଯିବ, ସେତେବେଳେ ଯାଜପୁରର ସତ୍ୟ ସମ୍ମାନ ହେବ।



# ସାର ଅଭାବ: ଚଢ଼ା ଦରରେ କିଣୁଛନ୍ତି ଚାଷୀ

**କାକଟପୁର/ଅସ୍ତରଙ୍ଗ,୧୧।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୟୁରିଆ ସାରର ଅଭାବ ନେଇ ଚିନ୍ତାରେ ଚାଷୀ। ଦୀର୍ଘ ଦିନ ହେବ ସାରର ଅଭାବୀ ବିକ୍ରି ଓ ବିଭିନ୍ନ ସ୍ଥାନରେ ସାର ସଙ୍କଟ ଦେଖା ଦେଇଥିବା ବେଳେ ଏହାର ସମାଧାନ ପାଇଁ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏବେ ଧାନ ଗଛ ବଢ଼ିବା ସମୟ। ଏହି ସମୟରେ ଧାନରେ ସାର ଦିଆଯିବା କଥା। ମାତ୍ର ସାର ମିଳୁନଥିବାରୁ ଧାନ ଗଛ ସବୁ ହଳଦିଆ ପଡିବା ଆରମ୍ଭ କଲାଣି। ଫଳରେ ଆଗକୁ ଧାନ ମଧ ଭଲ ଫଳିବନି। ଏଭଳି ସ୍ଥିତିକୁ ନେଇ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। କେତେକ ଜାଗାରେ ଚାଷୀ ଚଢ଼ା ଦରରେ ସାର କିଣୁଥିବା ଅଭିଯୋଗ ହୋଇଛି।

ଚାଷୀ ବେଉଷଣ କାମ ସରିବା ପରେ ସାର ମୁଠେ ଜମିରେ ପକାଇ ଭଲ ଅମଳ କରିବେ ବୋଲି ଆଶା ରଖିଥିଲେ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୟୁରିଆ ସାରର ନିଅଣ୍ଟିଆ ଯୋଗାଣ ଯୋଗୁଁ ଚାଷୀମନେ ବାଧ ହୋଇ ଖୋଲା ବଜାରରେ ଚଢ଼ା ଦରରେ ସାର କିଣୁଥିବା ବହୁ ଚାଷୀ ଅଭିଯୋଗ କରୁଛନ୍ତି। ୟୁରିଆ ବସ୍ତା ପିଛା ୨୬୮ଟଙ୍କା ଥିବା ବେଳେ ଏବେ କେଉଁଠି ୫୭୦ଟଙ୍କା ତ ଆଉ କେଉଁଠି ୬୦୦ଟଙ୍କା ଦେଇ କିଣୁଛନ୍ତି। ୟୁରିଆ, ଗ୍ରୋମର, ଡିଏପି ସାରକୁ ଅସାଧୁ ବ୍ୟବସାୟୀ ଖୋଲା ଭାବେ ଚଢ଼ା ଦରରେ ବିକ୍ରି କରି ମାଲେ ମାଲ ହେଉଛନ୍ତି। ଯେଉଁଠି ଗ୍ରୋମରର ସରକାରୀ ମୂଲ୍ୟ ୧୮ଶହ ଟଙ୍କା ରହିଛି, ଏହାକୁ କୃତ୍ରିମ ଅଭାବ ଦେଖା ଯାଇ ଖୋଲା ଭାବେ ବିକ୍ରି ହେବା ଫଳରେ ପ୍ୟାକେଟ ପିଛା ୩୭ଶହ ପର୍ଯ୍ୟନ୍ତ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଯାହାକି ସରକାରୀ ମୂଲ୍ୟର ଦୁଇ ଗୁଣରୁ ଅଧିକ।

ଅସ୍ତରଙ୍ଗ ବ୍ଲକ ଅଂଚଳରେ ୬ହଜାରରୁ ଊର୍ଦ୍ଧ ହେକ୍ଟର ଅଂଚଳରେ ଧାନ ଚାଷ ହୋଇଛି। ଏହା ଶହ ଅସ୍ତରଙ୍ଗ ବ୍ଲକ ଅଂଚଳରେ ୧୦ଟି ସମବାୟ ସମିତି ଥିବା ବେଳେ ସେମିତି ଆଖି ଦୃଶିଆ କେଉଁ ସମିତି ସାର ଆଣୁଛନ୍ତି ସେମିତି ନଜିର ଆସିନାହିଁ। ସାର ନ ମିଳିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଥିବା ବେଳେ କଳାବଜାରୀ ବ୍ୟବସାୟୀଙ୍କ ପାଇଁ ଏଭଳି ସ୍ଥିତି ମୋଟା ଅଙ୍କର ମୁନାଫା କମାଇବାକୁ ଏକ ଅବସର ସୃଷ୍ଟି କରିଛି।



## ଗଞ୍ଜେଇ ଚୋରା ଚାଲାଣ, ୬ ଗିରଫ



**ବ୍ରହ୍ମପୁର,୧୧।୯ (ସଂଚାର ବ୍ୟୁରୋ):** ବାହାର ରାଜ୍ୟକୁ ବେଆଇନ ଗଂଜେଇ ଚାଲାଣ ବେଳେ ମାଡି ବସିଲା ଅବକାରୀ ଗୁଇନ୍ଦା ବିଭାଗ। ୫୫ କିଲୋ ଗଂଜେଇ, ଗୋଟିଏ ବାଇକ, ୩ଟି ଚାରି ଚକିଆ ଗାଡି ଓ ୮ଟି ମୋବାଇଲ ଫୋନ ଜବତ ହୋଇଛି। ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ଅବକାରୀ ଗୁଇନ୍ଦା ବିଭାଗ। କନ୍ଧମାଳରୁ ବାହାର ରାଜ୍ୟକୁ ଗଂଜେଇ ଚାଲାଣ କରିବା ବେଳେ ଖଲିକୋଟ ଘାଟି ନିକଟରେ ଅବକାରୀ ଗୁଇନ୍ଦା ବିଭାଗ ଏହାକୁ କାବୁ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ବିହାର, ପଶ୍ଚିମବଙ୍ଗ ଅଞ୍ଚଳର ତିନିଜଣ ଏବଂ କନ୍ଧମାଳ ଅଞ୍ଚଳର ତିନିଜଣ ରହିଛନ୍ତି। ଏସବୁ ଗଂଜେଇ ବିହାର ଓ ପଶ୍ଚିମବଙ୍ଗଂକୁ ଚାଲାଣ କରିବା ପାଇଁ ପ୍ରସ୍ତୁତ ହୋଇଥିଲା। ଗିରଫ ୬ ଜଣଙ୍କ ମଧ୍ୟରେ କନ୍ଧମାଳ ଅଞ୍ଚଳର ଦୁଇଜଣ ପେଶାଗତ ଗଂଜେଇ ଚାଲାଣକାରୀ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଜବତ ମୋବାଇଲ ଫୋନରୁ ଗଂଜେଇ ମାଫିଆଙ୍କ ଟେର ମିଳିଥିବା ବେଳେ ଅଧିକ ତଦନ୍ତ କରୁଛି ଅବକାରୀ ଗୁଇନ୍ଦା ବିଭାଗ।

## ସ୍କୁଟି ଜବତ, ଚୋରା ମଦ ବେପାରୀ ଗିରଫ

**ବାଲିଅନ୍ତା,୧୧।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଚୋରା ମଦ ବିକ୍ରି ଅଭିଯୋଗରେ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମଦ ବେପାରୀ ହେଲା ବୁଦ୍ଧିପଡା ଗ୍ରାମର ପ୍ରଭାତ ପ୍ରଧାନ। ବୁଦ୍ଧିପଡା ଛକ ନିକଟରେ ବାଳକାଟି ଫାଣ୍ଡି ପୁଲିସ ଚଢ଼ଉ କରି ପ୍ରଭାତ ନିକଟରୁ ସ୍କୁଟି ସମେତ ୧୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରିଥିଲା।

## ବିପଦସଂକୁଳ ଗଛକୁ କାଟିଲା ପ୍ରଶାସନ

**କାକଟପୁର/ଅସ୍ତରଙ୍ଗ,୧୧।୯ (ସଂଚାର ବ୍ୟୁରୋ):** ଚକାଚକ ରାସ୍ତାରେ ଚାକୁଣ୍ଡା ଗଛ ବିପଦ ସାଜୁଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା କୁହୁଡି ନିକଟରେ ଥିବା ଏକ ଚାକୁଣ୍ଡା ଗଛ ବିପଦ ସଂକୁଳ ଅବସ୍ଥାରେ ରାସ୍ତା ଉପରକୁ ଥିବା ବେଳେ ବିଭିନ୍ନ ସମୟରେ ଯାତାୟତ କରୁଥିବା ଭାରୀଯାନ ଯାତାୟତ ବଡ଼ ସମସ୍ୟା ହେଉଥିଲା। ଯାହା ଫଳରେ ବିରାଟ କାୟ ଗଛ ରାସ୍ତା ଆରୋହୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ଖବର ପ୍ରକାଶିତ ପରେ ସ୍ଥାନୀୟ ପ୍ରଶାସନ ତତ୍ପରତା ସହ ଗୁରୁବାର ପୂର୍ବାହ୍ନରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତିଙ୍କ ଉପସ୍ଥିତରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ଆଗ୍ନୀକ ମାନଙ୍କ ଦ୍ୱାରା ବିପଦ ସଂକୁଳ ଗଛକୁ କଟା ଯାଇଥିଲା।

# ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସରେ ସମ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ସେପ୍ଟେମ୍ବର ୧୦ ତାରିଖ ସକାଳେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କ ଉପସ୍ଥିତିରେ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ବିଶାଳ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମହତ୍ୟା ନିରାକରଣ ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ୍ କଲେଜର ଡିନ୍ ଇନ୍‌ଚାର୍ଜ ପ୍ରଫେସର ସୌମ୍ୟରଞ୍ଜନ ଦାଶ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସର୍ଟ ଫିଲ୍ମ ଓ ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ନାଟକ ଅନେକଙ୍କୁ ପ୍ରଭାବିତ କରିଥିଲା।




## ଶିକ୍ଷାଧିକାରୀ ସୋନମିକା ରାୟ ସମ୍ବର୍ଦ୍ଧିତ



**ଖୋର୍ଦ୍ଧା,୧୧।୯ (ସଂଚାର ବ୍ୟୁରୋ):** ଶିକ୍ଷା କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଖୋର୍ଦ୍ଧା ଜିଲ୍ଲା ଶିକ୍ଷଧିକାରୀ ସୋନମିକା ରାୟ ଟ୍ରଫି ଓ ମାନପତ୍ର ଗ୍ରହଣ କରିବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ପ୍ରରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଓଷ୍ଟା ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ସେଣ୍ଟ୍ରାଲ ଟିମ୍‌ର ଷ୍ଟେଟ ନୋଡାଲ ଅଧିକାରୀଣୀ ତଥା ଯୁଗ୍ମ ନିର୍ଦ୍ଦେଶିକା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର ମହୋଦୟା ମୌସୁମୀ ସାହୁଙ୍କ ସହିତ ସାକ୍ଷାତ କରି ଓଷ୍ଟା ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧିତ କରିବା ସହିତ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ଜିଲ୍ଲା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ର ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠି ଓ ଜିଲ୍ଲାର ସଭାପତି ଅଜୟ କୁମାର ରାଉତରାୟ ,ଓଷ୍ଟା ବ୍ଲକ ସମ୍ପାଦକ ଶରତ କୁମାର ରାଉତ, ଜଟଣୀ ବ୍ଲକ୍ ଓଷ୍ଟା କାର୍ଯ୍ୟକାରୀ କମିଟିର ସଭ୍ୟ ବିଚିତ୍ରା ନନ୍ଦ ମହାନ୍ତି ଓ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ଡକ୍ଟର ପ୍ରବୀର କୁମାର ସାହୁ, ଓ ଅଭିରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ନ୍ୟାସ୍‌ନାଲ ମେଡିକାଲ ରେକର୍ଡସ ଦିବସ ପାଳିତ

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ପୂର୍ବ ଭାରତର ଅଗ୍ରଣୀ କ୍ୱାର୍ଟରନାରୀ କେୟାର ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ବୁଧବାର ନ୍ୟାସ୍‌ନାଲ୍ ମେଡିକାଲ୍ ରେକର୍ଡସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମମରେ କାର୍ଯ୍ୟରତ ଡାକ୍ତର, ନର୍ସ, ପାରାମେଡିକ୍ସ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେବା ସହ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମେଡିକାଲ୍ ରେକର୍ଡସର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲ୍ ରେକର୍ଡର କାର୍ଯ୍ୟଧାରାକୁ ଦୃଢ଼ୀଭୂତ କରିବା ସହ ଅତ୍ୟାଧୁନିକ ମାନର ରୋଗୀ ସେବା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏକ ବାର୍ତ୍ତାରେ କହିଥିଲେ ଯେ ନିର୍ଭୁଲ ମେଡିକାଲ୍ ରେକର୍ଡସ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା, ଗବେଷଣା, ପ୍ରଶିକ୍ଷଣ ଏବଂ ଉତ୍କର୍ଷତାର ପ୍ରତୀକ ଅଟେ। କାର୍ଯ୍ୟକ୍ରମ ଶେଷରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷ ଆଣିବା ନିମନ୍ତେ ମେଡିକାଲ୍ ରେକର୍ଡସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଶପଥ ନେଇଥିଲେ।



## ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଫେରିଲେ

**ବୈଶିଙ୍ଗା,୧୧।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ପଞ୍ଚାୟତର କଣ୍ଟିପୁର ଗ୍ରାମର ଜନୈକ ଯୁବକ ଦାଦନ ଖଟିବାକୁ ଯାଇଥିଲେ ସୁଦୂର ଗୁଜରାଟ। ହେଲେ କୌଣସି କାରଣରୁ ତାଙ୍କୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକଙ୍କ ପାଖରେ ଖବର ପହଞ୍ଚିଛି। ମିଳିଥିବା ସୂଚନା ମୁତାବକ ଏହି ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ଉତ୍ତମ ୩୭ ବର୍ଷ , ଚାରି ବର୍ଷ ହେଲା ଗୁଜୁରାଟର ମୋର୍ବି ଠାରେ ଏକ ମାର୍ବଲ କମ୍ପାନୀରେ ଚାକିରୀ କରୁଥିଲେ। ମାସେ ପୂର୍ବରୁ ସେ ଛୁଟିରେ ଗାଆଁକୁ ଆସି କିଛି ଦିନ ରହି ଫେରି ଯାଇଥିଲେ। ଗାଁରେ ତାଙ୍କର ବାପାଙ୍କ ସହିତ ସ୍ତ୍ରୀ ଓ ଝିଅ ୧୨ ବର୍ଷ, ପୁଅ ୬ ବର୍ଷ ଦୁଇଜଣ ରୁହନ୍ତି। ତେବେ ସୋମବାର ତାଙ୍କ ବଡ଼ ଭାଇ ସତ୍ୟ ପ୍ରକାଶଙ୍କ ପାଖକୁ ଗୁଜରାଟ ପୁଲିସ ପକ୍ଷରୁ ସୂଚନା ମିଳିବା ପରେ ସୋମବାର ରାତିରେ ସତ୍ୟପ୍ରକାଶ ଯାଇଛନ୍ତି ଗୁଜରାଟ। ତେବେ ସେଠାରେ ହିଁ ଶବଶତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

# ରାୟପୁରରେ ଓଡ଼ିଶୀ ନୃତ୍ୟର ଝଲକ

● ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଝୁମିଲେ ଦର୍ଶକ



**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** କମଳା ଦେବୀ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ ପଲୁସ୍କର ସ୍ମୃତି ତଥା ଡ଼ଃ ଅନିତା ସେନ୍ ଜୟନ୍ତୀ ଛତିଶଗଡ ସ୍ଥିତ ରାୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଭାତଖଣ୍ଡେ ଲଳିତକଳା ଶିକ୍ଷା ସମିତି ଦ୍ୱାରା ସଂଚାଳିତ କମଳା ଦେବୀ ସଙ୍ଗୀତ ମହାବିଦ୍ୟାଳୟ ଛତିଶଗଡ ର ଏକ ସୁପ୍ରତିଷ୍ଠିତ ଅନୁଷ୍ଠାନ। ଉକ୍ତ ସଂନ୍ଧ୍ୟାରେ ବରେଣ୍ୟ ଅତିଥି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ । କଳିଙ୍ଗାୟନ ତୌର୍ଯ୍ୟତ୍ରିକମ ଅନୁଷ୍ଠାନର ମୁଖ୍ୟ ଗୁରୁ ପୁଷ୍ମିତା ମିଶ୍ର ମୁଖ୍ୟ କଳାକାର ଭାବରେ "ଅହଲ୍ୟା" ଓଡ଼ିଶୀ ନୃତ୍ୟ ମାଧମରେ ପରିବେଷଣ କରିଥିଲେ। ପରେ ପରେ କଳିଙ୍ଗାୟନ ତୌର୍ଯ୍ୟତ୍ରିକମ ଅନୁଷ୍ଠାନ ନୃତ୍ୟ ଶିଳ୍ପୀ ମାନଙ୍କ ଦ୍ୱାରା ପ୍ରଥମେ ସରସ୍ୱତୀ ବନ୍ଦନା ପରେ ପରେ ଶାସ୍ତ୍ରୀୟ ଗାୟନ ଓ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶାରୁ କଳିଙ୍ଗାୟନ ତୌର୍ଯ୍ୟତ୍ରିକମ ଅନୁଷ୍ଠାନର ମିତା ଦାସ, ଡ଼ଃ ସୁସ୍ମିତା ଦାଶ, ଶ୍ରୀୟାଶ୍ରୀ ପତି, ଅଦ୍ୟାସା ମିଶ୍ର , ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ଏବଂ ତାରିଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ରାଜ୍ୟରେ ସାରର ଅଭାବ ନାହିଁ

**ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

- ପାକ୍ସ ଏବଂ ଲ୍ୟାମ୍ପ୍ସରେ ସାର ଆବଣ୍ଟନର ମନିଟରିଂ ଲାଗି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
- ଯାଞ୍ଚବେଳେ ଜବତ ସାରକୁ ପାକ୍ସ କିମ୍ବା ଲ୍ୟାମ୍ପ୍ସରେ ରଖି ଚାଷୀଙ୍କୁ ଆବଣ୍ଟନ କର
- ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାରେ ଥିବା ପାକ୍ସ ଏବଂ ଲ୍ୟାମ୍ପ୍ସ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯାଞ୍ଚ ସ୍ଥାନରେ ସାରକୁ ଜବତ ନକରି ସେହି ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲ୍ୟାମ୍ପ୍ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିଭଳି, ମାର୍କଫେଡର ଅଧିକାରୀମାନଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁ ଏନଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଜିଲ୍ଲାରେ ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଣୁ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇ ପାରିବ। ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀ ମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆଯାଉଛି ଏବଂ ଯେପରି ସେହି ଅଞ୍ଚଳରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ ପ୍ରତ୍ୟେକ ଜିଲ୍ଲାରେ ସାର ବଣ୍ଟନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝିଥିଲେ ଏବଂ କୌଣସି ସ୍ଥାନରେ ଚାଷୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ନୋଟାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ



- ଅନଲାଇନ୍‌ରେ ଉପଲବ୍ଧ ହେବ ଡାଟାବେସ୍
- ନିୟମିତ କାର୍ଯ୍ୟ ବିବରଣୀ ଦାଖଲ କରିବେ ନୋଟାରୀ

ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ରାଜ୍ୟରେ ଆଇନ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ଦିଗରେ ନୋଟାରୀ ଓ ଆଇନଜୀବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ରମରେ ନୂତନ ନୋଟାରୀ ନିଯୁକ୍ତି ଏବଂ ଅନଲାଇନ ଯୋଗେ ନୋଟାରୀ ଓ ଆଇନଜୀବୀଙ୍କ ଡାଟାବେସ ପ୍ରସ୍ତୁତ ନେଇ ଆଜି ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୋଟାରୀ ଓ ଆଇନଜୀବୀଙ୍କ ଲାଗି ଏକ ସ୍ୱତନ୍ତ୍ର ୱେବପୋର୍ଟାଲ ବିଷୟରେ ଆଲୋଚନା ହୋଇଥିଲା। ଏହି ୱେବପୋର୍ଟାଲ ଜରିଆରେ ସବୁ ନୋଟାରୀ ଓ ଆଇନଜୀବୀଙ୍କୁ ପଞ୍ଜିକୃତ କରାଯିବ। ନୂଆ ନିଯୁକ୍ତି ଲାଗି ମଧ୍ୟ ନୋଟାରୀମାନେ ଏହି ପୋର୍ଟାଲ ଜରିଆରେ ଦରଖାସ୍ତ କରିପାରିବେ। ପରବର୍ତ୍ତୀ ସମୟରେ ନୋଟାରୀମାନେ ନିୟମିତ ନିଜ କାର୍ଯ୍ୟର ବିବରଣୀ ଏହି ପୋର୍ଟାଲ ଜରିଆରେ ଦାଖଲ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ସହଜ ବ୍ୟବହାର ଲାଗି ଏକ ମୋବାଇଲ ଆପ ପ୍ରସ୍ତୁତ ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଅରୁଣ କୁମାର ସାହୁ ଓ ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ।

• ପୁଲିସ୍‌କୁ ବାଲି ମାଫିଆଙ୍କ ନାଲିଆଖି

## କନ୍‌ଷ୍ଟେବଲଙ୍କୁ ଭୁଜାଲି ଦେଖାଇ ନେଇଗଲେ ଟ୍ରାକ୍ଟର, ଜଣେ ଅଟକ



ନୀଳଗିରି,୧୧।୯(ସଂଚାର ବ୍ୟୁରୋ): ଦିନକୁ ଦିନ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ୁଥିବା ବେଳେ ସେମାନେ ପୁଲିସ୍‌କୁ ବି ଖାତିର୍ କରୁନାହାନ୍ତି। ଏପରି ଏକ ଘଟଣା ନିକଟରେ ବାଲେଶ୍ୱରର ନୀଳଗିରି ବ୍ଲକ୍ ଅନ୍ତର୍ଗତ ପ୍ରତାପପୁର ସୋନ ନଦୀ ବାଲିଘାଟରେ ଦେଖିବାକୁ ମିଳିଛି। ଜଣେ କନେଷ୍ଟବଲଙ୍କୁ ଭୁଜାଲି ଦେଖାଇ ଜବତ ହୋଇଥିବା ଟ୍ରାକ୍ଟରକୁ ପାଖାପାଖି ୨୫ଜଣ ମାଫିଆ ନେଇଯାଇଥିବା ଜଣାପଡ଼ିଛି। ସୋନ ନଦୀରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଖବର ପାଇ ନୀଳଗିରି ପୁଲିସ ଓ ଖଣି ବିଭାଗ ପକ୍ଷରୁ ମିଳିତ ଭାବେ ସେଠାରେ ଚଢ଼ାଉ କରାଯାଇଥିଲା। ଚାଲାଣ କରୁଥିବା ଅଭିଯୋଗରେ ସେଠାରୁ ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇଥିଲା। କିନ୍ତୁ ଉକ୍ତ ଟ୍ରାକ୍ଟରକୁ ଥାନାକୁ ଆଣୁଥିବା ସମୟରେ କେତେକ ବାଲି ମାଫିଆ ଅଧା ବାଟରେ କନେଷ୍ଟବଲଙ୍କୁ ଅଟକାଇବା ସହ ତାଙ୍କ ବେକରେ ଭୁଜାଲି ଲଗାଇ ଭୟଭୀତ କରିଥିଲେ। ପରେ ସେମାନେ ଜବତ ଟ୍ରାକ୍ଟରକୁ ନେଇ ଚାଲିଯାଇଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ପରେ ପୁଲିସ୍ ଜଣକୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ଜୁନିଅର ମାଇନିଂ ଅଫିସରଙ୍କୁ ନୀଳଗିରିରେ ମାଫିଆମାନେ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା।

● ଏନ୍‌ଏଚ୍-୪୯ ଟୋଲଗେଟରେ ମର୍ମନ୍ତୁଦ ଦୁର୍ଘଟଣା

## ଗୋରୁବୋଝେଇ ସ୍କର୍ପିଓ ଧକ୍କାରେ ଟୋଲଗେଟ୍ କର୍ମଚାରୀ ମୃତ

ଝାରସୁଗୁଡା,୧୧।୯(ସଂଚାର ବ୍ୟୁରୋ): ଜାତୀୟ ରାଜପଥ-୪୯ ରେଙ୍ଗାଲି ଥାନା ଅଧୀନସ୍ଥ ଗୋବିନ୍ଦପୁର ଟୋଲଗେଟ ନିକଟରେ ଗୋରୁ ଚାଲାଣ କରୁଥିବା ଏକ ସ୍କର୍ପିଓ ଧକ୍କା ଦେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ କଦମଡ଼ିହି ଗ୍ରାମର ଅନୀଲ କୁମାର ପଟେଲ (୪୧) ଓ ସେ ଉକ୍ତ ଟୋଲ୍‌ଗେଟ୍‌ର କର୍ମଚାରୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିବା ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ରେଙ୍ଗାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉକ୍ତ ସ୍କର୍ପିଓକୁ ପୁଲିସ୍ ଜବତ କରିବା ସହ ସେଥିରୁ ୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। କିନ୍ତୁ ଚାଲାଣକାରୀମାନେ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ସେହିପରି ଘଟଣା ସମ୍ପର୍କରେ ସୂଚନା ପାଇ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନ ଓ ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

■ ଅବକାରୀ ବିଭାଗର ଚଢ଼ାଉ

## ବ୍ରାଉନସୁଗର୍ ଜବତ, ୪ ଗିରଫ



ନକଲି ମଦ ଫ୍ୟାକ୍ଟ୍ରି ଠାବ

ବ୍ରହ୍ମପୁର,୧୧।୯(ସଂଚାର ବ୍ୟୁରୋ): ବ୍ରହ୍ମପୁର ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଆଜି ବଡ଼ ଧରଣର ଚଢ଼ାଉ କରାଯାଇଛି। ବ୍ରାଉନସୁଗରର ମୁଖ୍ୟ ବ୍ୟବସାୟୀ ମା' ଓ ପୁଅଙ୍କୁ ବି ସ୍କ୍ୱାଡ୍‌ର ସଦସ୍ୟମାନେ ଗିରଫ କରିଛନ୍ତି। ବଡ଼ ବଜାର ଥାନା ଅନ୍ତର୍ଗତ କୈଳାସ ନଗରରୁ ସନ୍ଧ୍ୟାରାଣୀ ଶତପଥୀ ଓ ତାଙ୍କ ପୁଅ ସ୍ୱରାଜକୁ ଗିରଫ କରାଯାଇଛି। ସନ୍ଧ୍ୟାରାଣୀଙ୍କଠାରୁ ୫୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗର ଜବତ କରାଯିବା ସହ ଚଢ଼ାଉ ସମୟରେ ଏକ ନକଲି ବିଦେଶୀ ମଦ ଫ୍ୟାକ୍ଟ୍ରି ବି ଠାବ କରାଯାଇଛି। ଏଥିରେ ପୂରା ପରିବାର ସମ୍ପୃକ୍ତ ଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି। ଉକ୍ତ ପରିବାରର ବଡ଼ ପୁଅ ଖୋର୍ଦ୍ଧାରୁ ବ୍ରାଉନସୁଗର୍ ଆଣି ମା' ସନ୍ଧ୍ୟାରାଣୀଙ୍କୁ ଦେଉଥିବା ବେଳେ ସେ ଏଠାରେ ବିଭିନ୍ନ ଏଜେଣ୍ଟଙ୍କ ମାଧ୍ୟମରେ ବିକ୍ରି କରୁଥିବା ଜଣାପଡ଼ିଛି। ଆଜି ଅବକାରୀ ମୋବାଇଲ ସ୍କ୍ୱାଡ୍ ବ୍ରହ୍ମପୁର ଏମକେସିଜି ମେଡିକାଲ ପଡ଼ିଆ ନିକଟରୁ ବଡ଼ ବଜାର ଅଞ୍ଚଳର ବାବୁ ଦଳାଇ ଓ ଏସ ନାରାୟଣ ପାତ୍ରଙ୍କୁ ପ୍ରାୟ ୯୦ ଗ୍ରାମ ବ୍ରାଉନସୁଗର ସହ ଧରିଥିଲା। ପଚରାଉଚରା ସମୟରେ ସନ୍ଧ୍ୟାରାଣୀ ସପ୍ଲାଏ କରୁଥିବା ଜାଣିବାକୁ ପାଇ ଅବକାରୀ ବିଭାଗର ସ୍କ୍ୱାଡ୍ କୈଳାସନଗରସ୍ଥିତ ଘର ଉପରେ ଚଢ଼ାଉ କରିଥିଲା। କିନ୍ତୁ ସେତେବେଳକୁ କୌଣସି ସୂତ୍ରରୁ ଖବର ପାଇ ସନ୍ଧ୍ୟାରାଣୀ ଫେରାର ହେବାକୁ ଉଦ୍ୟମ କରୁଥିଲା। କିନ୍ତୁ ତାକୁ ଗିରଫ କରାଯିବା ସହ ତା'ର ଘର ଯାଞ୍ଚ ସମୟରେ ସେଠାରେ ବି ଏକ ବିଦେଶୀ ନକଲି ମଦ କାରଖାନା ଚାଲିଥିବା ଦେଖିବାକୁ ମିଳିଥିଲା। ସେସବୁକୁ ଜବତ କରାଯିବା ସହ ସନ୍ଧ୍ୟାରାଣୀର ନିଜ ଘର ଗଞ୍ଜାମ ବ୍ଲକରେ ହୋଇଥିବା ବେଳ ସେ ଏଠାରେ ଭଡାରେ ରହିବା ସହ ଆଉ ଏକ ପୁଅ ମାଧ୍ୟମରେ ବ୍ରାଉନସୁଗର ଆଣି ସହରର ବିଭିନ୍ନ ସ୍ଥାନକୁ ସପ୍ଲାଏ କରୁଥିବା ଜଣାପଡ଼ିଛି।

## ସରକାରୀ ଟଙ୍କା ଆତ୍ମସାତ, ସରପଞ୍ଚ ନିଲମ୍ବିତ

ଚାନ୍ଦବାଲି, ୧୧।୯ (ସଂଚାର ବ୍ୟୁରୋ) : ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ। ନିଲମ୍ବିତ ହେଲେ ସରପଞ୍ଚ । ଭଦ୍ରକ ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ବାପୁନ ବାରିକଙ୍କୁ ନିଲମ୍ବନ କଲେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ । ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ୮ଜଣ ନାବାଳକ ଓ ନାବାଳିକାଙ୍କୁ ଶ୍ରମିକ ଦର୍ଶାଇ ଟଙ୍କା ଆତ୍ମସାତ କରିବା ପ୍ରମାଣ ମିଳିବା ପରେ ସରପଞ୍ଚଙ୍କୁ ମହଙ୍ଗା ପଡିଛି । ଭଦ୍ରକ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ବିଭାଗୀୟ ସଚିବ ଚିଠି ନଂ ୨୪୫୪୫ / ୦୮. ୦୯. ୨୦୨୫ ଜରିଆରେ ଗୋପୀନାଥପୁର ପଞ୍ଚାୟତର ସରପଞ୍ଚ ବାପୁନ ବାରିକଙ୍କୁ ନିଲମ୍ବନ କରିଥିବା ଜଣାପଡିଛି।

ଭୁବନେଶ୍ୱରରେ ବୁଲିବେନି ଗାଈଗୋରୁ

## ନିର୍ମାଣ ହେବ ଆଦର୍ଶ ଗୋଶାଳା

**ଖର୍ଚ୍ଚ ହେବ ୪୦ କୋଟି**



ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ବୁଲା ଗାଈଗୋରୁମୁକ୍ତ ହେବ ରାଜଧାନୀ ଭୁବନେଶ୍ୱର। ଏଠାରେ ନିର୍ମାଣ ହେବ ଆଦର୍ଶ ଗୋଶାଳା। ଏଥିପାଇଁ ୪୦ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି ବୋଲି ଆଜି ସୂଚନା ଦେଇଛନ୍ତି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ ରାଜଧାନୀରେ ବୁଲା ଗାଈଗୋରୁଙ୍କ ପାଇଁ ବିଭିନ୍ନ ସମୟରେ ଅଘଟଣ ଘଟୁଥିବା ନଜରକୁ ଆସିଛି। ତେଣୁ ଏସବୁ ସମସ୍ୟା ଏଡ଼ାଇବା ସକାଶେ ରାଜ୍ୟ ସରକାର ବୁଲା ଗାଈଗୋରୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା କରିଛନ୍ତି। ଖୁର୍ଦ୍ଧାରେ ୪୦କୋଟି ବ୍ୟୟରେ ଆଦର୍ଶ ଗୋଶାଳା ନିର୍ମାଣ କରାଯିବ। ଏଥିପାଇଁ ଜମି ବି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ଗୋମାତାଙ୍କ ଗୋବର ମୂତ୍ରରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାର ଯୋଜନା ମଧ୍ୟ ରହିଛି। ରାଜ୍ୟର ୬ଟି ବଡ଼ ସହରରେ ଗୋଶାଳା ନିର୍ମାଣ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିତ୍ତିପ୍ରସ୍ତର ସ୍ଥାପନ କରିସାରିଛନ୍ତି। ଏହା ପୂର୍ବରୁ ଜଳେଶ୍ୱରରେ ୭ କୋଟି ଟଙ୍କା, ବାରିପଦାରେ ୫ କୋଟି ଟଙ୍କା ଓ ଝାରସୁଗୁଡ଼ାରେ ୪ କୋଟି ଟଙ୍କାରେ ଗୋଶାଳା ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

ଗୋବରୀ ନଦୀରେ ୬୦ ଫୁଟର ଘାଇ

## ସ୍ଥିତି ପରଖିଲେ ବିଧାୟକ ଶାରଦା ପ୍ରଧାନ

**ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ**



ମାହାଙ୍ଗା,୧୧।୯(ସଂଚାର ବ୍ୟୁରୋ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ରାହାଣିଆ-ଚମ୍ପେଇପୁର ପ୍ରଧାନମନ୍ତ୍ରୀ ସଡ଼କର ପାଇକରାପୁରଠାରେ ଗୋବରୀ ନଦୀ କୂଳରେ ୬୦ ଫୁଟର ଘାଇ ସୃଷ୍ଟି ହୋଇଛି। ତେଣୁ ଏହି ଘାଇ ମରାମତି ପାଇଁ ସ୍ଥାନୀୟ ବିଧାୟକ ଶାରଦା ପ୍ରଧାନ ଅଣ୍ଟା ଭିଡ଼ିଛନ୍ତି। ଏନେଇ ଖବର ପାଇବା ପରେ ଶ୍ରୀ ପ୍ରଧାନ ଆଜି ଘଟଣାସ୍ଥଳରେ ପହଞ୍ଚିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ତାଙ୍କ ସହ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ନାୟକ, ସହକାରୀ ଯନ୍ତ୍ରୀ ଚିନ୍ମୟୀ ସାହୁ, କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀ ଦାସ ଓ କଟକ ଡ୍ରେନେଜ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୀତାଞ୍ଜଳି ବେହେରା ଓ ସହକାରୀ ଯନ୍ତ୍ରୀ ସୌମେନ୍ଦୁ ମହାନ୍ତି ମଧ୍ୟ ଘଟଣାସ୍ଥଳରେ ସ୍ଥିତି ପରଖିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ସେମାନଙ୍କୁ ଏହି ଘାଇର ଯୁଦ୍ଧକାଳୀନ ମରାମତି ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

● 'ଅପରେସନ୍ ପ୍ରହାର'ର ପ୍ରଥମ ସପ୍ତାହ

## ୧୧୦ ମାମଲା ରୁଜୁ, ୧୫୭ ଗିରଫ

ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟକୁ ନିଶାମୁକ୍ତ କରିବା ତଥା ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଚାଲିଥିବା 'ଅପରେସନ୍ ପ୍ରହାର'ର ପ୍ରଥମ ସପ୍ତାହରେ ୧୧୦ଟି ମାମଲା ରୁଜୁ କରାଯିବା ସହ ୧୫୭ ଜଣଙ୍କୁ ଗିରଫ କରାଯାଇଛି। ଗତ ୧ରୁ ୭ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଚଢ଼ାଉ ସମୟରେ ପୁଲିସ୍ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗର, କଫ ସିରପ ଭଳି ନିଶାଦ୍ରବ୍ୟର ଚୋରା ଚାଲାଣ ଉପରେ ରୋକ ଲଗାଇପାରିଛି। ଏହି କ୍ରମରେ ଗତ ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରା ଚାଲାଣ ବିରୁଦ୍ଧରେ ୭୨ଟି ମାମଲା ରୁଜୁ କରାଯିବା ସହ ୪୮୦ କେଜି ଗଞ୍ଜେଇ ଜବତ କରାଯାଇଛି। ସେହିପରି ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୯୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ବ୍ରାଉନସୁଗର ଚୋରା ଚାଲାଣ ନେଇ ୨୭ଟି ମାମଲା ରୁଜୁ କରାଯାଇ ୨୩୭୪ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିବା ବେଳେ ୪୫ ଜଣଙ୍କୁ ଗିରଫ କରାଯାଇଥିବା ନେଇ କମିଶନରେଟ୍ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଉପରୋକ୍ତ ଅବଧି ମଧ୍ୟରେ ପୁଲିସ୍ ୩୦୫୨ ବୋତଲ କଫ ସିରପ ଜବତ କରି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆହୁରି ୧୨୯ ବିଏନ୍‌ଏସ୍‌ଏସ୍ ଅନୁଯାୟୀ ୭୦ ଜଣ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାଛଡ଼ା ଚୋରା ନିଶା ଦ୍ରବ୍ୟ ଚାଲାଣ ଅଭିଯୋଗରେ ସମ୍ପୃକ୍ତ ଥିବା ୩ଟି ଦୋକାନକୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି।

## ରାଜ୍ୟରେ ରହିବେନି ଭୂମିହୀନ:ରାଜସ୍ୱ ମନ୍ତ୍ରୀ




ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ଓଡ଼ିଶା ସରକାର ବସୁନ୍ଧରା ଯୋଜନା ଅଧୀନରେ ଭୂମିହୀନ ଓ କମ୍ ଜମି ଥିବା ବ୍ୟକ୍ତିମାନଙ୍କୁ ଜମି ଯୋଗାଇଦେବା ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଗାମୀ ୫ ବର୍ଷ ଭିତରେ ରାଜ୍ୟରେ କେହି ଜଣେ ବି ଭୂମିହୀନ ରହିବେ ନାହିଁ। ଯେଉଁମାନଙ୍କର ୪ ଡିସିମିଲ୍‌ରୁ କମ୍ ଜମି ଥିବ, ସେମାନଙ୍କୁ ଜମି ମିଳିବ। ସେହିପରି ଜଙ୍ଗଲ ଜମିରେ ବସବାସ କରୁଥିବା ଜନଜାତି ବ୍ୟକ୍ତିମାନଙ୍କୁ ମଧ୍ୟ ୧୦ ଡିସିମିଲ୍ ଜମି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ହୀରାକୁଦ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ବ୍ୟକ୍ତିମାନଙ୍କୁ ଜମି ପଟ୍ଟା ମିଳିବ। ତା'ଛଡ଼ା ୨୨ ହଜାରରୁ ଅଧିକ ଶିକ୍ଷାନୁଷ୍ଠାନକୁ ମଧ୍ୟ ସରକାର ଜମି ଯୋଗାଇଦେଇଛନ୍ତି ବୋଲି ସେ କହିଛନ୍ତି। ଏହି ଯୋଜନା ଓଡ଼ିଶାରେ ଭୂମିହୀନଙ୍କ ସମସ୍ୟାର ସମାଧାନ ଦିଗରେ ଏକ ନୂଆ ଉଦାହରଣ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶା କରିଛନ୍ତି।

## ସୁରକ୍ଷିତ ଭାବେ ଭାରତ ଫେରିଛନ୍ତି ୨୩ ଓଡ଼ିଆ ଯାତ୍ରୀ



ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ସମ୍ପ୍ରତି ନେପାଳରେ ଉପୁଜିଥିବା ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ସେଠାରେ ୨୩ ଜଣ ଓଡ଼ିଆ ଯାତ୍ରୀ ଫସିରହିଥିଲେ। ନେପାଳର ଯୁବପିଢ଼ି ସରକାରଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଓ ସୋସିଆଲ୍ ମିଡିଆ ଉପରେ ଲାଗିଥିବା ବ୍ୟାନ୍ ପ୍ରତିବାଦରେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି। ଏହାର ପ୍ରଭାବ ୨୩ ଜଣ ଓଡ଼ିଆ ଯାତ୍ରୀଙ୍କ ଉପରେ ପଡ଼ିଥିବା ବେଳେ ସେମାନେ ନିଜକୁ ଅସୁରକ୍ଷିତ ମଣୁଥିଲେ। କିନ୍ତୁ ଇତିମଧ୍ୟରେ ସେମାନଙ୍କୁ ସୁରକ୍ଷିତ ଭାବେ ଭାରତକୁ ଫେରାଇ ଅଣାଯାଇଛି ବୋଲି ଆଜି ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣା ସାମନାକୁ ଆସିବାର ୫ ଘଣ୍ଟା ସମୟ ମଧ୍ୟରେ ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ନେପାଳରେ ଫସି ରହିଥିବା ଉକ୍ତ ୨୩ ଜଣ ଓଡ଼ିଆ ଯାତ୍ରୀଙ୍କୁ ନେପାଳରୁ ଭାରତକୁ ଫେରାଇ ଅଣାଯାଇଛି। ସେମାନେ ହେଲେ ଅଜୟ କୁମାର ପଣ୍ଡା, ମାମିନା ପଣ୍ଡା, ପଙ୍କଜ କୁମାର ଧଳ, ଭରତ କୁମାର ସ୍ୱାଇଁ, କାମିନୀ ସ୍ୱାଇଁ, ଶାରଦା ପ୍ରସନ୍ନ କର, ରିମା କର, ମନୋଜ କୁମାର ମିଶ୍ର, ସୁରେନ ଦଳାଇ, ବିରେନ ଦଳାଇ, ପର୍ଶୁରାମ ଦଳାଇ, ପୂର୍ଣ୍ଣଚନ୍ଦ୍ର ଦଳାଇ, ପ୍ରସନ୍ନଜିତ ଦଳାଇ, ବ୍ରଜକିଶୋର ମିଶ୍ର, ଲୋପାମୁଦ୍ରା ମିଶ୍ର, ଶ୍ରେୟାନ ସୌରଭ ମିଶ୍ର, ସନ୍ତୋଷ କୁମାର ପାଣି, ସସ୍ମିତା ପାଣି, ବାଗ୍ମୀପ୍ରିୟା ପାଣି, ପ୍ରମୋଦ କୁମାର ମିଶ୍ର, ରାଜଶ୍ରୀ ମିଶ୍ର, ବୈଷ୍ଣବ ସାହୁ ଓ ସୁରେଶ ଚନ୍ଦ୍ର ସାହୁ। ସମସ୍ତ ଓଡ଼ିଆ ଯାତ୍ରୀ ସୁରକ୍ଷିତ ଥିବା ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ଡିଜେଲ ଚୋରି ଉଦ୍ୟମ




ଦେବଗଡ଼,୧୧।୯(ସଂଚାର ବ୍ୟୁରୋ): କାଞ୍ଜିପାଣି ଘାଟିରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ଘଟିବା ପରେ ଗତକାଲି ରାତିରେ ଅନ୍ୟ ଏକ ଟ୍ରକ ସାହାଯ୍ୟରେ ଟୁଚନ କରି ମରାମତି ପାଇଁ ସମ୍ବଲପୁର ନିଆଯାଉଥିଲା। ବିଳମ୍ବିତ ରାତିରେ ଟୁଚନ ଟ୍ରକ ଚାଳକଙ୍କୁ ନିଦ ଆସିବାରୁ ଜାତୀୟ ରାଜପଥ ବଳମ କଣ୍ଟାପାଲି ଛକ କଡରେ ଗାଡି ଅଟକାଇ ଉଭୟ ଗାଡିର ଚାଳକ ଓ କର୍ମଚାରୀମାନେ ଗାଡ଼ିରେ ଶୋଇ ପଡ଼ିଥିଲେ । ଦୁର୍ଘଟଣା ଗ୍ରସ୍ତ ଟ୍ରକରୁ ଡିଜେଲ ଚୋରି ପାଇଁ ଉଦ୍ୟମ କରୁଥିବା ସମୟରେ ଗାଡ଼ିରେ ଶୋଇଥିବା କର୍ମଚାରୀଙ୍କ ନିଦ ଭାଙ୍ଗିଥିଲା । ଏହା ଦେଖି ଚୋରି କରୁଥିବା ୫ ଜଣ ଦୁର୍ବୃତ୍ତ ଜେକ ରଡ଼ ଓ ଛୁରୀ ଦେଖାଇ ଗାଡ଼ିରେ ଥିବା ଚାଳକ ଓ ସହାୟକ କର୍ମଚାରୀଙ୍କୁ ଭୟଭୀତ କରାଇବା ସହ ହୋହାଲ୍ଲା କଲେ ହତ୍ୟା ଧମକ ଦେଇଥିଲେ । ମାତ୍ର ଦୁର୍ଘଟଣା ଗ୍ରସ୍ତ ଟ୍ରକ ଚାଳକ ଭୟଭୀତ ନ ହୋଇ ଜୋରରେ ଚିତ୍କାର କରିବାରୁ କିଛି ଗ୍ରାମବାସୀ ଘଟଣା ସ୍ଥଳକୁ ପହଞ୍ଚିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କୁ ଦେଖି ଚୋର ଦଳ ସେମାନଙ୍କ ଟ୍ରକ ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ।

# ଜାନୁଆରୀରେ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡିଓ

**ପରିଦର୍ଶନ ପରେ କମିଟି ଅଧ୍ୟକ୍ଷଙ୍କ ସଙ୍କେତ**



ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ଆସନ୍ତା ବର୍ଷ ଜାନୁଆରୀରେ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡ଼ିଓ। ଏଥିପାଇଁ ଏବେ ଜୋରଦାର ପ୍ରସ୍ତୁତି ଚାଲିଛି। ଫଳତଃ ପୁଣି କଳିଙ୍ଗ ଷ୍ଟୁଡ଼ିଓରେ ସେମାନଙ୍କ ଚଳଚ୍ଚିତ୍ରଗୁଡ଼ିକର ଶୁଟିଂ କରିପାରିବେ ଓଡ଼ିଆ ସିନେ ନିର୍ମାତା। ୭ ଜଣ ବିଧାୟକଙ୍କୁ ନେଇ ଗଠିତ କମିଟି ଆଜି କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ କମିଟିର ସଦସ୍ୟମାନେ ଭିତ୍ତିଭୂମିର ଯାଞ୍ଚ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

କମିଟି ଅଧ୍ୟକ୍ଷ ବିଦ୍ୟୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡିଓର କାର୍ଯ୍ୟ ସମୀକ୍ଷା କରିଛନ୍ତି। ପରିଦର୍ଶନ ପରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ କଳିଙ୍ଗ ଷ୍ଟୁଡିଓ ଖୁବଶୀଘ୍ର କିଭଳି କାର୍ଯ୍ୟକ୍ଷମ ହେବ, ସେ ଦିଗରେ ସରକାର ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ଆସନ୍ତା ବର୍ଷ ପ୍ରାରମ୍ଭରେ ଅର୍ଥାତ୍ ଜାନୁଆରୀ ସୁଦ୍ଧା କାମ ଶେଷ ହୋଇ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରହିଛି। ପୂର୍ବରୁ ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିକ୍ଷାମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିଥିଲେ। ଏକ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

● ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ପୂରଣ ମାମଲା

## ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୧।୯(ସଂଚାର ବ୍ୟୁରୋ): ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ପୂରଣ ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଗତ ବର୍ଷ ଅଗଷ୍ଟରୁ ସମସ୍ତ ପଦବୀ ଖାଲି ପଡ଼ିଥିଲେ ବି ନୂଆ ନିଯୁକ୍ତି ପାଇଁ କ'ଣସବୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି। ଏହି ପ୍ରସଙ୍ଗରେ ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପ୍ରତିଜବାବ ପାଇଁ ଏକ ସପ୍ତାହ ସମୟ ଦିଆଯାଇଛି। ପ୍ରକାଶ ଯେ ଗତ ବର୍ଷ ଅଗଷ୍ଟରୁ ଓଡ଼ିଶା ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ଖାଲି ପଡ଼ିଥିବାରୁ ଦୁର୍ନୀତି ସଂକ୍ରାନ୍ତ ଅଭିଯୋଗର ସମାଧାନ ହୋଇପାରୁନାହିଁ। ଲୋକାୟୁକ୍ତରେ ଜଣେ ଅଧ୍ୟକ୍ଷ ଓ ୪ ଜଣ ସଦସ୍ୟ ରହିବା ସହ ଲୋକାୟୁକ୍ତ ଆଇନ ଧାରା ୬ ଅନୁଯାୟୀ ସଦସ୍ୟମାନଙ୍କୁ କାର୍ଯ୍ୟକାଳ ସରିବାର ୩ ମାସ ପୂର୍ବରୁ ନୂଆ ସଦସ୍ୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବାର ନିୟମ ରହିଛି। କିନ୍ତୁ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରି ମାନବାଧିକାର କର୍ମୀ ପ୍ରବୀର ଦାସ ଏହି ମାମଲା ଦାୟର କରିଛନ୍ତି। ଗତ ବର୍ଷ ଅଗଷ୍ଟରେ ଆୟୁକ୍ତଙ୍କ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ସରିଥିଲେ ସୁଦ୍ଧା ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ନିଯୁକ୍ତି ଦିଗରେ ସରକାର ବ୍ୟାକଫୁଟରେ ଅଛନ୍ତି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ତିନି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଢେଙ୍କାନାଳ ଆଲୁମିନିୟମ ସ୍ମେଲଟର୍ ପ୍ରକଳ୍ପ

# ଜମି ଅଧିଗ୍ରହଣ କରିବ ବେଦାନ୍ତ

**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୧।୯:** ଅନିଲ ଅଗ୍ରୱାଲଙ୍କ କମ୍ପାନି ବେଦାନ୍ତ ପକ୍ଷରୁ ଢେଙ୍କାନାଳରେ ଏକ ଆଲୁମିନିୟମ ସ୍ମେଲଟର ସ୍ଥାପନ କରାଯିବା ଘୋଷଣା କରାଯାଇଛି। ସେହି ପ୍ରକଳ୍ପ ଲାଗି ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବା କମ୍ପାନିର ଆଲୁମିନିୟମ ବ୍ୟବସାୟର ସିଇଓ ରାଜୀବ କୁମାର କହିଛନ୍ତି। ତାଙ୍କ କହିବାନୁସାରେ ଢେଙ୍କାନାଳରେ କମ୍ପାନି ପ୍ରାରମ୍ଭିକ ପର୍ଯ୍ୟାୟରେ ବାର୍ଷିକ ୩ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କାରଖାନା ସ୍ଥାପନ କରିବ। ପରବର୍ତ୍ତୀ ସମୟରେ ତାହାର କ୍ଷମତାକୁ ୬ ନିୟୁତ ଟନ୍‌କୁ ବଢାଇବ। ସେଥିପାଇଁ ଯେଉଁ ଜମି ଆବଶ୍ୟକ ତାହା ଅଧିଗ୍ରହଣ କରିବା ଉପରେ କମ୍ପାନି ଧ୍ୟାନ ଦେଉଛି ଏବଂ ସେଥିରେ ଭଲ ଅଗ୍ରଗତି ହୋଇଥିବା ଶ୍ରୀ କୁମାର କହିଛନ୍ତି। ପ୍ରକଳ୍ପ ସମ୍ପର୍କରେ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ ସ୍ମେଲଟର ନିର୍ମାଣ କରିବା ଏକ ବ୍ୟୟବହୁଳ ବ୍ୟାପାର। ସେଥିପାଇଁ ବିପୁଳ ପୁଞ୍ଜିନିବେଶ ଆବଶ୍ୟକ। ଏହି ପ୍ରକଳ୍ପ ଠିକ୍ ଦିଗରେ ଆଗକୁ ବଢୁଛି। ଏଭଳି ଧରଣର ପ୍ରକଳ୍ପ ନିର୍ମାଣ



କରିବାକୁ ତିନି ଚାରି ବର୍ଷ ଲାଗିଯିବ ବୋଲି ସେ କହିଥିଲେ। ଶ୍ରୀ କୁମାର ଏହି ଅବସରରେ ସୂଚନା ଦେଇଛନ୍ତି ଯେ ବେଦାନ୍ତ ପକ୍ଷରୁ ଝାରସୁଗୁଡ଼ାରେ ଏକ ଆଲୁମିନିୟମ ପାର୍କ ସ୍ଥାପନ କରିବା ଯୋଜନା ରହିଛି। ଉକ୍ତ ପାର୍କରେ ନିଜର ୟୁନିଟ୍ ସ୍ଥାପନ କରିବାକୁ ଆନୁଷଙ୍ଗିକ ଶିଳ୍ପଗୁଡ଼ିକୁ ଆମନ୍ତ୍ରଣ କରାଯାଉଥିବା ସେ କହିଛନ୍ତି। ଢେଙ୍କାନାଳ ସ୍ମେଲଟର କାରଖାନାରେ କମ୍ପାନି ୧.୩ ଲକ୍ଷ କୋଟି ଟଙ୍କା ନିବେଶ କରିବା ଯୋଜନା ରଖିଛି। କାମାକ୍ଷାନଗର ପାଖରେ ହେବାକୁ ଥିବା ଏହି କାରଖାନା ସହ ଏକ ୪୯୦୦ ମେଗାୱାଟ୍‌ର କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟ୍ ମଧ ସ୍ଥାପନ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗତ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ ବେଦାନ୍ତର ଏହି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଥିଲା। ବେଦାନ୍ତର ଝାରସୁଗୁଡ଼ାରେ ୧.୮ ଏମ୍‌ଟିପିଏର ଏକ ସ୍ମେଲଟର ଓ ଲାଞ୍ଜିଗଡ଼ରେଏକ୩.୫ଏମ୍‌ଟିପିଏଆଲୁମିନାରିଫାଇନାରିରହିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୦,୫୦୯ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୦,୫୦୯ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୦,୫୦୯ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧.୦୧.୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୦,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୧,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୦,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧.୦୧.୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୦,୫୦୯ ଓ ୧.୦୧.୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୯,୦୦୦ ଟଙ୍କା ହୋଇଛି।

# ମୋଟର ସାଇକେଲ ମୂଲ୍ୟ ହ୍ରାସ କଲା ରୟାଲ ଏନ୍‌ଫିଲ୍ଡ

**ନୂଆଦିଲ୍ଲୀ, ୧୧।୯:** ସରକାରଙ୍କ ନିର୍ଦ୍ଦେଶରେ ଜିଏସ୍‌ଟି ହ୍ରାସ ପରେ ଏହାର ଫାଇଦା ଜନ ସାଧାରଣଙ୍କୁ ଦେବାକୁ ବିଭିନ୍ନ ମୋଟରସାଇକେଲ କମ୍ପାନୀ ସେମାନଙ୍କର ବାଇକ୍‌ର ମୂଲ୍ୟ ହ୍ରାସ କରୁଛନ୍ତି। ଟିଭିଏସ, ୟାହାମା, ବାଜାଜ ପରେ ଏବେ ରୟାଲଏନଫିଲ୍ଡ ମଧ ମୋଟରସାଇକେଲ୍‌ର ମୂଲ୍ୟ ହ୍ରାସ କରିଛି। ୩୫୦ ସିସିର ମୋଟରସାଇକେଲ ଉପରେ ଜିଏସ୍‌ଟି ୨୮ ପ୍ରତିଶତରୁ ୧୮ ପ୍ରତିଶତ କରାଯାଉଥିବାରୁ ପାଇଁ କମ୍ପାନୀ ଏହି ସେଗ୍‌ମେଣ୍ଟର ବାଇକ ମୂଲ୍ୟ କାଟ୍ କରିବ। ରୟାଲ ଏନଫିଲ୍ଡର ୩୫୦ ସିସି ରେଞ୍ଜରେ- କ୍ଲାସିକ୍ ୩୫୦, ବୁଲେଟ୍ ୩୫୦, ହଣ୍ଟର ୩୫୦, ଏବଂ ମେଟିଓର ୩୫୦ ଭଳି ବେଷ୍ଟସେଲର ମୋଟରସାଇକେଲ ରହିଛି। ଏହି ବାଇକଗୁଡ଼ିକ ଉପରେ ୨୨,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ




କରାଯାଇପାରେ। ୩୫୦ ସିସିରୁ ଅଧିକ ମୋଟରସାଇକେଲର ମୂଲ୍ୟ ନୂଆ ଜିଏସ୍‌ଟି ହାର ହିସାବରେ ବର୍ଦ୍ଧିତ ଦର ଲାଗୁ କରାଯିବ। ୨୨ ସେପ୍ଟେମ୍ବର ୨୦୨୫ ରୁ ଗ୍ରାହକମାନଙ୍କ ପାଇଁ ଅପଡେଟ୍ ହୋଇଥିବା ମୂଲ୍ୟ ଉପଲବ୍ଧ ହେବ। ତେବେ ଦାମ କେତେ କମାଯିବ ସେ ନେଇ କମପାନୀ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ୩୫୦ ସେଗ୍‌ମେଣ୍ଟରେ ପୂର୍ବରୁ ଯେଉଁ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇ ବିକ୍ରି କରାଯାଉଥିଲା ତାହା ୧୮ ପ୍ରତିଶତ ଜିଏସ୍‌ଟି ସ୍ଲାବ ଅନୁସାରେ ବିକ୍ରି କରାଯିବ। ଅର୍ଥାତ ପୂର୍ବ ମୂଲ୍ୟ ତୁଳନାରେ ୧୦ ପ୍ରତିଶତ ମୂଲ୍ୟ ହ୍ରାସ କରାଯିବ। ତେବେ ନୂଆ ଦର କେତେ ହେବ କମ୍ପାନୀ ସେପ୍ଟେମ୍ବର ୨୨ ତାରିଖରେ ଏହାର ଖୁଲାସା କରିବ ବୋଲି କହିଛି।

# ଶସ୍ତା ହେବ ଅମୁଲ, ମଦର ଡେରୀ କ୍ଷୀର

ନୂଆଦିଲ୍ଲୀ, ୧୧।୯: ସାଧାରଣ ଲୋକଙ୍କ ପାଇଁ ଖୁସି ଖବର। ପ୍ରତ୍ୟେକ ଘରେ ବ୍ୟବହୃତ କ୍ଷୀରର ଦାମ୍ କମ୍ ହେବାକୁ ଯାଉଛି। ସରକାର ଜିଏସଟି ପରିଷଦ ବୈଠକରେ ନିଷ୍ପତ୍ତି ନେଇଛନ୍ତି ଯେ, ପ୍ୟାକେଜ୍ ହୋଇଥିବା କ୍ଷୀରକୁ ୫% ଜିଏସଟିରୁ ମୁକ୍ତ କରାଯିବ। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପରେ ଦେଶର ସର୍ବବୃହତ କ୍ଷୀର ଉତ୍ପାଦନକାରୀ ବ୍ରାଣ୍ଡ୍ ଅମୁଲ ଏବଂ ମଦର ଡେରୀର କ୍ଷୀରର ଦାମ୍ ହ୍ରାସ ପାଇବ। ଏହି ଜିଏସଟି ଛାଡ଼ର ସିଧାସଳଖ ଲାଭ ସାଧାରଣ ଗ୍ରାହକଙ୍କୁ




ମିଳିବ। କାରଣ କ୍ଷୀର ଉପରେ ୫% ଟିକସ ହଟାଇ ଦିଆଯିବ। 'ଅମୁଲ ଗୋଲ୍ଡ' ପ୍ରାୟ ୬୯ ଟଙ୍କା, ଟୋନଡ କ୍ଷୀର ପ୍ରାୟ ୫୭ ଟଙ୍କାରେ ବିକ୍ରି ହୁଏ। ସେହିପରି, ମଦର ଡେରୀର ଫୁଲ କ୍ରିମ୍ କ୍ଷୀର ୬୯ ଟଙ୍କା ଏବଂ ଟୋନଡ କ୍ଷୀର ପ୍ରାୟ ୫୭ ଟଙ୍କାରେ ମିଳିଥାଏ। ସରକାରଙ୍କ ଯୋଜନା ଅନୁଯାୟୀ, କ୍ଷୀରର ମୂଲ୍ୟ ପ୍ରାୟ ୩ ରୁ ୪ ଟଙ୍କା ପ୍ରତି ଲିଟରରେ ହ୍ରାସ ପାଇବ। ତେବେ ଏହି ଦାମ୍ ସେପ୍ଟେମ୍ବର ୨୨ରୁ ଲାଗୁ ହେବ। ଏହି ତାରିଫ ପରେ ସମସ୍ତ ପ୍ୟାକ୍ଡ କ୍ଷୀର ପ୍ରଡକ୍ଟ ଉପରୁ ଜିଏସଟି ସଂପୂର୍ଣ୍ଣ ଛାଡ ହେବ। କ୍ଷୀର ଦାମ୍ କମିବା ଦ୍ୱାରା ଗ୍ରାହକଙ୍କୁ ସିଧାସଳଖ ଫାଇଦା ମିଳିବ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ରଷିଆ ପରେ ନାଇଜେରିଆରୁ ତୈଳ ଆମଦାନୀ ଆରମ୍ଭ କଲା ଭାରତ

ନୂଆଦିଲ୍ଲୀ ୧୧।୯: ଭାରତୀୟ ଆମଦାନୀ ଉପରେ ୨୫% ଟାରିଫ ଲାଗୁ କରିଛି ଆମେରିକା, ତେବେ ରଷିଆରୁ ତୈଳ ଓ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଅତିରିକ୍ତ ୨୫% ଏହିପରି ମୋଟ ୫୦% ଟାରିଫ ଲାଗୁ ହୋଇଛି। ଏଣୁ ଭାରତ ଏବେ ତୈଳ କ୍ରୟରେ ଆମେରିକା ଉପରୁ ନିର୍ଭରତା ହ୍ରାସ ଲାଗି ପଦକ୍ଷେପ ନେଇଛି। ଆମେରିକା ବଦଳେ ନାଇଜେରିଆରୁ ଭାରତ ତୈଳ କ୍ରୟ ଆରମ୍ଭ କରିବା ଏବେ ପିଟର ନଭାରୋ ଓ ଯୁକ୍ତରାଷ୍ଟ୍ରର ଚିନ୍ତା ବଢାଇ ଦେଇଛି। ଏମିତିରେ ଭାରତ କେବେ କେମିତି ନାଇଜେରିଆରୁ ତୈଳ ଆମଦାନୀ କରିଥାଏ। ହେଲେ ଏଥର ଆମଦାନୀ ଯୁକ୍ତରାଷ୍ଟ୍ରକୁ ଚିନ୍ତାରେ ପକାଇଛି। କାରଣ ଭାରତ ଆମେରିକା ବଦଳେ ପ୍ରଥମ ଥର



ନାଇଜେରିୟ ତୈଳ କୁ ଗୁରୁତ୍ୱ ଦେଇଛି। ବିଜନେସ ଇସାଇଡର ଆଫ୍ରିକା ରିପୋର୍ଟ ଅନୁସାରେ ଏହି ରଣନୈତିକ ପରିବର୍ତ୍ତନରେ ୨ ମିଲିୟନ ବ୍ୟାରଲ ପଶ୍ଚିମ ଆଫ୍ରିକୀୟ ଅଶୋଧିତ ତୈଳ ଓ ୧ ମିଲିୟନ ଅଶୋଧିତ ତୈଳ ମଧ କିଣିଛି। ଏହା ଭାରତର ଇନ୍ଧନ ଆମଦାନୀରେ ବିବିଧତା ଆଣିବା ଓ ପାରମ୍ପରିକ ଯୋଗାଣକର୍ତ୍ତାଙ୍କ ଉପରେ ନିର୍ଭରତା ହ୍ରାସ ଦିଗରେ ଏକ ପଦକ୍ଷେପ ବୋଲି ବୁଝାଯାଉଛି। ଏଥିରେ ଯୁକ୍ତରାଷ୍ଟ୍ରରୁ କ୍ରୟ ହ୍ରାସ କରିବା ନିଷ୍ପତ୍ତି ଭାରତର ଆମଦାନୀ ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସଂକେତ ଦେଉଛି। ଏହା ପୂର୍ବରୁ ଆଇଓସି ଯୁକ୍ତରାଷ୍ଟ୍ରରୁ ୫ ମିଲିୟନ ବ୍ୟାରଲ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ (ଡବ୍ଲୁଟିଆଇ) ଅଶୋଧିତ ତୈଳ କ୍ରୟ କରିଥିଲା। ଯୁକ୍ତରାଷ୍ଟ୍ର ଆଦାନୀକୁ ଟାଳିଯିବା କାରଣରୁ ଦକ୍ଷିଣ ଆଫ୍ରିକୀୟ ତୈଳ ପ୍ରତି ଭାରତର ଆଗ୍ରହ ଆହୁରି ବଢି ଯାଇଛି। ଏହି ପରିବର୍ତ୍ତନ ଏକ ଏପରି ସମୟରେ ହୋଇଛି ଯେତେବେଳେ ୟୁକ୍ରେନ-ରଷିଆ ଯୁଦ୍ଧ ଆରମ୍ଭରେ ରଷିଆରୁ ରିହାତି ଦରରେ ଅଶୋଧିତ ତୈଳଆମଦାନୀରେ ଭାରତ ଏକନମ୍ବର ଗ୍ରାହକ ପାଲଟିଥିଲା। ଏହା ଦ୍ୱାରା ଭାରତ ପାଶ୍ଚାତ୍ୟ କଟକଣାକୁ ଟାଳି ତଳ ଉପର ହେଉଥିବା ବୈଶ୍ୱିକ ଇନ୍ଧନ ମୂଲ୍ୟରୁ ନିଜକୁ ସୁରକ୍ଷିତ ରଖିଥିଲା।

# ଲ୍ୟାରି ଏଲିସନ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି

ନୂଆଦିଲ୍ଲୀ, ୧୧।୯: ଏଲନ୍ ମସ୍କଙ୍କୁ ପଛରେ ପକାଇ ଓରାକଲ୍‌ର ଲ୍ୟାରୀ ଏଲିସନ୍ ପାଲଟିଛନ୍ତି ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି। ଦିନକରେ ଓରାକଲ୍ ଅଧକ୍ଷ ତଥା ମୁଖ୍ୟ ପ୍ରଯୁକ୍ତି ଅଧିକାରୀ ଏଲିସନ୍‌ଙ୍କ ସମ୍ପତ୍ତି ୧୦୧୦୦ କୋଟି ଡଲାର ବା ୯ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ବୁଧବାର ଓରାକଲ୍‌ର ସେୟାର ମୂଲ୍ୟରେ ବଡ଼ ବୃଦ୍ଧି



ଯୋଗୁ ଏଲିସନ୍‌ଙ୍କ ନେଟ୍ ସମ୍ପତ୍ତିରେ ବୃଦ୍ଧି ଦେଖାଦେଇଛି। ବୁଧବାର ନ୍ୟୁୟର୍କ ସମୟ ସକାଳ ୧୦.୧୦ ସୁଦ୍ଧା ତାଙ୍କର ମୋଟ ସମ୍ପତ୍ତି ୩୯୩ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଫଳରେ ସେ ମସ୍କଙ୍କୁ ଟପିଯାଇଥିଲେ। କୌଣସି ଅରବପତିଙ୍କ ସମ୍ପତ୍ତିରେ ଏହା ଏଯାବତ୍ ସର୍ବାଧିକ ଦୈନିକ ବୃଦ୍ଧି। ଓରାକଲ୍‌ର ସେୟାର ମୂଲ୍ୟ ୪୧% ବଢ଼ିବା ପରେ ଏଲିସନ୍‌ଙ୍କ ନେଟ୍ ସମ୍ପତ୍ତି ବଢ଼ିଯାଇଥିଲା। ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀ ଅନୁସାରେ, ମସ୍କଙ୍କ ନେଟ୍ ସମ୍ପତ୍ତି ରହିଛି ୩୮୫ ବିଲିୟନ ଡଲାର।

# ଏସ୍‌ସିବି ମେଡିକାଲ୍‌କୁ ପାୱାର୍‌ଗ୍ରିଡ୍‌ର ୮.୩୬ କୋଟି ସହାୟତା

ଭୁବନେଶ୍ୱର, ୧୧।୯: ପାୱାର୍ ଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆର ଓଡ଼ିଶା ପ୍ରକଳ୍ପ ଶାଖା ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ କଟକର ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ୮.୩୬ କୋଟି ଟଙ୍କାର ଅତ୍ୟାଧୁନିକ ମେଡିକାଲ୍ ଉପକରଣ ପ୍ରଦାନ କରାଯାଇଛି। କମ୍ପାନି ତରଫରୁ ୬୪-ସ୍ଲାଇସ୍ ସିଟି ସ୍କାନ୍ ମେସିନ୍ ଓ ୨ ଉଚ୍ଚ ମାନର କଲର୍ ଡପ୍‌ଲର୍ ଅଲ୍‌ଟ୍ରାସାଉଣ୍ଡ୍ ସିଷ୍ଟମ୍ ଦିଆଯାଇଛି। ଏହା ଦ୍ୱାରା ଦୈନିକ ୮ହଜାର ରୋଗୀ ଉପକୃତ ହେବେ। ଏହି ଅବସରରେ ମେଡିକାଲ୍ ତରଫରୁ ଡିନ୍ ଓ ପ୍ରିନ୍‌ସିପାଲ୍ ପ୍ରଫେସର ଡ. ଲୁସି ଦାସ, ସୁପରିଟେଣ୍ଡେଣ୍ଟ୍ ପ୍ରଫେସର ଡ. ଗୌତମ ଶତପଥୀ, ରେଡିଓଲୋଜି ବିଭାଗର ମୁଖ୍ୟ ଡ. ପୂଜା ମିଶ୍ର, ଆକାଉଣ୍ଟ ଅଧିକାରୀ ମାନସ କୁମାର ପାତ୍ର ଏବଂ ପାୱାର୍‌ଗ୍ରିଡ୍ ତରଫରୁ ଓଡ଼ିଶା ପ୍ରକଳ୍ପର ସିଜିଏମ୍ (ଇଆର୍-୨) ଅଶୋକ କୁମାର ନାଏକ, ସିଜିଏମ୍ ଜି ଏସ୍ ଆର୍ ରାଓ ଓ ମାନବ ସମ୍ବଳ ମହାପ୍ରବନ୍ଧକ ଅଜିତ ପରିଡ଼ା ଉପସ୍ଥିତ ଥିଲେ।

# ହିରୋର ନୂଆ ଗ୍ଲାମର୍ ଏକ୍ସ ୧୨୫



ଭୁବନେଶ୍ୱର, ୧୧।୯: ହିରୋ ମୋଟୋକର୍ପ ପକ୍ଷରୁ ନୂଆ ଆକର୍ଷଣୀୟ ୧୨୫ ସିସି ମୋଟରସାଇକଲ୍ ଗ୍ଲାମର୍ ଏକ୍ସ ୧୨୫କୁ ଉନ୍ମୋଚନ କରାଯାଇଛି। ନୂଆପିଢ଼ିର ଆକାଂକ୍ଷୀ ରାଇଡର୍‌ମାନଙ୍କ ଆକଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଡିଜାଇନ୍ କରାଯାଇଥିବା ବେଳେ ଏଥିରେ ନୂତନ ପ୍ରଯୁକ୍ତି ଯୋଡ଼ାଯାଇଛି। ଏଥିରେ ଇକୋ, ରୋଡ୍ ଓ ପାୱାର ଭଳି ତିନିଟି ରାଇଡ୍ ମୋଡ୍ ରହିଛି। ଭୟରେ ଅକସ୍ମାତ ବ୍ରେକ୍ ଲଗାଇବା ଆଲର୍ଟ ବ୍ୟବସ୍ଥା ଚାଳକଙ୍କ ସୁରକ୍ଷାକୁ ବଢ଼ାଇଛି। ବଜାରରେ ଗ୍ଲାମର୍ ଏକ୍ସ ୧୨୫ର ଦୁଇଟି ଭାରିଆଣ୍ଟ ଆସିଛି। ଡ୍ରମ୍ ଭାରିଆଣ୍ଟ୍‌ର ଏକ୍ସ ସୋ'ରୁମ୍ ଦାମ୍ ୯୧,୯୯୯ ଟଙ୍କା ଏବଂ ଡିସ୍କ ଭାରିଆଣ୍ଟ୍ ଦାମ୍ ୯୯,୯୯୯ ଟଙ୍କା ରହିଛି। ସମସ୍ତ ହିରୋ ମୋଟୋକର୍ପ ଡିଲର୍‌ସିପ୍‌ରେ ଏହା ଉପଲବ୍ଧ। ଏ ସମ୍ପର୍କରେ କମ୍ପାନିର ଚିଫ୍ ବିଜନେସ୍ ଅଫିସର୍ ଆଶୁତୋଷ ବର୍ମା କହିଛନ୍ତି ଯେ ମୋଟରସାଇକଲ୍ ଶିଳ୍ପ ପାଇଁ ୧୨୫ ସିସି ବର୍ଗ ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି। ପ୍ରଥମ ଥର ମୋଟରସାଇକଲ୍ କିଣୁଥିବା ଗ୍ରାହକ ଏବଂ ମୂଲ୍ୟ ସଚେତନ ଗ୍ରାହକମାନେ ଏହାକୁ ପସନ୍ଦ କରୁଛନ୍ତି। ଏହି ବର୍ଗରେ ଏକ୍ସଟ୍ରିମ୍ ୧୨୫ଆର୍ ଓ ସୁପର୍ ସ୍ପ୍ଲେଣ୍ଡର୍ ବହୁତ ଭଲ ପ୍ରଦର୍ଶନ କରୁଛି। ନୂଆ ଗ୍ଲାମର୍ ଏକ୍ସ କମ୍ପାନିର ବିକ୍ରି ଓ ବଜାର ଅଂଶ ବଢ଼ାଇବାରେ ସହାୟକ ହେବ ବୋଲି ସେ କହିଛନ୍ତି। ନୂଆ ଗ୍ଲାମର୍ ଏକ୍ସରେ ସମ୍ପୂର୍ଣ୍ଣ ଏଲ୍ଇଡି ଲାଇଟ୍ ବ୍ୟବସ୍ଥା, ବ୍ଲୁଟୁଥ୍ ସଂଯୋଗ ଥିବା ବହୁବିଧ ରଙ୍ଗର ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର୍, ଟାଙ୍କି ଖାଲି ହେବାକୁ ବାକି ଥିବା ଦୂରତା ସୂଚକ, ସ୍ପ୍ରିଣ୍ଟ୍ ଇବିଟି ଇଞ୍ଜିନ ଭଳି ସୁବିଧା ରହିଛି। ଏହା ହେଉଛି ବିଶ୍ୱର ପ୍ରଥମ ୧୨୫ ସିସି ବାଇକ୍ ଯେଉଁଥିରେ ଲୋ-ବ୍ୟାଟେରି କିକ୍ ଷ୍ଟାର୍ଟ ସୁବିଧା ରହିଛି। ଏହାର ଟାଇପ୍ ସି ୟୁଏସ୍‌ବି ଚାର୍ଜିଂ ପୋର୍ଟ ଫୋନ୍ ଚାର୍ଜ କରିବାରେ ସହାୟକ ହେବ।

# ଚୀନ୍ ରେୟାର୍ ଆର୍ଥ ଉପରୁ କମିବ ନିର୍ଭରତା

ନୂଆଦିଲ୍ଲୀ ୧୧।୯: ବିଭିନ୍ନ ସମୟରେ ଭାରତ ଆଗରେ ଦବ୍‌ଦବା ଦେଖାଇଥାଏ ଚୀନ। ଭାରତର ବିନିର୍ମାଣ କ୍ଷେତ୍ରକୁ ହାନି ପହଞ୍ଚାଇବା ପାଇଁ ଏହା କେତେକ ସାମଗ୍ରୀର ରପ୍ତାନି ବ୍ୟାନ୍ କରିଦିଏ କିମ୍ବା ରପ୍ତାନି ପରିମାଣକୁ କମ୍ କରିଦିଏ। ନିକଟରେ ଚୀନ୍ ରେୟାର୍ ଆର୍ଥ ଧାତବର ରପ୍ତାନି ଉପରେ ରୋକ୍ ଲଗାଇଥିଲା। ଏବେ ଭାରତ ଏଭଳି ପରିସ୍ଥିତିର

## ମ୍ୟାଁମାର ବିଦ୍ରୋହୀଙ୍କ ସହ ହାତ ମିଳାଇବ ଭାରତ

ମୁକାବିଲା ପାଇଁ ବିକଳ୍ପ ଖୋଜିସାରିଲାଣି। ଚୀନ୍ ଉପରୁ ନିର୍ଭରତା କମାଇବାକୁ ଏହା ଅନ୍ୟ ବାଟ ବାହାର କରୁଛି। ରୟଟର୍ସର ଏକ ତଥ୍ୟ ଅନୁସାରେ, ଭାରତ ମ୍ୟାମାର୍‌ର ଏକ ଶକ୍ତିଶାଳୀ ବିଦ୍ରୋହୀ ଗୋଷ୍ଠୀଙ୍କ ସାହାଯ୍ୟରେ ଦୁର୍ଲଭ ଖଣିଜର ନମୁନା ନେବାକୁ ଉଦ୍ୟମ କରୁଛି। ଭାରତର ଖଣି ମନ୍ତ୍ରାଳୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କମ୍ପାନିଗୁଡ଼ିକୁ ମ୍ୟାମାରର ଉତ୍ତର ପୂର୍ବ ଅଞ୍ଚଳରେ ଥିବା ଖଣିଗୁଡ଼ିକରୁ ନମୁନା ଆଣିବା ପାଇଁ କହିଛି। ଏହି ଖଣିଗୁଡ଼ିକ କଚୀନ ଇଣ୍ଡିପେଣ୍ଡେନ୍ସ ଆର୍ମୀ(କିଆ)ର ନିୟନ୍ତ୍ରଣରେ ଅଛି। ମନ୍ତ୍ରାଳୟ ଚାହେଁ ଯେ, କମ୍ପାନିଗୁଡ଼ିକ ଏହି ଖଣିଜଗୁଡ଼ିକର ନମୁନା ପରୀକ୍ଷଣ କରନ୍ତୁ। ନମୁନାରେ ଭାରୀ ଦୁର୍ଲଭ ଖଣିଜ ରହିଛି ଅବା ନାହିଁ ତାହା ସୁନିଶ୍ଚିତ କରନ୍ତୁ। ଏହି ଖଣିଜର ବ୍ୟବହାର ଇଲେକ୍ଟ୍ରିକ୍ ଯାନ ଏବଂ ଅନ୍ୟ ଆଧୁନିକ ଉପକରଣରେ ବ୍ୟବହାର ହେଉଥିବା ଚୁମ୍ବକ ତିଆରିରେ କରାଯାଇଥାଏ। ସୂତ୍ର ଅନୁସାରେ, ସରକାରୀ କମ୍ପାନି ଆଇଆର୍‌ଇଏଲ୍ ଏବଂ ଘରୋଇ କମ୍ପାନି ମିଡ୍‌ୱେଷ୍ଟ ଆଡ୍‌ଭାନ୍ସଡ ମାଟେରିଆଲ୍ସ ଏହି ଆଲୋଚନାରେ ସାମିଲ ଅଛନ୍ତି। ଗତବର୍ଷ ମିଡ୍‌ୱେଷ୍ଟ ଆଡ୍‌ଭାନ୍ସଡ ମାଟେରିଆଲ୍ସକୁ ଦୁର୍ଲଭ ଖଣିଜରୁ ଚୁମ୍ବକ ତିଆରି କରିବା ପାଇଁ ସରକାରୀ ପାଣ୍ଠି ମିଳିଥିଲା।



# ଲୁଟ୍ ହେଉଛି ହାତୀ ନଦୀ ବାଲି

## ଅଙ୍କୁଶ ଲଗାଇ ପାରୁନି ବିଭାଗ



**ଭବାନୀପାଟଣା, ୧୧।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ବାଲି ଚୋରାଚାଲାଣ କାରବାରକୁ ଅଙ୍କୁଶ ଲଗାଇ ପାରୁନି ବିଭାଗ। ଫଳରେ ବାଲି ମାଫିଆ ମାନେ ମାଲେମାଲ ହେଉଥିବା ବେଳେ ସରକାର ବିପୁଳ ରାଜସ୍ୱ ହରାଇ ଚାଲିଛନ୍ତି। ସରକାର ବର୍ଷା ଋତୁରେ ବାଲି ଉତ୍ତୋଳନକୁ ନିଷିଦ୍ଧ କରିଛନ୍ତି। ଏହି ଆସନ୍ତା ଅକ୍ଟୋବର ମାସ ୧୫ତାରିଖ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ହେବା କଥା ନୁହେଁ। କିନ୍ତୁ ଏହି ଅଞ୍ଚଳରୁ ବାଲି କୌଣସି ଗୋଟିଏ ଦିନ ପାଇଁ ମଧ୍ୟ ବନ୍ଦ ହୋଇ ପାରିଲା ନାହିଁ। ଲିଜ ନେଇଥିବା ହାତୀ ନଦୀର ଗୋଟିଏ ବାଲି ଘାଟ ବ୍ୟତୀତ ଅନ୍ୟ ସମସ୍ତ ଘାଟରୁ ବାଲି ଉତ୍ତୋଳନ ହେବାରେ ଲାଗିଛି। ଏପରିକି ଲିଜ ହୋଇ ନ ଥିବା ବିରିପୁର। ବାଲିଛଡା। ପାତ୍ରବସା। ଦେପୁର। ମଣ୍ଡଳ ଆଦି ହାତୀ ନଦୀ ଘାଟରୁ ଦୈନିକ ବିପୁଳ ପରିମାଣର ବାଲି ଉତ୍ତୋଳନ ହେଉଛି। ଯଦିଓ କାଁଭାଁ ପୋଲିସ ଧରପଗଡ଼ କରୁଛି ତାହା ଧର୍ମକୁ ଆଖିଠାର ସଦୃଶ୍ୟ ହେଉଛି। ଏହି ବାଲିକୁ ଅନେକ ସ୍ଥାନରେ ମାଫିଆ ମାନେ ଗଚ୍ଛିତ ରଖି ବିପୁଳ ଅର୍ଥ ଉପାର୍ଜନ କରୁଥିବା ବେଳେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରି ଅନାୟାସରେ ଅର୍ଥ ଉପାର୍ଜନ କରି ଚାଲିଛନ୍ତି। ବର୍ଷ ବର୍ଷ ଧରି ଏହି କାରବାର ଏହି ଅଞ୍ଚଳରେ ଚାଲି ଆସୁଛି। ଦିନ ଦ୍ୱିପହରରେ ଏହି ବେନିୟମ କାରବାର ନୀୟମ ଉଂଲଘନରେ ଚାଲି ଆସୁଥିଲେ ବି ମାସିକିଆ ବଟି ପାଖରେ ନ୍ୟାୟ ଅପହଞ୍ଚ ହୋଇ ଯାଉଛି। ଉଦ୍ଦେଶ୍ୟ ମୂଳକ ଭାବେ କିଛି ନିରିହ ଗରିବ ଆବାସ ଲୋକଙ୍କ ପାଖକୁ ଯୋଗାଣ ହେଉଥିବା ବାଲି ଗାଡିକୁ ଧରି ବିଭାଗ ବାହାବା ଭାବେ ନିଜ ପାରିଲା ପଣିଆକୁ ଜାହିର କରି ଆସୁଥିବା ବେଳେ ବଡ ବଡ ହସ୍ତି ପାଖରେ ଲାଙ୍ଗୁଡ ଯାକି ଦୌଡି ପଳାଉଛି। ଏନେଇ ଜିଲ୍ଲା ଖଣି ଅଧିକାରୀ ବିକାଶ ପଟ୍ଟନାୟକଙ୍କ ସହିତ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ ଯାଣିବୁଝି ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଏନେଇ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି।

## ଦେଶୀ ବନ୍ଧୁକ ସହ ଗଞ୍ଜେଇ ଜବତ, ଦୁଇ ଗିରଫ



**ଫୁଲବାଣୀ, ୧୧।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରୀତମ୍ବରା କରଙ୍କ ତତ୍ତ୍ୱାବଧାନରେ ଏସ. ଆଇ. ଅବନୀ ପ୍ରଧାନ, ତାଙ୍କ ସହକର୍ମୀ ମିଳିତରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଆଜି ଟିକାବାଲି ବ୍ଲକ୍ ଅନ୍ତର୍ଗତ କଟିମାହା ଗ୍ରାମପଞ୍ଚାୟତ କୁଟ୍ରିଖୋଲ ଛକଠାରେ ଗଞ୍ଜେଇ ସହିତ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ୍। ଟିକାବାଲି ତହସିଲଦାର ହରିସ୍ ଶୁଦ୍ର ପ୍ରଧାନ ଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ କଲାପରେ ୪୦ କିଲୋ ହୋଇଥିବା ଜଣାପଡ଼ିଛି ଓଅଭିଯୁକ୍ତ ଦୁହେଁ କୁଟ୍ରିଖୋଲ ଗ୍ରାମର ନାମ ଦିଲିପ କହଁର, (୩୮) ପିତା ସଦାଶିବ କହଁର, (୩୭) ସୁନିଲ କହଁର, ପିତା ଟିମ୍ପା କହଁର, ବୋଲି ଜଣା ପଡ଼ିଛି ଓ ସୂଚନା ଅନୁସାରେ ଟିକାବାଲି ପୋଲିସ ପେଟ୍ରୋଲିଂ କରୁଥିବା ବେଳେ କୁଟ୍ରିଖୋଲ ଅଞ୍ଚଳରୁ ଅନ୍ୟତ୍ର ଅଞ୍ଚଳ କୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତି କରୁଥିବା ବେଳେ ମାଡ଼ିବସିଲା ପୋଲିସ ଓ ସେଥିରୁ ୪୦ କିଲୋ ଗଞ୍ଜେଇ ସହିତ ଏକ ଦେଶୀ ବନ୍ଧୁକ ମଧ୍ୟ ଜବତ କରି ଅଭିଯୁକ୍ତ ଙ୍କୁ କେସ ନଂ ୧୯୭/୨୫ ଏକ ମାମଲା ରୁଜୁ କରି ବାଲିଗୁଡ଼ା କୋର୍ଟ ଚାଲାଣ କରି ଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ପ୍ରଜ୍ଞାରୀତମ୍ବରା କର।

## ଗାଁ ନିକଟରେ ବେଆଇନ୍ କୋଇଲା ସାଇଡିଂକୁ ତୀବ୍ର ବିରୋଧ

**ହେମଗିରି, ୧୧।୯(ସଂଚାର ବ୍ୟୁରୋ):** ଗାଁ ନିକଟରେ ବେଆଇନ୍ କୋଇଲା ସାଇଡିଂକୁ ତୀବ୍ର ବିରୋଧ । ଗାଁରୁ କୋଇଲା ସାଇଡିଂ ନଉଠାଇଲେ ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକ ବରପାଲି ଗ୍ରାମବାସୀ। ବରପାଲି ଗାଁ କଡ଼ରେ ଗଦା ହୋଇ ରହିଛି କୋଇଲା । ଫଳରେ କୋଇଲା ଗୁଣ୍ଡ ଓ ବଡ଼ବଡ଼ ଗାଡ଼ି ଯିବା ଯୋଗୁଁ ଅତିଷ୍ଟ ହୋଇପଡିଲେଣି ସ୍ଥାନୀୟ ଗ୍ରାମବାସୀ । ବିନା ଗ୍ରାମସଭାରେ ରେଲୱେ ସାଇଡିଂ ହୋଇଛି। ଏହା ବେଆଇନ୍ ବୋଲି ଦାବି କରି ବାରମ୍ବାର ଧାରଣା ଦେବା ପରେ ଆଜି ବରାପାଲି ଗ୍ରାମବାସୀ ଜିଲ୍ଲପାଳଙ୍କୁ ଭେଟି ତୁରନ୍ତ ଏହାକୁ ବନ୍ଦ କରିବାକୁ ଦାବି। ଯଦି ଅତିଶୀଘ୍ର ବନ୍ଦ କରାନଯାଏ ତାହା ହେଲେ ଯେଉଁ ପରିସ୍ଥିତି ଉତ୍ପନ୍ନ ହେବ ସେଥିପାଇଁ ପ୍ରଶାସନ ହିଁ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ ।

## ରୁପ୍ରାରୋଡରେ ଯାଦବ ସମାଜର ନୂଆଖାଇ ଭେଟ



**ନର୍ଲା, ୧୧।୯(ସଂଚାର ବ୍ୟୁରୋ):** ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜ ପକ୍ଷରୁ ଲକ୍ଷ୍ମୀପୂଜା ମଣ୍ଡପ ଠାରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଶହ ଶହ ଯାଦବ ମହିଳା ଓ ପୁରୁଷ ହାତରେ କେନ୍ଦୁବାଡି ଧରି ଛତର ସହ ନଗର ପରିକ୍ରମା କରିଥିଲେ। ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ସଭାପତି ତ୍ରିଲୋଚନ ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ଉଦଘାଟନୀ ସମାରୋହ ତଥା ସାମାଜିକ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, ବିଶିଷ୍ଟ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଗୋବିନ୍ଦ ବନଛୋର, ମୁଖ୍ୟ ବକ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ, ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ପୂର୍ବତନ ବ୍ଲକ ସଭାପତି ହୃଷିକେଶ ଭୋଇ, ନର୍ଲା ବ୍ଲକ ଯୁବ ଯାଦବ ମହାସଭା ସଭାପତି ପ୍ରସୁନ୍ନ କୁମାର ଜାଲ, ଶିକ୍ଷାବିତ ମାଧବ ନାଗ ଓ ଜୟଚନ୍ଦ୍ର ହାତୀ, ସମଲେଇ ପୂଜକ ଋଷିନାଥ ବାଗ, ବାଏଚନ ବାଗ, ଭୀମ ବାଗ, ରୁପ୍ରାରୋଡ ଗ୍ରାମ ପଞ୍ଚାୟତ ଯାଦବ ସମାଜର ଉପସଭାପତି ପିତାମ୍ବର ଖୁଣ୍ଟୁଲା, ଯୁଗ୍ମ ସମ୍ପାଦକ ସୁବାସ ଗହୀର ପ୍ରମୁଖ ମଞ୍ଚାସୀନ ରହି ସମାଜ ସଂଗଠନକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ସମ୍ମାନିତ ଅତିଥି ଭାବେ ଉସ୍ତାଦ ବିସମିଲା ଖାଁ ଜାତୀୟ ପୁରସ୍କାର ପ୍ରାପ୍ତ ଲୋକକଳାକାର ସର୍ବେଶ୍ୱର ଭୋଇ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ଭୀମକେଲା ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ ଗଉଡ, ବିଖ୍ୟାତ ମୃଦଙ୍ଗ ବାଦକ ଖଗେଶ୍ୱର ଗଉଡ ପ୍ରମୁଖ ମଞ୍ଚାସୀନ ରହି ଗଣପର୍ବ ନୂଆଖାଇର ତତ୍ତ୍ୱ ଓ ଦର୍ଶନ ଉପରେ ଆଲୋକପାତ କରିବା ସହ ଲୋକକଳାର ପୁନଃରୁତ୍ଥାନ ବିଷୟରେ ଆଲୋଚନା କରିଥିଲେ।

● **ମହିଳାଙ୍କୁ ହତ୍ୟା ଅଭିଯୋଗ**

## ୨ ମାସ ପରେ ବି ପୁଲିସ ହାତ ଖାଲି



**ଭବାନୀପାଟଣା, ୧୧।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ ପୋଡ଼ାଗୁଡା ଗ୍ରାମର ରିକିରାମ ପ୍ରଧାନୀ ଙ୍କ ପ୍ରେମ ବିବାହିତା ପତ୍ନୀ ଉର୍ମିଳା ପ୍ରଧାନୀ(୨୫) ଙ୍କ ଗତ ୧୮/୦୭ ରେ ସନ୍ଦେହ ଜନକ ଅବସ୍ଥାରେ କୋକସରା ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ରେ ମୃତା ଉର୍ମି ର ବାପା ରତେ ପୁଝାରି ଝିଅ କୁ ନିର୍ଯ୍ୟାତନା ଦେଇ ଓ ଅନ୍ୟ ଜଣେ ମହିଳାଙ୍କ ଙ୍କ ସହ ସମ୍ପର୍କ ଥିବାରୁ ଜ୍ୱାଇଁ ଓ ତାଙ୍କ ପରିବାର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମହତ୍ୟା ର ରୂପ ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।ଏହି ଘଟଣା ରେ ଆମପାଣି।ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ଅନ୍ୟ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଏ ମଧ୍ୟରେ ମୃତ୍ୟୁ ର ଦୀର୍ଘଦିନ ପରେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ, ମୃତା ଉର୍ମିଳା ଙ୍କ ପରିବାର ଲୋକେ ଆମପାଣି ପୋଲିସ କୁ ବିଭିନ୍ନ ସମୟରେ ଆସି ଝିଅ ହତ୍ୟା ର କେଶ ର ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ମାଗିବାରୁ ଆଜି ଯାଏଁ ଆସି ନଥିବା ନେଇ ତଦନ୍ତକାରୀ ଅଧିକାରୀ କହିବା ପରେ ନିରାଶ ହୋଇ ଫେରିଛନ୍ତି। ଗୁରୁବାର ମୃତା ଉର୍ମିଳା ର ବାପା ରତେ ପୁଝାରି, ମା ରେମତି ପୁଝାରି ସମ୍ପର୍କୀୟ ମାନେ ଧର୍ମଗଡ଼ ବ୍ଲକ ବହୁଜନ ସମାଜ ପାର୍ଟି ନେତା ଦୁଷ୍ମନ୍ତ ଦୁର୍ଗା ଙ୍କ ନେତୃତ୍ୱରେ ଆମପାଣି ଥାନା ରେ ଆସି ଏହି କେଶ କୁ ପୋଲିସ ଜାଣିଶୁଣି ଚାପି ଦେବାକୁ ଚେଷ୍ଟା କରୁଥିବା ଓ ଅଭିଯୁକ୍ତ ଙ୍କୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗ କରିଛନ୍ତି।

## ପିଡିଏସ ମାଣ୍ଡିଆ ସାମଗ୍ରୀ ବାଟମାରଣା, ଧରିଲେ ଗ୍ରାମବାସୀ



**ଭବାନୀପାଟଣା, ୧୧।୯ (ସଂଚାର ବ୍ୟୁରୋ):** ଖାଦ୍ୟ ସୁରକ୍ଷା ଯୋଜନା ରେ ପଞ୍ଚାୟତ କୁ ହିତାଧିକାରୀ ମାନଙ୍କ ପାଇଁ ଆସୁଥିବା ମାଣ୍ଡିଆ ଅଧାବାଟ ରେ ବାଟମାରଣା କରୁଥିବା ବେଳେ ଗ୍ରାମବାସୀ ମାନେ ଦେଖି ପଞ୍ଚାୟତକୁ ଆସିଥିବା ଟ୍ରକ କୁ ଅଟକ ରଖିଥିବା ଜଣାପଡ଼ିଛି। ସୂଚନା ଅନୁସାରେ କୋକସରା ବ୍ଲକ ଡ଼ହଗାଁ ମୂଷାପାଲି ପଞ୍ଚାୟତ ଓ ଡାଲଗୁମା ପଞ୍ଚାୟତ କୁ ହିତାଧିକାରୀ ମାନଙ୍କ ପାଇଁ ଜୁନାଗଡ଼ରୁ ଏକ ଟ୍ରକ ନମ୍ବର (ସିଜି ୦୪ ଜେଡି ୭୨୨୪) ଯୋଗେ ମାଣ୍ଡିଆ ଆସିଥିଲା। ଡ଼ହଗାଁ ଓ ମୂଷାପାଲି ପଞ୍ଚାୟତ ରେ ମାଣ୍ଡିଆ ଅନଲୋଡ଼ କରି ଡାଲଗୁମା ପଞ୍ଚାୟତ କୁ ଆସିବା ବାଟରେ ୩ ବସ୍ତା ମାଣ୍ଡିଆ ଅନଲୋଡ଼ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଟ୍ରକ କୁ ଡାଲଗୁମା ପଞ୍ଚାୟତ ନିକଟରେ ଅଟକ ରଖିଥିଲେ। ଟ୍ରକ ଡ୍ରାଇଭର କୁ ପଚାରିବାରୁ ମୂଷାପାଲି ଯୋଗାଣ ସହାୟିକା କହିବାରୁ ୩ ବସ୍ତା ତାଙ୍କ ଲୋକ ଆସି ନେଇଥିଲେ ବୋଲି କହିଛନ୍ତି।ମାଣ୍ଡିଆ ଅଧାରାସ୍ତା ରେ ବାଟମାରଣା କରୁଥିବା ବେଳେ ଜଣେ ହିତାଧିକାରୀ ତାହାକୁ ଫୋଟୋ ଉଠାଇଥିଲେ। ଅନ୍ୟପଟେ ଡାଲଗୁମା ଗ୍ରାମବାସୀ ମାନେ ଟ୍ରକ କୁ ଅଟକ ରଖି ଯୋଗାଣ ବିଭାଗ ଅଧିକାରୀ ଓ କୋକସରା ପୋଲିସ କୁ ସୂଚନା ଦେଇଥିଲେ। ଖବର ପାଇବା ପରେ କୋକସରା ଥାନା ଅଧିକାରୀ ଜେ.ଏନ ହୋତା ପହଞ୍ଚି ଟ୍ରକ ଡ୍ରାଇଭର ଓ ଗ୍ରାମବାସୀ ଙ୍କ ସହ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଟ୍ରକ କୁ ଜବତ କରି ଥାନା କୁ ଆଣିଥିବା ସୂଚନା ମିଳିଛି।ତେବେ ଏନେଇ କୋକସରା ଯୋଗାଣ ବିଭାଗର ଅଧିକାରୀ ଜଗାରାମ ମୁର୍ମୁ ଙ୍କ ପ୍ରତିକ୍ରିୟା ନେବାରୁ କଣ ହୋଇଛି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅମୁନି ଚୋରି, ସ୍ପଷ୍ଟ ଦିବାଲୋକରେ ପୁଣି କଳାକନା ବୁଲାଇଲେ ଦୁର୍ବୃତ୍ତ



**ନୀଳଗିରି, ୧୧।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ କ୍ରମାଗତଭାବେ ଚୋରି ସଂଖ୍ୟା ବଢ଼ିବା ସହିତ ଚୋରଙ୍କ ମନବଳ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ଗୁରୁବାର ସ୍ପଷ୍ଟ ଦିବାଲୋକରେ ପୁଣି ଘରେ କେହି ନଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ। ସୁଚନା ନୀଳଗିରି ଥାନାଠାରୁ ଏକ କିଲୋମିଟର ମଧ୍ୟରେ ଯାଉଥିବା ଘାଟଘରସାହି ରାଜା ବଗିଚାର ବାସିନ୍ଦା ଗୋପାଳକୃଷ୍ଣ ମହାପାତ୍ର ପୂର୍ବାହ୍ନ ୧୦ ଘଟିକା ସମୟରେ ତାଙ୍କ ପାଥୋଲୋଜି କ୍ଲିନିକ କୁ ଯାଇଥିବା ବେଳେ ସ୍ତ୍ରୀ ଶାନ୍ତିରେଖା ମହାପାତ୍ର ନିଜର କର୍ମକ୍ଷେତ୍ରକୁ ଘରେ ତାଲା ଦେଇ ସି.ଡି.ପି.ଓ. ଅଫିସକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଘରର ପଶ୍ଚିମ ପାଖ ଝରକା ର ଗ୍ରିଲ୍ ଭାଙ୍ଗି ଦୁର୍ବୃତ୍ତ ମାନେ ଘର ଭିତରକୁ ପଶିଥିଲେ। ଘରର ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ଘରେ ଥିବା ଆଲମିରା ର ଲକ ଭାଙ୍ଗି ଲକର୍ ରେ ଥିବା ୫ ଲକ୍ଷ ଟଙ୍କାର ଊର୍ଦ୍ଧ୍ୱ ସୁନା ଗହଣା ଲୁଟ କରି ନେଇ ଯାଇଛନ୍ତି। ଦିନ ଦ୍ୱିପ୍ରହର ଏପରି ଚୋରି ଘଟଣାକୁ ସହଜରେ କେହି ହଜମ୍ କରିପାରୁ ନାହାନ୍ତି। ଏନେଇ ନୀଳଗିରି ଥାନାରେ ଘର ମାଲିକ ଗୋପାଳକୃଷ୍ଣ ମହାପାତ୍ର ଅଭିଯୋଗ କରିଥିବା ବେଳେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ୩୬୪/୨୫ ନଂ ମାମଲା ରୁଜୁ କରି ତଦନ୍ତ କରିଛି। ତେବେ ପୋଲିସକୁ ଚକମା ଦେଇ ନୀଳଗିରି ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଚୋରି ହେବାକୁ ନେଇ ଆତଙ୍କିତ ଅଛନ୍ତି ସ୍ଥାନୀୟ ବାସିନ୍ଦା।

## ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ



**ସୁବର୍ଣ୍ଣପୁର, ୧୧।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତି ସୁପାର ଠେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁ ଜିଲ୍ଲା ପରିଷଦ ବୈଠକରେ ଉପସ୍ଥିତ ଥିବା ମାନ୍ୟବର ବିଧାୟକ, ଇଞ୍ଜିନିୟରିଂ ରଘୁନାଥ ଜଗଦଲା, ମାନ୍ୟବର ବିଧାୟକ ସୋନପୁରଙ୍କ ପ୍ରତିନିଧି, ସମସ୍ତ ଜିଲ୍ଲା ସଭ୍ୟ ସଭ୍ୟା, ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା ଓ ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ପରିଷଦ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲା ପରିଷଦ ବୈଠକରେ ଆଲୋଚିତ ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲ୍ଲା ପରିଷଦ ବୈଠକ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ରଣପୁର ମଦ୍ରସାରେ ଛାତ୍ରଙ୍କୁ ହତ୍ୟା ମାମଲା**

## ଜିଲ୍ଲା ପ୍ରଶାସନ ତରଫରୁ ପରିବାରକୁ ଆର୍ଥିକ ସହାୟତା



**ନୟାଗଡ଼, ୧୧।୯ (ସଂଚାର ବ୍ୟୁରୋ):** ମଦରସାରେ ନାବାଳକ ଛାତ୍ରକୁ ବାଡେଇ ବାଡେଇ ହତ୍ୟା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି। ଆଜି ଜିଲ୍ଲା ପ୍ରଶାସନ ତରଫରୁ ମୃତ ନାବାଳକ ଛାତ୍ରଙ୍କ ପରିବାର ଲୋକଙ୍କୁ ଭେଟି ସହାନୁଭୂତି ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନାନୁସାରେ, ମଦରସାରେ ନାବାଳକ ମୃତ୍ୟୁ ଘଟଣାରେ ଆସିଲା ଚାଞ୍ଚଲ୍ୟକର ତଥ୍ୟ। ସମଲିଙ୍ଗୀ ସମ୍ପର୍କ ନେଇ ହୋଇଥିଲା ହତ୍ୟାକାଣ୍ଡ। ହତ୍ୟା କାଣ୍ଡରେ ସାମିଲ ଥିଲେ ମଦରସାର ୫ଜଣ ନାବାଳକ ଛାତ୍ର। ଗତ ୪ତାରିଖରେ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ନୀଳପଲ୍ଲୀ ମଦରସାର ପରିତକ୍ତ ଟାଙ୍କିରୁ ମିଳିଥିଲା ଫାରହୁନ ଖାଁ ନାମକ ୧୨ବାର୍ଷିୟ ନାବାଳକର ମୃତ ଦେହ। ରଣପୁର ଥାନା ପୋଲିସ ଏହି ହତ୍ୟାକାଣ୍ଡର ତଦନ୍ତ କରୁଥିବା ବେଳେ ଘଟଣାରେ ସମ୍ପୃକ୍ତ ୫ଜଣ ନାବାଳକଙ୍କୁ ଗିରଫ କରି ଅନୁଗୁଳ ବାଳସୁଧାର ଗୃହକୁ ପଠାଯାଇଥିବା ବେଳେ ଆଜି ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକ୍ ଅନ୍ତର୍ଗତ ନୀଳପଲ୍ଲୀ ମାଦ୍ରାସ ବିଦ୍ୟାଳୟର ଛାତ୍ର ଫରାଉଦ୍ଦିନ ଖାନ ପରିବାରଙ୍କୁ ଜିଲ୍ଲା ପ୍ରଶାସନ ନୟାଗଡ଼ ସାକ୍ଷାତ କରି ସାନ୍ତ୍ୱନା ଦେଇ ଦେଇଥିଲେ।

## ବିଙ୍ଗିରାଜଙ୍କ ବିୟୋଗ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା



**ଫିରିଙ୍ଗିଆ, ୧୧।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କ୍ରାଣ୍ତିବାଲି ଗ୍ରାମ ନିବାସୀ ତଥା କ୍ରାଣ୍ତିବାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଠନର ପ୍ରମୁଖ ଉଦ୍ୟୋକ୍ତା ବିଙ୍ଗିରାଜ କହଁରଙ୍କ ଆଜି ପୂର୍ବାହ୍ନ ୯ ଘଣ୍ଟିକା ସମୟରେ ଆକସ୍ମିକ ଦେହାନ୍ତ ହୋଇଯାଇଛି। ସେ ଜଣେ ମେଳାପୀ ଓ ମିଷ୍ଟଭାଷୀ ସମାଜ ସେବୀ ଥିଲେ କ୍ରାଣ୍ତିବାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଠନର ମୁଖ୍ୟ ଭୂମିକାରେ ନିଭାଇଥିଲେ। ବିଦ୍ୟାଳୟ ସ୍ଥାପନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଜର ଯଥେଷ୍ଟ ସହଯୋଗ ଓ ଅବଦାନ ରହି ଆସୁଥିଲା। ତଦ୍ ସହିତ ବିଦ୍ୟାଳୟର ଦୁର୍ଦ୍ଦିନ ସମୟରେ ସେ ଆଗଭର ହୋଇ ଛିଡା ହେଉଥିଲେ ତାଙ୍କର ବିଦ୍ୟାଳୟ ପ୍ରତି ସାହାଯ୍ୟ ସହଯୋଗ ଅତୁଳନୀୟ। ଏଣୁ ତାଙ୍କର ବିୟୋଗରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶୋକ ପ୍ରକାଶ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ଏବଂ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

**ମଦ ବନ୍ଦ ପାଇଁ ସଚେତନ ମାଝୀଗୁଡା ଯୁବକ ସଙ୍ଘ**

## ଗାଁରେ ମଦ ବନ୍ଦ ସହ ପହରା ଦେଉଛନ୍ତି ଯୁବଗୋଷ୍ଠୀ



**ଭବାନୀପାଟଣା, ୧୧।୯ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତ ମାଝୀଗୁଡା ଗ୍ରାମ ରେ ବେଇଆନ ମଦ କୋଠି ଖୋଲି ଦେଶୀ ବିଦେଶୀ ମଦ ବିକ୍ରି କରୁଥିଲେ କିଛି ସ୍ଥାନୀୟ ମୁଷ୍ଟିମେୟ ଲୋକ, ତେବେ ଖୁଲାମଖୁଲା ଗାଁ ରେ ମଦ ବିକ୍ରି ଯୋଗୁଁ ଗାଁ ରେ ଅନେକ ସମୟରେ ମଦୁଆ ଙ୍କ ଉତ୍ପାତ ଓ ବିଶୃଙ୍ଖଳା ସୃଷ୍ଟି ହେଉଥିଲା। ଏମିତିକି ସ୍କୁଲ ଛାତ୍ର, ଯୁବକ ମାନେ ମଧ୍ୟ କୁସଙ୍ଗତ ରେ ପଡ଼ି ମଦ ପିଇବା ଦେଖିବାକୁ ମିଳୁଥିଲା। ଏନେଇ ମାଝୀଗୁଡା ଗ୍ରାମ ର ନେତାଜୀ ଯୁବକ ସଙ୍ଘ ନେତୃତ୍ୱ ନେଇ ଗାଁ ରେ ମଦ ବିରୋଧୀ ଆନ୍ଦୋଳନ ଜାରି କରି ଗାଁ ରେ ବେଆଇନ ମଦ କୋଠି କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ତେବେ କିଛି ଅସାଧୁ ମଦ ମାଫିଆ ମାନେ ହାତରନ୍ଧା ଦେଶୀ ମଦ ଆଣି ଚୋରା ରେ ଗାଁ ରେ ବିକ୍ରି କରୁଥିବା ନେଇ ନେତାଜୀ ଯୁବକ ସଙ୍ଘ ଖବର ପାଇ ବୁଧବାର ରାତିରେ ଗାଁ ନିକଟରେ ଜନୈକ ମଦ ବେପାରୀ ଙ୍କ ଚଢ଼ାଉ କରିଥିଲେ। ତେବେ ମଧ୍ୟ ବେପାରୀ ଫେରାର ହୋଇ ଯାଇଥିବା ବେଳେ ସେଠାରୁ ପଲିଥିନ ରେ ଥିବା ହାତରନ୍ଧା ଦେଶୀ ମଦ ଜବତ କରି ସ୍ଥାନୀୟ କୋକସରା ପୋଲିସ କୁ ଆସି ଥାନା ଅଧିକାରୀ ଜୟ ନାରାୟଣ ହୋତା ଙ୍କୁ ଭେଟି ଜିମା ଦେବାସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ମାଝୀଗୁଡା ନେହେରୁ ଯୁବକ ସଙ୍ଘ ପକ୍ଷରୁ ପରମେଶ୍ୱର ପାଣିଗ୍ରାହୀ, ଲୋକେଶ ନାଏକ, ଭାସ୍କର ନାଏକ ପ୍ରମୁଖ ଯୁବକ ମାନେ ଗାଁ ରେ ମଦ ବନ୍ଦ ମିଶନ ରେ ସାମିଲ ରହିଛନ୍ତି। ଯୁବକ ସଙ୍ଘର ଏହି ମହତ କାର୍ଯ୍ୟକୁ ଗ୍ରାମବାସୀ ମାନେ ପ୍ରସଂଶା କରିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗର ବିଚିତ୍ର ନୀତି ସୁଇପରଙ୍କ ହାତରେ ଚିକିତ୍ସା ବ୍ୟବସ୍ଥା



**ବାଲିଆପାଳ, ୧୧।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଏବେ ସ୍ୱାସ୍ଥ୍ୟ ସେବା ବିପର୍ୟ୍ୟସ୍ତ ହୋଇପଡ଼ିଛି। ସୁଇପର, ସିକ୍ୟୁରିଟ ଗାର୍ଡ ଚିକିତ୍ସା କରିବାର ଦେଖିବାକୁ ମିଳିଛି।ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ଉଗରା ଗାଁରେ ଜନୈକ ମହିଳା ବୁଧବାର ରାତିରେ ଗାଡ଼ିରୁ ପଡ଼ିଯାଇ ଆହାତ ହୋଇଥିଲେ। ସଙ୍ଗେ ସଙ୍ଗେ ମହିଳାଙ୍କ ସ୍ୱାମୀ ଏବଂ ତାଙ୍କ ଭାଇ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ହସ୍ପିଟାଲରେ ଡାକ୍ତର ଉପସ୍ଥିତ ନଥିବା ବେଳେ ସୁଇପର ଜଣଙ୍କ ପେସେଣ୍ଟର ଆଖି ପାଖରେ ହୋଇଥିବା କ୍ଷତକୁ କାଲୁଆ ଇଞ୍ଜେକ୍ସନ ନଦେଇ ଷ୍ଟିଜ କରିଥିଲେ। ଡାକ୍ତର ବିଳମ୍ବରେ ବିନା ଇୟୁନିଫର୍ମରେ ପହଞ୍ଚିଥିଲେ।ମହିଳାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ଡାକ୍ତର ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଗୁରୁବାର ବାଲିଆପାଳ ଥାନାରେ କାର୍ୟ୍ୟରତ ଥିବା ଡ଼ାକ୍ତରଙ୍କ ବିରୋଧ ଅଭିଯୋଗ ହୋଇଛି। ଏହି ଘଟଣା ପରେ ରାତିରେ କିଛି ଅସାମାଜିକ ଲୋକ ହସ୍ପିଟାଲରକୁ ଆସି ଚିକିତ୍ସା କରିବାରେ ବାଧା ସୃଷ୍ଟି କରୁଛନ୍ତି। ହସ୍ପିଟାଲର ଡାକ୍ତର ଏବଂ ଷ୍ଟାଫ୍ ଏବଂ ଅନ୍ୟ ପେସେଣ୍ଟ ମାନଙ୍କୁ ହାରାସମେଣ୍ଟ କରାଯାଉଛି ବୋଲି ଥାନାରେ ପାଲାଟା ଅଭିଯୋଗ କରିଛନ୍ତି କାର୍ୟ୍ୟରତ ଡାକ୍ତର। ଏନେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରୀତମ ସାହୁ କହିଛନ୍ତି ହସ୍ପିଟାଲରେ ଷ୍ଟାଫ୍ କମ୍ ଅଛନ୍ତି ତେଣୁ ସୁଇପରଙ୍କୁ ଡାକ୍ତରଙ୍କ ଉପସ୍ଥିତିରେ ଷ୍ଟିଜ ପକାଇବା ପାଇଁ କୁହାଯାଇଛି। କାର୍ୟ୍ୟରତ ଥିବା ଡ଼ାକ୍ତର ବାଥରୁମରେରେ ଥିଲେ କିଛି ବ୍ୟକ୍ତି ପାଟିତୁଣ୍ଡ କରିବାରୁ ସେ ବିନା ଇୟୁନିଫର୍ମରେ ପହଞ୍ଚିଥିଲେ। ହସ୍ପିଟାଲରେ ସିସିଟିଭି ଫୁଟେଜ ଜବତ କରାଯିବା ପରେ କାର୍ୟ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଆପାଳ ପୋଲିସ କହିଛି।

## ବାଟବଣା ବାର୍ଦ୍ଧକ୍ୟ ଭତ୍ତା ଯୋଜନା! ବାର ଦୁଆର ବୁଲୁଛନ୍ତି ଯୋଗ୍ୟ ହିତାଧିକାରୀ

**ତୁରେକେଲା, ୧୧।୯(ସଂଚାର ବ୍ୟୁରୋ):** ଗରିବ ତଥା ଅସହାୟ ଲୋକଙ୍କ ପାଇଁ ସରକାରଙ୍କ ବିଭିନ୍ନ ଆର୍ଥିକ ସହାୟତା ଯୋଜନା। କିନ୍ତୁ ସରକାରୀ ବାବୁଙ୍କ ଉଦାସୀନତା ମନୋଭାବ ଯୋଗୁଁ ଅନେକ ସ୍ଥାନରେ ଏହି ସବୁ ଫେଲ୍ ମାରିଛି । ବୟସ ୬୦ ଟପିଲା ପରେ ବି ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ବାରମ୍ବାର ଅବଗତ କରାଯିବା ପରେ ବି କେହି ଶୁଣୁନଥିବା ଆସିଛି ଅଭିଯୋଗ। ଏଠି ବସିଥିବା ସମସ୍ତ ବୃଦ୍ଧ ବୃଦ୍ଧାଙ୍କ ବୟସ ୬୦ରୁ ଅଧିକ। ବାର୍ଦ୍ଧକ୍ୟ ଭତ୍ତା ଏମାନଙ୍କ ପାଇଁ ସ୍ୱପ୍ନ । ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକର ହଲନ୍ତଭଟା ପଞ୍ଚାୟତ କୁଶପାଲି ଗାଁର ଏପରି ଅନେକ ବୃଦ୍ଧ ଅଛନ୍ତି । ଯେଉଁମାନେ ଯୋଗ୍ୟ ହୋଇ ବି ମିଳୁନି ବାର୍ଦ୍ଧକ୍ୟ ଭତ୍ତା । ଅନ୍‌ଲାଇନ୍‌ରେ ସବୁ କାଗଜପତ୍ର ଦେଇ ବି ଭତ୍ତା ତାଲିକାରେ ପ୍ରଶାସନ ଅନ୍ତର୍ଭୁକ୍ତ କରୁନଥିବା ଅଭିଯୋଗ ଆସିଛି । ଉପାନ୍ତ ଇଲାକା ହିତାଧିକାରୀମାନେ ବ୍ଲକକୁ ଯାଇ ବାରମ୍ବାର ଅଭିଯୋଗ କରିଛନ୍ତି। ତଥାପି ପ୍ରଶାସନ ଏଦିଗରେ ପଦକ୍ଷେପ ନେଇନଥିବା ଅଭିଯୋଗ । ଅନ୍ୟପଟେ ତୁରନ୍ତ ଏମାନଙ୍କୁ ଭତ୍ତା ଦିଆଯିବ ବୋଲି କହିଛନ୍ତି ବ୍ଲକ ଅଧିକାରୀ। କେବେ ବ୍ଲକ ପ୍ରଶାସନ ଏମାନଙ୍କ ଦୁଃଖ ବୁଝି ଭତ୍ତା ତାଲିକାରେ ସାମିଲ କରିବ ତାକୁ ଅପେକ୍ଷା।





# ପର୍ଯ୍ୟଟନ

# ଭାରତର ପ୍ରସିଦ୍ଧ ଶିବ ମନ୍ଦିର

ଦେବଦେବ ମହାଦେବଙ୍କର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସମ୍ପର୍କରେ ପ୍ରାୟତଃ ସମସ୍ତେ ଜାଣିଥିବେ। ତେବେ ଏହି ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ବ୍ୟତୀତ ଭାରତରେ ଭଗବାନ ଶିବଙ୍କୁ ସମର୍ପିତ ଏମିତି ଅନେକ ପ୍ରାଚୀନ ତଥା ପ୍ରସିଦ୍ଧ ମନ୍ଦିର ବି ରହିଛି, ଯେଉଁଠାରେ ପ୍ରଭୁଙ୍କ ଦର୍ଶନ କରି ଭକ୍ତଗଣ ଅପାର ଆନନ୍ଦ ଲଭିଥାନ୍ତି। ସେମିତି କେତୋଟି ପ୍ରସିଦ୍ଧ ଶୈବପୀଠ ସମ୍ପର୍କରେ

## ବୃହଦେଶ୍ୱର ମନ୍ଦିର

ତାମିଲନାଡୁସ୍ଥିତ ଏହି ଶୈବପୀଠଟିର ଆକର୍ଷଣୀ। ବାସ୍ତୁକଳାକୁ ଦେଖିଲେ ଯେ କେହି ଘଡିଏ ଚାହିଁ ରହିବା ସ୍ୱାଭାବିକୟ ତା'ଛଡ଼ା ଏଠାରେ ପୂଜା ପାଉଥିବା ମହାଦେବ ଖୁବ୍ ପ୍ରତ୍ୟକ୍ଷ ବୋଲି ଶୁଣିବାକୁ ମିଳିଥାଏ। ମହାଦେବଙ୍କ ବ୍ୟତୀତ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ବି ବେଶ୍ ଆକର୍ଷଣୀ ଲାଗିଥାଏ।ସେହିପରି ଏହି ଶୈବପୀଠଟି ୟୁନେସ୍କୋ ୱାଲର୍ଡ ହେରିଟେଜ୍ ସାଇଟ୍ ଅନ୍ତର୍ଭୁକ୍ତ ହୋଇସାରିଥିବାରୁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।କନ୍ଦରିୟା ମହାଦେବ ମନ୍ଦିରଃ ମଧ୍ୟପ୍ରଦେଶର ଖଜୁରାହୋ ଅନ୍ତର୍ଗତ ଏକ ଲୋକପ୍ରିୟ ଶୈବପୀଠ ଭାବେ ଏହି ମନ୍ଦିରଟି ପରିଚିତ। ଏହି ମନ୍ଦିରକୁ ଖଜୁରାହୋର ସ୍ୱତନ୍ତ୍ର ବାସ୍ତୁକଳାର ଏକ ଆଦର୍ଶ ନମୁନା ଭାବେ ବିବେଚନା କରାଯାଇଥାଏ। ଏଠାରେ ପୂଜା ପାଉଥିବା ମହାଦେବ ବି ଖୁବ୍ ପ୍ରତ୍ୟକ୍ଷୟ ଭକ୍ତିଏ ନିଷ୍ଠାର ସହ ଏଠାରେ ମନୋସ୍କାମନା କଲେ ତା'ର ସବୁ ଆଶା ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ଅଖଣ୍ଡ ବିଶ୍ୱାସ ରହିଛିୟ ଖାସ୍ ଏହି କାରଣ ଯୋଗୁଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଧାଇଁ ଆସିଥାନ୍ତି।



## ତୁଙ୍ଗନାଥ ମନ୍ଦିର

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅନ୍ତର୍ଗତ ଏକ ପାହାଡ ଉପରେ ରହିଛି ଏହି ମନ୍ଦିର।ଏହା ବି ହେଉଛି ଏକ ଶୈବପୀଠୟ ସମୁଦ୍ର ପତ୍ତନଠାରୁ ପ୍ରାୟ ୩୬୮୦ ମିଟର ଉଚ୍ଚତାରେ ଥିବା ଏହି ମନ୍ଦିରଟି ଖୁବ୍ ପ୍ରାଚୀନ ବୋଲି ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ। ହେଲେ ଏଠାରେ ପୂଜା ପାଉଥିବା ମହାଦେବ ଖୁବ୍ ପ୍ରତ୍ୟକ୍ଷୟ ଖାସ୍ ସେଥିପାଇଁ ଯେତେ କଷ୍ଟ ହେଲେ ବି ଭକ୍ତଗଣ ପାହାଡ ଉପରକୁ ଯାଇ ପ୍ରଭୁଙ୍କୁ ଏଠାରେ ଦର୍ଶନ କରିଥାନ୍ତି। ବିଶେଷକରି ଶୀତଦିନେ ଏଠାରେ ବହୁତ ତୁଷାରପାତ ହୁଏ। ଆଉ ସେହି ତୁଷାରପାତରେ ବି ଅନେକ ଶ୍ରଦ୍ଧାଳୁ ଟ୍ରେକିଂ କରିକି ଯାଇ ପ୍ରଭୁଙ୍କୁ ଏଠାରେ ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି।



## କିରାତେଶ୍ୱର ମହାଦେବ ମନ୍ଦିର

ସିକିମସ୍ଥିତ ରଙ୍ଗୀତ ନାମକ ଏକ ନଦୀକୂଳରେ ଥିବା ଏହି ମନ୍ଦିରଟି ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀୟ ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିରରେ ମହାଶିବରାତ୍ରି ଓ ଶ୍ରାବଣ ମାସର ପ୍ରତି ସୋମବାରରେ ବହୁ ଭକ୍ତଗଣଙ୍କର ଯା'ଆସ ଲାଗି ରହିଥାଏ। ସେହିପରି ଏହି ମନ୍ଦିରରେ ବାଳା ଚତୁର୍ଦ୍ଦଶୀ ପର୍ବକୁ ବି ଖୁବ୍ ଧୁମ୍ଧାମରେ ପାଳନ କରାଯାଇଥାଏ। ନଦୀର ତଟଦେଶରେ ଅବସ୍ଥିତ ହୋଇଥିବାରୁ ଏବଂ ଚାରିଆଡେ ଗଛଲତା ପରିପୂର୍ଣ୍ଣ ହୋଇ ରହିଥିବାରୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା ବି ହୋଇଥାଏ।



## ଭୋଜେଶ୍ୱର ମନ୍ଦିର

ମଧ୍ୟପ୍ରଦେଶର ଭୋଜପୁର ନାମକ ଏକ ସ୍ଥାନରେ ରହିଥିବା ଏହି ଶୈବପୀଠଟିର ବାସ୍ତୁକଳା ଯେମିତି ଆକର୍ଷଣୀୟ ଠିକ୍ ସେମିତି ଏଠାରେ ପୂଜା ପାଉଥିବା ମହାଦେବ ବି ଖୁବ୍ ପ୍ରତ୍ୟକ୍ଷ। ସେହିପରି ଏହା ଏକ ପ୍ରାଚୀନ ମନ୍ଦିର ଭାବେ ବି ଜଣାଶୁଣାୟ ତା'ଛଡ଼ା ଶାନ୍ତ ପରିବେଶରେ ଗଢି ଉଠିଥିବା ଏହି ଶୈବପୀଠରେ କିଛି ସମୟ ବିତାଇଦେଲେ ମନକୁ ବେଶ୍ ଶାନ୍ତି ମିଳିଥାଏ ବୋଲି ସ୍ଥାନୀୟ ଲୋକେ ମତ ଦେଇଥାନ୍ତି। ସେଥିପାଇଁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ଯା'ଆସ ଲାଗି ରହିଥାଏ।



## କରସୋଗ ଘାଟିର ରହସ୍ୟ

ହିମାଚଳ ପ୍ରଦେଶର ମଣ୍ଡି ନଗରଠାରୁ ୧୨୫କିମି ଦୂରରେ ଦକ୍ଷିଣ ପୂର୍ବ ସମୁଦ୍ର ପତନରୁ ପାଖାପାଖି ୧୪୦୪ ମିଟର ଉଚ୍ଚରେ ରହିଛି ଏକ ସ୍ଥାନ। ପୀର ପାଲ ପର୍ବତ ଶ୍ରେଣୀରେ ରହିଥିବା ରହସ୍ୟ ଏବଂ ମନ୍ଦିରର ଘାଟି ହେଉଛି କରସୋଗ ଘାଟି। ଏହି ଘାଟି ନିଜର ପାରମ୍ପାରିକ ରୀତିନୀତି, ଲୋକ ସଂସ୍କୃତିକୁ ନେଇ ବେଶ ପରିଚିତ। ଶିମଲାଠାରୁ ଏହି ସ୍ଥାନର ଦୂରତା ୧୦୬ କିମି। କିନ୍ତୁ ଏହି ସ୍ଥାନରେ ଅନେକ କିଛି ରହସ୍ୟମୟ ଜିନିଷ ରହିଛି, ଯାହା ବିଷୟରେ ସମସ୍ତେ ଅଜଣା। କୁହାଯାଏ ପାଣ୍ଡବମାନେ ଅଜ୍ଞାତବାସ ସମୟରେ ଏଠାରେ ସମୟ ଅତିବାହିତ କରିଥିଲେ। ସେମାନେ ଏଠାରୁ ହିମାଳୟକୁ ପାର କରି ଉତର ଦିଗରେ ଥିବା ଗନ୍ଧମାର୍ଦ୍ଦନ ପର୍ବତକୁ ପହଞ୍ଚିଥିଲେ। ସେହି ସ୍ଥାନରେ ଭୀମଙ୍କ ସାକ୍ଷାତ ରାମଭକ୍ତ ହନୁମାନଙ୍କ ସହିତ ହୋଇଥିଲା। ସେହିପରି ଦ୍ୱାପର ଯୁଗରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେହି ସମୟରେ ମଧ କରସୋଗ ଘାଟିରେ ସମୟ ଅତିବାହିତ କରିଥିଲେ। ସେମାନେ ନିଜର ପୂଜାର୍ଚ୍ଚନା ଏହି ସ୍ଥାନରେ କରୁଥିଲେ। ଏହି ସ୍ଥାନରେ ପାଣ୍ଡବ କାଳରୁ ହିଁ ପୁରୁଣା ଏକ ମନ୍ଦିର ରହିଛି। ଯାହାକୁ ମମଲେଶ୍ୱର ମନ୍ଦିର କୁହାଯାଉଛି। ଏଠାରେ ଦୁଇଟି ଜିନିଷ ଏପରି ରହିଛି, ଯାହାକୁ ଦେଖିଲେ ଆପଣ ମଧ ଆଶ୍ଚର୍ଯ୍ୟ ହେବେ। ପ୍ରଥମତଃ ଘାସରୁ ନିର୍ମିତ ହୋଇଥିବା ଦେଢଫୁଟ ଢୋଲ ଯାହାର ଓଜନ ମାତ୍ର ୧୫୦ ଗ୍ରାମ। ଲୋକେ ଏହାକୁ ଗହମ ଦାନା ବୋଲି କୁହାଯାଏ। ସେହିପରି ମାହୁନାମ ମନ୍ଦିରରେ ଏପରି ଏକ ଢୋଲ ରହିଛି, ଯାହା ମଧ ଘଣସରେ ତିଆରି ହୋଇଛି। ଏଠାରେ ଥିବା ମାହୁନାଗକୁ ମହାଭାରତର କର୍ଣ୍ଣଙ୍କ ରୂପ ଭାବେ ପରିଚିତ। ଏଠାରେ ମନ୍ଦିର ପରିସରରେ ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଶିବଲିଙ୍ଗ ପୋତି ହୋଇ ରହିଛି। କିନ୍ତୁ ଏଥିରୁ କିଛି ବାହାର କରିଦିଆଯାଇଛି। ଏଠାରେ ପାଣ୍ଡବ କାଳର କିଛି ଦୁଲର୍ଭ ବସ୍ତୁ ମଧ ରହିଛି। କରସୋଗରୁ ଶିମଲା ଆଡକୁ ଯିବା ବାଟରେ 'ତତା ପାଣି' ନାମକ ଏକ ସୁନ୍ଦର ସ୍ଥଳ ରହିଛି। ଏହି ସ୍ଥାନରେ ଥିବା ସଲଫରଯୁକ୍ତ ଗରମ ଜଳ ପାଇଁ ପ୍ରସିଦ୍ଧ। ଏଠାରେ ଗରମ ଏବଂ ଥଣ୍ଡା ପାଣିର ମିଳନ ସ୍ଥଳ ରହିଛି। ଏହି ଘାଟିରେ ଦେବଦାର ନାମକ ଘନ ଜଙ୍ଗଲ ଘେରିଥିବା ତିନିଟି ପ୍ରମୁଖ ହ୍ରଦ ରହିଛି। ଯାହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। କମରୁନାଗ ହ୍ରଦ ନିକଟରେ ରହିଛି କମରୁନାଗ ଦେବତାଙ୍କ ପ୍ରାଚୀନ ମନ୍ଦିର। କିମ୍ବଦନ୍ତୀ ଅନୁସାରେ କମରୁନାଗ ରାଜା ରତ୍ନ ଯକ୍ଷ ଥିଲେ। ମହାଭାରତ ଯୁଦ୍ଧ ପରେ ପାଣ୍ଡବ ତାଙ୍କୁ ନିଜର ଆରାଧ ଦେବତା ମାନି ସେହି ସ୍ଥାନରେ ସ୍ଥାପନା କରିଥିଲେ। କମରୁନାଗଙ୍କ ବର୍ଷାର ଦେବତା ବୋଲି କୁହାଯାଏ। କମରୁନାଗ ହ୍ରଦ ସବୁଠାରୁ ପ୍ରାଚୀନ। ଏହି ହ୍ରଦ ତଳେ କୋଟି କୋଟି ଟଙ୍କାର ମୂଲ୍ୟବାନ ସମ୍ପତି ଲୁଚି ରହିଛି ବୋଲି ଅନୁମାନ ଲଗାଯାଉଛି। ଏହି ହ୍ରଦରେ ମୂଲ୍ୟବାନ ଜିନିଷ ପକାଇବାର ପରମ୍ପରା ରହିଛି।



## ବିନା ଲୁହାରେ ନିର୍ମାଣ ହେଉଛି ମନ୍ଦିର

ଉତ୍ତରଭାରତର ଅମ୍ବାଲା ସିଟିର ଗୀତା ନଗରୀରେ ଜୈନ ମୁନି ବିଜୟ ଇନ୍ଦ୍ରଦ୍ୟୁମ୍ନ ସୁରେଷ୍ଟରଙ୍କ ସ୍ମୃତିରେ ଭିନ୍ନ ଧରଣର ଏକ ଗୋଲାକାର ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରର ବିଶେଷତ୍ୱ ହେଲା ଏଥିରେ କେବଳ ମାର୍ବଲ ବ୍ୟବହାର କରାଯାଇଛି। ଆଦୌ ଲୁହାର ବ୍ୟବହାର କରାଯାଇନାହିଁ। ଏପରିକି ଲୁହା କଣ୍ଟାଟିଏ ମଧ ବ୍ୟବହାର କରାଯାଇନାହିଁ। ପୁରାତନ ଭାରତୀୟ ଶୈଳୀରେ ଏହା ନିର୍ମିତ ହୋଇଛି। ଏଠାରେ ୩୬ଟି ଗମ୍ବୁଜ ଆକାରର ମନ୍ଦିର ତିଆରି ହୋଇଛି। ନିର୍ମାଣ କାର୍ଯ୍ୟ ୨୦୧୧ ମସିହାର ଆରମ୍ଭ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଶେଷ ହୋଇନାହିଁ। ଏହାକୁ କୌଣସି ଆର୍କିଟେକଚର ନିର୍ମାଣ କରିନାହାନ୍ତି। ମୁନି ବିଜୟ ରତ୍ନାକର ସୁରେଷ୍ଟର ହିଁ ନିର୍ମାଣ କରିଛନ୍ତି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରକାଶ, ଅଢେଇ ଏକର ପରିମିତ ଜାଗାରେ ୫୦୦ବର୍ଗଜରେ ଏହି ଗୋଲାକାର ମନ୍ଦିରଟି ନିର୍ମାଣ କରାଯାଉଛି। ଏହାର କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ କେତେ ଟଙ୍କା ବ୍ୟୟ ହେବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ କାରଣ ସବୁ କିଛି ଚାନ୍ଦାରେ ଚାଲିଛି। ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ମନ୍ଦିରରେ ଧର୍ମଶାଳା, ଭୋଜନାଳୟ, ସାଧୁସନ୍ଥଙ୍କ ରହିବା ପାଇଁ ମଧ ଗୃହ ନିର୍ମାଣ କରାଯାଉଛି।



## ବିଶ୍ୱର ସର୍ବବୃହତ ପକ୍ଷୀ ମୂର୍ତ୍ତି ଥିବା ସ୍ଥାନ

ଦୁନିଆରେ ଥିବା ଆଶ୍ଚର୍ଯ୍ୟଜନକ ଜନିଷ ଦେଖିବାକୁ କାହାକୁ ବା ଭଲ ନ ଲାଗେ। ଯଦି ଆପଣଙ୍କର ଏପରି ଇଚ୍ଛା ଅଛି ତେବେ ତେବେ ଏହି ସ୍ଥାନଟି ଆପଣଙ୍କ ପାଇଁ ଉପଯୁକ୍ତ। କାରଣ ଏଠାରେ ବିଶ୍ୱର ସର୍ବବୃହତ ପକ୍ଷୀ ମୂର୍ତ୍ତି ରହିଛି। ଯାହାକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ଲୋକମାନେ ଆସନ୍ତି। ତେବେ ଆସନ୍ତୁ ଜାଣିବା ଏହି ସ୍ଥାନଟି କେଉଁଠି ରହିଛି। ଜଟାୟୁ ଅର୍ଥ ସେଣ୍ଟର କେରଳ କେରଳର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଅନେକ ଦୃଶ୍ୟ ରହିଛି। ଏପରି ପରିସ୍ଥିତିରେ ଯଦି ଆପଣ କେରଳ ବୁଲିବାକୁ ଯାଉଛନ୍ତି ତେବେ ଆପଣ ଏହି ସ୍ଥାନଟି ଦ ଦେଖି ଫେରିବା ଉଚିତ ହେବ ନାହିଁ। କେରଳର କୋଲାମ ଜିଲ୍ଲା ଠାରୁ ୩୮ କିଲୋମିଟର ଦୂରରେ ଏହି ଜଟାୟୁ ପକ୍ଷୀର ଏକ ବଡ଼ ସ୍ମାରକୀ ରହିଛି। ଯାହା କି ଦେଖିବାକୁ ବେଶ ଆର୍କଷଣୀୟ। ୧୫ ହଜାର ବର୍ଗଫୁଟରୁ ଅଧିକ ଜିମରେ ଏହି ପ୍ରତିମୂର୍ତ୍ତୀ ତିଆରି କରାଯାଇଛି। ଯାହାର ଉଚ୍ଚତା ସମୁଦ୍ରଠାରୁ ୩୫୦ ମିଟର ଅଟେ। ପକ୍ଷୀଙ୍କ ରାଜା ବୋଲାଉଥିବା ଏହି ଜର୍ଟାୟୁ ପକ୍ଷୀର ପ୍ରତିମୂର୍ତ୍ତି ମୋଟ ଲମ୍ବ ୨୦୦ ଫୁଟ ଏବଂ ମୋଟେଇ ୭୦ ଫୁଟ। ଏକ ପାହାଡ଼ ଉପରେ ନିର୍ମିତ ଏହି କଳାର କଳ୍ପନା କେରଳ ଚଳଚ୍ଚିତ୍ରର ନିର୍ମାତା ରାଜୀବ ଅଙ୍କଲଙ୍କର ଥିଲା। ପାହାଡ଼ ଉପରେ ଥିବା ଏହି ପ୍ରତିମା ତଳେ ଏକ ସଂଗ୍ରହାଳୟ ନିର୍ମାଣ କରାଯାଇଛି। ଯେଉଁଥିରେ ଜଟାୟୁ ପକ୍ଷୀର ଜୀବନ ସହିତ ଜଡ଼ିତ ସମସ୍ତ ଜିନିଷ ବିଷୟରେ ସୂଚନା ପାଇ ପାରିବେ। ଜଟାୟୁ ରାମାୟଣରେ ବର୍ଣ୍ଣିତ ଏକ ପକ୍ଷୀ। ରାମାୟଣରେ କୁହାଯାଇଛି ଯେ ଯେତେବେଳେ ରାବଣ ସୀତାଙ୍କୁ ଅପହରଣ କରି ଆକାଶ ମାର୍ଗରୁ ଯାଉଥିବା ସମୟରେ ସୀତାଙ୍କର ଡ଼ାକ ଶୁଣି ପକ୍ଷୀଙ୍କର ରାଜା ଜଟାୟୁ ସୀତା ମାଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲା। ହେଲେ ଚେଷ୍ଟା କରିବା ସମୟରେ ରାବଣ ହାତରେ ମୃତ୍ୟୁ ବରଣ କରିଥିଲା। ସ୍ଥାନୀୟ ଲୋକମାନେ ବିଶ୍ୱାସ କରନ୍ତି ଯେ ଜଟାୟୁଙ୍କ ମୃତଦେହ ଏହି ସ୍ଥାନରେ ପଡ଼ିଥିଲା। ଯାହାର ସ୍ମୃତିରେ ଆଜି ଏହି ଚମତ୍କାର ମୂର୍ତ୍ତି ତିଆରି କରାଯାଇଛି।



● ଏସ୍.ଟି ଏସ୍.ସି ନିର୍ଯ୍ୟାତନା ଆଇନ

# ସଂଶୋଧନ ଆଦେଶ ପ୍ରତ୍ୟାହାର ଦାବିରେ ଅଲ୍ ଓଡ଼ିଶା ଏସ୍‌ସି ଫେଡରେସନର ଦାବିପତ୍ର



**ଲାଞ୍ଜିଗଡ଼,୧୧।୯(ସଂଚାର ବ୍ୟୁରୋ):** ଏସ୍.ଟି ଏସ୍.ସି ମାନଙ୍କୁ ସମାଜିକ ସୁରକ୍ଷା ଦେବା ନିମନ୍ତେ ୧୯୮୯ ମସିହାରେ ପାର୍ଲିଆମେଣ୍ଟ ଦ୍ୱାରା ଏକ ଆଇନ ପାସ କରାଯାଇଥିଲା ଏବଂ କୌଣସି ଏସ୍.ଟି ଏସ୍.ସିଙ୍କୁ ଜାତିଆଣ ଅତ୍ୟାଚାର ହେଲେ ଡିଏସପି ରେଙ୍କର ଅଫିସର ତଦନ୍ତ କରିବା ବ୍ୟବସ୍ଥା କରାଯାଇଥିଲା।ଏତେ କଡ଼ା ଆଇନ ଥିବା ସତ୍ତ୍ୱେ ଆଜି ମଧ୍ୟ ସାରା ରାଜ୍ୟରେ ଏସ୍.ଟି ଏସ୍.ସି ମାନଙ୍କ ଉପରେ ଜାତିଆଣ ଅତ୍ୟାଚାର ବଢ଼ୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରର ଗୃହ ବିଭାଗ ଗତ ତା.୩୦, ୦୮, ୨୦୨୫ ଦିନ ଏଟ୍ରୋସିଟି ଆଇନକୁ ସଂଶୋଧନ କରି ଜାତିଆଣ ଅତ୍ୟାଚାର କେସକୁ ଡିଏସପି ତଦନ୍ତ କରିବା ବଦଳରେ ଆଇଆଇସି, ଏସଆଇ ମାନଙ୍କୁ ତଦନ୍ତ କରିବା ଦାୟିତ୍ୱ ଦେବାର ନିଷ୍ପତ୍ତି ନିଆ ଯାଇଛି।ଏସ୍.ଟି, ଏସ୍.ସି ନିର୍ଯ୍ୟାତନା କେଶରେ ଡିଏସପି ରେଙ୍କର ଅଫିସର ହୋଇ ଉପଯୁକ୍ତ ତଦନ୍ତ କରିପାରି ନ'ଥିବା ବେଳେ ଆଇଆଇସି, ଏସ୍‌ଆଇ ହାତରେ ଏଟ୍ରୋସିଟି କେସ ଦେବା ଏଟ୍ରୋସିଟି ଆଇନକୁ କମ୍ ଜୋର୍ କରୁଥିବା ଜଣା ଯାଉଛି। ରାଜ୍ୟ ସରକାରର ଏହି ନିଷ୍ପତ୍ତିକୁ ବିରୋଧ କରି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଗୁରୁବାର ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ନେତୃତ୍ୱରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ଦିଆଯାଇଛି।

ଜିଲ୍ଲାରେ ୟୁରିଆ ସାର ପାଇଁ ଚାଷୀ ହନ୍ତସନ୍ତ

# ବିକ୍ରିରେ ରହୁନି ନୀତିନିୟମ: ଅଣଚାଷୀ ହାତଉଛନ୍ତି ସାର



**କଳାହାଣ୍ଡି,୧୧।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଚାଷୀମାନେ ଆବଶ୍ୟକ ଅନୁଯାୟୀ ୟୁରିଆ ସାର ପାଇପାରୁ ନାହାନ୍ତି। ଏହି ସମସ୍ୟା ଏବେ ଜିଲା ପ୍ରଶାସନ ଓ କୃଷିବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସାର ବସ୍ତାଏ ପାଇଁ ଭୋର ସମୟରୁ ସୋସାଇଟି ସମ୍ମୁଖରେ ଲମ୍ବା ଧାଡି ଦେଖିବାକୁ ମିଳୁଛି। କେଉଁଠି ସାର ପାଇଁ ଚାଷୀ ରାସ୍ତା ଅବରୋଧ କରୁଛି ତ ଅନ୍ୟକେଉଁ ବ୍ଲକରେ ପୋଲିସ ଉପସ୍ଥିତିରେ ସାର ଯୋଗାଇବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଜିଲାରେ ପର୍ଯ୍ୟାପ୍ତ ସାର ମହଜୁଦ ରହିଥିବା କଥା କୃଷି ବିଭାଗ ଜଣାଇବା ସତ୍ତ୍ୱେ ସାର ପାଇଁ ଅଭାବନୀୟ ସ୍ଥିତି ଦେଖିବାକୁ ମିଳୁଛି। କୃତ୍ରିମ ଅଭାବ ପରିସ୍ଥିତି କିଏ ସୃଷ୍ଟି କରୁଛି ତାହା ଅନୁଧ୍ୟାନର ବିଷୟ । ଜିଲାରେ ବର୍ତ୍ତମାନ ସୁଦ୍ଧା ପ୍ୟାକ୍ସଗୁଡିକର ଆବଶ୍ୟକତା ମୁତାବକ ସାର କୃଷି ବିଭାଗ ଯୋଗାଇସାରିଛି। ଜିଲାରେ ମୋଟ ୭୭ ପ୍ୟାକ୍ସ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୭ ଓ ଦ୍ୱିତୀୟ କିସ୍ତିରେ ୫୦ ପ୍ୟାକ୍ସରେ ୟୁରିୟା ସାର ପହଞ୍ଚିଛି। ଏଯାବତ ୩୯୪୯୮.୫୮୫ ମେଟ୍ରିକ ଟନ ସାର ସମସ୍ତ ପ୍ୟାକ୍ସକୁ ଦିଆଯିବା ପରେ ୨୫୧୧.୯୭ ମେଟ୍ରିକ ଟନ ବଳକା ରହିଛି। ସାରର ସୁବଣ୍ଟନ ବ୍ୟବସ୍ଥା ପ୍ୟାକ୍ସ ଦ୍ୱାରା ସମ୍ଭବ ହେଉନାହିଁ। ସାର ମହଜୁଦ ଥିବା ସତ୍ତ୍ୱେ ଆହୁରି ଅଧିକ ସାର କୃଷି ବିଭାଗ ଯୋଗାଇବାକୁ କେତେକ ପ୍ୟାକ୍ସ ଜିଦରେ ଅଟଳ ଅଛନ୍ତି। ଏହାର କାରଣ ଅଣ ଚାଷୀ ୟୁରିୟା ସାର ଆଧାର କାର୍ଡ ଜରିଆରେ ସୋସାଇଟିରୁ ନେଇ ଚଢ଼ା ଦରରେ ବିକ୍ରି କରୁଥିବା କୁହାଯାଉଛି। ବହୁ ପରିମାଣର ସାର ଜିଲା ବାହାରକୁ ମଧ୍ୟ ଚାଲାଣ କରାଯାଉଛି। ପୂର୍ବରୁ ସମବାୟ ବିଭାଗ ଚିଠି ଅନୁସାରେ ପ୍ୟାକ୍ସଗୁଡିକୁ ସାର ଯୋଗାଇବା ଲାଗି କୃଷି ବିଭାଗ ନିଷ୍ପତ୍ତି ନେଇ ସାର ଯୋଗାଇବା ପରେ ପୁନର୍ବାର ସୋସାଇଟିଗୁଡିକ ଅଧିକ ସାର ଦାବି କରିବା ଦୁର୍ଭାଗ୍ୟଜନକ। ପାଖରେ ଥିବା ସାର ଚାଷୀଙ୍କୁ ଠିକ ଢଙ୍ଗରେ ନ ବାଣ୍ଟି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରାଯାଉଥିବା କଥା ଖୋଦ ମୁଖ୍ୟ ଜିଲା କୃଷି ଅଧିକାରୀ ଶୁଭେନ୍ଦୁ କର ପ୍ରକାଶ କରିଛନ୍ତି। ଉପନିବନ୍ଧକ ସମବାୟ ସମିତି କଳାହାଣ୍ଡି ଓ ସହ ନିବନ୍ଧକ ସମବାୟ ସମିତି ଭବାନୀପାଟଣା ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ସାର ବିକ୍ରିର ନୀତି ପ୍ରଣୟନ କରିବା ପରିବର୍ତ୍ତେ ଆଧାର କାର୍ଡକୁ ଦେଖି ସାର ଦେବା ବ୍ୟବସ୍ଥା ବାଟମାରଣାର ବାଟ ଖୋଲିଦେଇଥିବା କେତେକ ଚାଷୀ କହିଛନ୍ତି। ଚାଷୀର ଅସଲ ପରିଚୟ ଜାଣିବାର ସବୁ ବ୍ୟବସ୍ଥା ଥାଇ ତାହା କାର୍ଯ୍ୟକାରୀ କରା ନ ଗଲେ ଜିଲାରେ ୟୁରିଆ ସାରକୁ ନେଇ ଉପୁଜୁଥିବା ସମସ୍ୟା ସାଂଘାତିକ ରୂପ ନେଇପାରେ। କୃଷି ବିଭାଗ ରିପୋର୍ଟ ଅନୁଯାୟୀ ଜିଲାରେ ଧାନ ଚାଷ ପାଇଁ ୧୮,୪୮୧୦ ହେକ୍ଟର ଜମି ଟାର୍ଗେଟ କରାଯାଇଛି। ସେହିପରି ଜିଲାରେ ୨,୪୧, ୧୯୭ ଜଣ ଚାଷୀ ରହିଛନ୍ତି । ଚାଷୀ ଜମିର ପରିମାଣ ଅନୁସାରେ ସାର ଦିଆଯାଇଥିଲେ ସମସ୍ୟା ଦେଖାଯାଇ ନ ଥାନ୍ତା ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।

# ପୋଷ୍ଟମାଷ୍ଟରକୁ ମାଡ଼ ଅଭିଯୋଗ, ଅଭିଯୁକ୍ତ ଗିରଫ



**କଣାସ,୧୧।୯(ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦା ଥାନା ଗଡ଼ବଡପଦା ଗ୍ରାମର ଯୁବକ ବାବୁଲା ବଳିୟାରସିଂହ ବକୁ ପୋଷ୍ଟ ମାଷ୍ଟରଙ୍କୁ ଗାଳିକରିବା, ମାଡମାରିବା ଓ ପୋଷ୍ଟ ଅଫିସ୍ ବନ୍ଦ କରିବା ଅଭିଯୋଗ କରିବାପରେ ଗଡ଼ିଶାଗୋଦା ଥାନା ପୋଲିସ୍ ଆଜି ବାବୁଲା ବଳିୟାରସିଂହଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି। ବକୁ ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟର ଚିନ୍ମୟ କୁମାର ମାଝୀଙ୍କ ଅଭିଯୋଗରୁ ପ୍ରକାଶ ବକୁ ପୋଷ୍ଟ ଅଫିସ୍‌ରେ ଷ୍ଟେଟ୍‌ବ୍ୟାଙ୍କରେ ଥିବା କେଓ୍ୱାସି କରିବାକୁ ନେଇ ଗାଳି କରିବା, ମାଡମାରିବା ଓ ପୋଷ୍ଟ ଅଫିସ୍ ବନ୍ଦ କରିବା ପୋଷ୍ଟମାଷ୍ଟର ଶ୍ରୀମାଝୀ ଗତ ୪ତାରିଖ ଦିନ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିବାପରେ ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର କୁମାର ଦାସ ଗଡ଼ିଶାଗୋଦା ଥାନା କେସ୍ ନଂ-୧୫୧/୨୦୨୫ରେ ମକଦମା କରି ଦଫା ୟୁଏସ୍୧୨୬(୨), ୧୧୫(୨), ୩୫୧(୨), ୨୯୬/୧୩୨/୩୨୪(୪)/୩(୫) ବି.ଏନ୍ .ଏସ୍ ଭାରତୀୟ ନ୍ୟାୟ ସଂହିତା ରୁଜ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ଶ୍ରୀବଳିୟାରସିଂହ ଜାମିନି ଖାରଜ ହେବାରେ ଗଡ଼ିଶାଗୋଦା ଥାନା ପୋଲିସ୍ ଆଜି ଅଭିଯୁକ୍ତ ବାବୁଲା ବଳିୟାରସିଂହ କୋର୍ଟ ଚାଲଣ କରିଛନ୍ତି।

# ନୂତନ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍)ରେ ଏମ୍.ବିଏ(ଏଚଏମ୍) ଓ ବିଏଚ୍‌ଏମ୍ (ସିଟି)ର ନୂତନ ବର୍ଷ ୨୦୨୫-୨୦୨୭ ଓ୨୦୨୫-୨୦୨୮ବ୍ୟାଚ୍ ର ନୂତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗୁରୁବାର ଏକ ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଚଳିତ ବର୍ଷ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗସ୍‌ର ସୋଆ ବିଶ୍ୱବିଦ୍ୟାଳୟ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ସ୍ଥାନ ହାସଲ କରିଛି। ଏଭଳି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରିବାକୁ ଚୟନ କରିଥିବାରୁ ପିତାମାତାଙ୍କ ସମେତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ସକାରାତ୍ମକ ମନୋଭାବ, କଠିନ ପରିଶ୍ରମ ଓ ନିଜ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଉଦ୍ୟମ ଜରୁରୀ କିନ୍ତୁ ପ୍ରତିଦିନ ଅଧ୍ୟୟନ କରିବା ଆବଶ୍ୟକ। ପ୍ରତ୍ୟେକ ଦିନ କିଛି କିଛି ନୂଆ ଶିକ୍ଷା ଲାଭ କରିବା ଉଦ୍ଦେଶ୍ୟ ନେଇ ଆଗକୁ ବଢ଼ିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ସେହିପରି ପିପୁଲ୍ ହୋଟେଲସ୍ ଆଣ୍ଡ ରିସର୍ଟ୍ସ ର ଚିଫ୍ ଏଗ୍‌ଜୁକେଟିଭ୍ ଅଫିସର୍ ଶ୍ରୀ ସୁବ୍ରତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବୃତିଗତ ଶିକ୍ଷାରେ ଧୈର୍ଯ୍ୟ, ସକାରାତ୍ମକ ଚିନ୍ତାଧାରା, ଉଚ୍ଚମନୋଭାବ ଓ କଠିନ ପରିଶ୍ରମ ହିଁ ନିଜ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ସେହିପରି ଭୁବନେଶ୍ୱର ସ୍ଥିତ ଲାଇଫ୍ ହୋଟେଲ୍‌ର ଏଚ୍‌ଆର୍ ମ୍ୟାନେଜର ଶ୍ରୀ ଜଚିନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କାହାଣୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ଆମ ପୁଲିସ ସମିତି ତରଫରୁ ପାର୍ବଣ ପାଇଁ ଶାନ୍ତି କମିଟି ବୈଠକ




**ବୈଶିଙ୍ଗା,୧୧।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ପୋଲିସ ପକ୍ଷରୁ ଗୁରୁବାର ସଂଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପାର୍ବଣ ଋତୁ ବିଶେଷକରି ଦୂର୍ଗାପୂଜା ଓ ରାବଣପୋଡ଼ି ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବିଭିନ୍ନ ଗ୍ରାମରୁ ଆସିଥିବା ଶାନ୍ତି କମିଟି ସଦସ୍ୟମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଥାନା ଅଞ୍ଚଳରେ ମୋଟ୍ ୨୦ ଟି ସ୍ଥାନରେ ଦୂର୍ଗାପୂଜା ଓ ୨ଟି ସ୍ଥାନ ଖୁଣ୍ଟାପୁର ଓ ମେରଦା ଠାରେ ରାବଣପୋଡ଼ି ଉତ୍ସବ ଧୁମଧାମରେ ପାଳନ କରାଯାଏ। କମିଟିର ସଦସ୍ୟମାନଙ୍କୁ ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ମାଇକ୍ ବ୍ୟବହାର ପାଇଁ ଅନୁମତି ପତ୍ର ଆଣି ଥାନାରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାସହିତ ଭଷାଣୀ ଉତ୍ସବ ସମ୍ପର୍କରେ ମଧ୍ୟ ପୋଲିସ ନିକଟରେ ଆଗୁଆ ସୂଚନା ଦେବାପାଇଁ ପରାମର୍ଶ ଦିଆଯାଇଥିଲା। ଏହାବାଦ୍ ପୂଜା ଶେଷ ହେବା ପରେ ସାତ ଦିନ ମଧ୍ୟରେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ, ପାଣି ପାଉଚ୍, ପଲିଥିନ ଆଦି ଅଳିଆ ଆବର୍ଜ୍ଜନା ପରିଷ୍କାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଥିଲେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ।

# ପିସି-ପିଏନଡିଟି ଆକ୍ଟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ



**ବାରିପଦା,୧୧।୯ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟ ଙ୍କ ଅଧ୍ୟକ୍ଷତା ରେ ପିସିପିଏନଡ଼ିଟି ଆକ୍ଟର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଲିଙ୍ଗ ନିରୂପଣକୁ କିଭଳି କଡାକଡି ଭାବରେ ରୋକାଯାଇପାରିବ ସେଥିପାଇଁ ଗୁରୁତର ସହ ଧ୍ୟାନ ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଉକ୍ତ ବୈଠକରେ କାର୍ଯ୍ୟକ୍ଷମ ଥିବା ପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସମୀକ୍ଷା କରାଯାଇଥିଲା ଓ ବୈଠକରେ ନୂତନ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଓ ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା ଓ ନୂତନ ଅଲଟ୍ରା ସାଉଣ୍ଡ କ୍ଲିନିକ ପାଇଁ ଆବେଦନ କରିଥିବା ଦରଖାସ୍ତ ଏବଂ ନବୀକରଣ ପାଇଁ ଆବେଦନ କରିଥିବା ଦରଖାସ୍ତ ଗୁଡିକ ପ୍ରମାଣ ପତ୍ର ପାଇଁ କମିଟିରେ ଉପସ୍ଥାପନ କରାଯାଇଥିଲା। ଲିଙ୍ଗ ନିରୂପଣ କୁ ରୋକିବା ଦିଗରେ କ୍ଲିନିକ ଗୁଡିକରେ ଅଚାନକ ତନଖି କାର୍ଯ୍ୟ ନିୟମିତ ଭାବରେ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ଜନସାଧାରଣ କିପରି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ, ପରିବାର କଲ୍ୟାଣ ଅଧିକାରୀ ଡା. ସୁନନ୍ଦା ମିଶ୍ର, ଡା. ସୁଯୋଗ ନାୟକ, ଡା. ହରିଶ୍ଚନ୍ଦ୍ର ସାହୁ, ଡିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଲିଗାଲ ମ୍ୟାନେଜର ପ୍ରବୋଧ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀର୍ଘ ଦିନ ପରେ ୨ ମୋଷ୍ଟୱାଣ୍ଟେଡ୍ ଗିରଫ



**କଣାସ,୧୧।୯(ସଂଚାର ବ୍ୟୁରୋ):** ପୁରୀ ଏସ.ପିଙ୍କ ନିର୍ଦ୍ଦେଶ୍ୟ କ୍ରମେ କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ ନାୟକ ବିଭିନ୍ନ ସ୍ଥାନରେ ଚଢାଉ କରି ୩୨ବର୍ଷ ତଳେ ଅପରାଧ ଘଟାଇ ଫେରା ହୋଇଯାଇଥିବା ନନ୍ଦିଗୋଦା ଗ୍ରାମର ରଜନିକାନ୍ତ ସ୍ୱାଇଁଙ୍କୁ କଣାସ ପୋଲିସ୍ ୱାରେଣ୍ଟ୍ ବଳରେ ଗିରଫ କରିଛି। ସେ ହତ୍ୟା ଉଦ୍ୟମ ଭଳି ସଂଗ୍ନି ଅପରାଧାରେ ସମ୍ପୃକ୍ତ ଥାଇ ଗତ ୧୯୯୩ ମସିହାରୁ ପୋଲିସ୍‌କୁ ଚକମା ଦେଖାଇ ଫେରା ହୋଇଥିଲେ। ମାନ୍ୟବର ପୁରୀ ସେସନ୍ସ କୋର୍ଟଙ୍କ ଗିରଫ ପରୱାନା ନଂ-ଜି.ଆର୪୭୭/୯୩ ବଳରେ ତାଙ୍କୁ ପୋଲିସ୍ ଗିରଫ କରିଛି। ସେହିପରି କଣାସ ଥାନା ଗାଣ୍ଡପଡ଼ା ଗ୍ରାମର ରୋହିତ ପ୍ରଧାନଙ୍କୁ ଗିରଫ ପରୱାନା ନଂ-ଜି.ଆର୫୪୦/୨୦୧୯ ବଳରେ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ଆଇ.ଆଇ.ସି ଶ୍ରୀନାୟକଙ୍କ ଠାରୁ ପ୍ରକାଶ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର



**ବାଲିଆପାଳ, ୧୧।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ୨୦୨୫-୨୬ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ -୨୦୧୩ ଓ ମାହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ସାମାଜିକ ସମୀକ୍ଷାର ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାସନ୍ ବିଭାଗରେ ୨୩୭ ଜଣ ମୃତ ବ୍ୟକ୍ତିଙ୍କ ନାମରେ ମାସକୁ ୩୮୪୬୧ କେଜି ଚାଉଳ ଚାଉଳ ଉଠାଯାଉଛି ବୋଲି ଅଭିଯୋଗ ଆସିଥିଲା।ଅନ୍ୟ ପାଞ୍ଚଟି ଅଭିଯୋଗ ମାହାତ୍ମାଗାନ୍ଧି କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଶିବିରରେ ଉପଜିଲ୍ଲାପାଳ ସିଭ ମାଳଭିୟ, ବିଡିଓ ରାଧା ରଞ୍ଜନ ଦାଶ, ଏମବିଡ଼ି ଶରତ କୁମାର ମୁଦୁଲି, ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଅ, ଇ, ଇ ଅମିତ କୁମାର ମୁର୍ମୁ, ଏପିଓ ସୌମ୍ୟକାନ୍ତ ଦାସ, ଜିପିଡିଓ ପ୍ରୀୟବ୍ରତ ଗିରି, ଫରେଷ୍ଟର ମନୋଜ ଧଡା, ବାଲେଶ୍ୱର ସାମାଜିକ ସମୀକ୍ଷକ ସତ୍ୟ ରଞ୍ଜନ ବେହେରା, ବ୍ଲକ ସମୀକ୍ଷକ ସଞ୍ଜିପ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗୁଡିକ ଥିଲେ। ଏହି ଅବସରରେ ସ୍ୱଚ୍ଛତା ହିଁ ସେବାରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।ସମସ୍ତ ସରପଞ୍ଚ, ସଦସ୍ୟ, ପିଇଓ, ଏଡିଓ ମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ବିକାଶ ମଞ୍ଚର ପ୍ରତିଷ୍ଠା ଉତ୍ସବ

**ବୈଶିଙ୍ଗା, ୧୧।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ରୟାଲ ବଗିଚା କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକ ବିକାଶ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଭଳି ଦେଶପାଇଁ ୨୪ ଘଣ୍ଟା କାମ କରି ସୁନାମ ଅର୍ଜନ କରିଛନ୍ତି ତାହାର ଉଦାହରଣ ଦେଇଥିଲେ। ସେହିଭଳି ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ଯୋଗଦାନ କରି ଦେଶ, ଦଶ ଓ ସମାଜ ପାଇଁ ବରିଷ୍ଠ ନାଗରିକ ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ସେମାନଙ୍କର ସମ୍ମିଳିତ ଜ୍ଞାନ ଦେଶକୁ ଏକ ପ୍ରଗତି ପଥରେ ଆଗେଇ ନେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଯୋଗଦାନ କରି ବରିଷ୍ଠ ନାଗରିକ ମାନେ ସମାଜର ଅମୂଲ୍ୟ ସମ୍ପଦ ତଥା ସେମାନେ ସମ୍ମାନ ର ଯୋଗ୍ୟ ବୋଲି କହିଥିଲେ। ସେମାନଙ୍କ ପ୍ରତି ପୋଲିସ ପ୍ରଶାସନ ଉଚିତ ନ୍ୟାୟ ପ୍ରଦାନ କରିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବିକାଶ ମଞ୍ଚ, ବୈଶିଙ୍ଗା ର ସଭାପତି ସୀତାନାଥ ବେହେରା ଉତ୍ସବ ରେ ସଭାପତିତ୍ୱ କରି ବରିଷ୍ଠ ନାଗରିକ ମାନଙ୍କର ସମାଜରେ ଭୂମିକା ବାବଦରେ କହିଥିଲେ।

# କର୍କଟ ପୀଡ଼ିତଙ୍କ ଅନ୍ତ୍ୟେଷ୍ଟିରେ ସାହା ହେଲେ ଶ୍ମଶାନ ବନ୍ଧୁ



**ସୁନ୍ଦରଗଡ଼, ୧୧।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ୧୩ ନମ୍ବର ୱାର୍ଡ କେନ୍ଦୁପଡା ନିବାସୀ ସନ୍ଧ୍ୟାରାଣୀ ସ୍ୱାଇଁଙ୍କର ବଡପୁଅ ରାଜେଶ ସ୍ୱାଇଁ ଦୀର୍ଘ ଦିନରୁ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସାନପୁଅର ୨୦୨୩ ମସିହାରେ ଏକ ସଡକ ଦୁର୍ଘଟଣାରେ ପରଲୋକ ଘଟିଥିବା ବେଳେ ମଝିଆଁ ପୁଅ ଭୁବନେଶ୍ୱରରେ କାମ କରୁଛି। ମାଁ ପୁଅ ଏଠାରେ ଅସହାୟ ଅବସ୍ଥା ରେ ରହି ଆସୁଥିବା ବେଳେ କର୍କଟ ରୋଗର ଚିକିତ୍ସା ସକାଶେ ଧାର ଉର୍ଦ୍ଧାର କରି ସର୍ବସ୍ୱାନ୍ତ ହୋଇ ସାରିଥିବା ବେଳେ କିଛିଦିନ ଆଗରୁ ତାଙ୍କର ଚିକିତ୍ସା ନିମନ୍ତେ ସହରର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ରେ ଭୁବନେଶ୍ୱର ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସାଳୟଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ନ ଥିଲା। ବୁଧବାର ସ୍ୱାସ୍ଥ୍ୟ ଅବସ୍ଥା ଉଦବେଗଜନକ ହେବାରୁ ସୁନ୍ଦରଗଡ଼ ଏନଟିପିସି ମେଡିକାଲ କଲେଜରେ ଏଡମିଟ କରାଯାଇ ଥିଲା। ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ତାଙ୍କର ପରଲୋକ ଘଟିଥିଲା। ଅସହାୟ ମାଁ ଙ୍କ ପକ୍ଷେ ଏକୁଟିଆ ଶବସଂସ୍କାର କରିବା ସମ୍ଭବପର ନ ଥିବାରୁ କେନ୍ଦୁପଡାର ଉଦ୍ୟମୀ ଯୁବକ ଦିପକ ଉର୍ମା ଓ ସୁରଜ ସରାଫଙ୍କୁ ଜଣାଇ ଥିଲେ। ପଡାର ଯୁବକ ମାନେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ ରାଜେଶଙ୍କ ସାନ ଭାଇର ଶବ ସଂସ୍କାର ମଧ୍ୟ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କର ସହଯୋଗରେ ସମ୍ପନ୍ନ ହୋଇ ଥିଲା।

# ପାଇପ୍ ଜଳ ଯୋଗାଣ ପାଇଁ ମୁଖ୍ୟ ରାସ୍ତା, ଗ୍ରାମ୍ୟ ରାସ୍ତା ଖନନ, ଯାତାୟରେ ସମସ୍ୟା



**କଣାସ, ୧୧।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତ ଓ ସତ୍ୟବାଦୀ ବ୍ଲକର ୪ଟି ଗ୍ରାମପଞ୍ଚାୟତ ଏବଂ ବ୍ରହ୍ମଗିରି ବ୍ଲକର ୪ଟି ଗ୍ରାମପଞ୍ଚାୟତକୁ ପାଇପ ଯୋଗେ ଜଳ ଯୋଗାଇବା ପାଇଁ କଣାସ ବ୍ଲକର ଚୁପୁରିଙ୍ଗି ନିକଟରେ ଏକ ମେଘା ପ୍ରକଳ୍ପ କରାଯାଉଛି। ପ୍ରତି ଗ୍ରାମକୁ ପାଇପ୍ ମାଧ୍ୟମରେ ଜଳ ଯୋଗାଇବା ପାଇଁ ମୁଖ୍ୟ ରାସ୍ତା, ଗ୍ରାମ୍ୟରାସ୍ତା, କଂକ୍ରିଟ୍ ଓ ପିଚୁ ରାସ୍ତାକୁ ଖୋଳା ଯାଇ ପାଇପ୍ ପକାଇବା ପରେ ସେଗୁଡିକୁ ବନ୍ଦ କରାଯାଉନଥିବାରୁ ସେହି ରାସ୍ତା ଖାଲଖମାରେ ଭରି ରହିଥିବା ହେତୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ତୁରନ୍ତ ଖୋଳାଯାଇଥିବା ରାସ୍ତାକୁ ମରାମତି କରିବାପାଇଁ ସାଧାରଣରେ ଦାବିହେଉଛି।

ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳର ଲୋକେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ

# ଟ୍ରେଣ୍ଡିଂରେ ଚାଲିଛି ଭାଇକୁ ଗାମୁଛାଦିଆ

**ଗାମୁଛା ଦେଇ ଗାଁକୁ ଫେରୁଥିବା ବେଳେ ବାଇକରୁ ଖସି ଜଣେ ମହିଳାଙ୍କ ମୃତ**



**ଲାଞ୍ଜିଗଡ଼, ୧୧।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଦ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସଚେତନତା ଅଭାବ ଯୋଗୁଁ ଆଦିବାସୀଙ୍କ ସରଳତା ଦେଖି ଅନେକ ବ୍ୟବସାୟୀ ନିଜ ବ୍ୟବସାୟ ବଢ଼େଇବା ପାଇଁ ଲୋକଙ୍କ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ କରୁଥିବା କୁହାଯାଉଛି।ନିଜ ବ୍ୟବସାୟ ଅଚଳାବସ୍ଥା ଦେଖି ସରଳ ନିରୀହ ଆଦିବାସୀଙ୍କୁ ମହୋରା ସଜେଇ କହୁଛନ୍ତି ନିଜ ଭାଇଙ୍କୁ ଗାମୁଛା ଦିଅ ନଚେତ ଗାମୁଛା ନ'ଦେଲେ ବିପଦ ପଡ଼ିବ ବୋଲି ଅପପ୍ରଚାର କରୁଥିବା ବେଳେ ଲୋକେ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ ଅନ୍ଧ ବିଶ୍ୱାସକୁ ସହଜରେ ଗ୍ରହଣ କରୁଛନ୍ତି। କଥାଟା ସେତିକି ନୁହେଁ ନିଜ ଭାଇ ସମେତ ଗାଁରେ ଯେତେବି ସମ୍ପର୍କୀୟ ଭାଇ ଅଛନ୍ତି ସେମାନଙ୍କ ପାଇଁ ମଧ୍ୟ ଗାମୁଛା ଦେବାକୁ ପଡୁଛି।ଏହା ସହ ଭାଇ ଘରକୁ ଭଉଣୀ ଆସିଲେ ଭଉଣୀଙ୍କୁ ଖଣ୍ଡେ ଶାଢ଼ୀ ଦେବା ସହ ତାଙ୍କୁ ସନ୍ମାନତାର ସହିତ ଅତିଥି ସତ୍କାର କରିବାକୁ ପଡୁଥିବାବେଳେ ଭାଇକୁ ମଧ୍ୟ ଅନେକ ଖର୍ଚ୍ଚ କରିବାକୁ ପଡୁଛି।ଏପରି ଭାବେ ଏହି ଅନ୍ଧବିଶ୍ୱାସରେ ବସବର୍ତ୍ତୀ ହୋଇ ଉପାନ୍ତ ଅଞ୍ଚଳର ଅନେକ ଆଦିବାସୀ ଲୋକେ ବିଭିନ୍ନ ଖର୍ଚାନ୍ତରେ ପଡୁଥିବା ବେଳେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଅନେକ ଲୋକ ଖର୍ଚ୍ଚାନ୍ତରେ ପଡୁଥିବା ବେଳେ ଜଣେ ମହିଳାଙ୍କ ଜୀବନ ମଧ୍ୟ ଯାଇଥିବା ଚିତ୍ର ସାମ୍ନାକୁ ଆସିଛି। ସୂଚନାଅନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କନ୍ଦସାର୍ଲି ଗାଁର ସୀତା ମାଝୀଙ୍କ ସ୍ତ୍ରୀ ସମ୍ବରୀ ମାଝୀ ଗତ ୩୧ ତାରିଖ ଦିନ ଦୁଇ ସ୍ୱାମୀ ସ୍ତ୍ରୀ ମିଶି ଭାଇ ଘର କମଲେଇ ଗାଁକୁ ଯାଇ ଗାମୁଛା ଦେଇଥିଲେ। ସେହିଠାରୁ ନିଜ ଭଣଜା ବାଇକ ଯୋଗେ ଦୁଇ ସ୍ୱାମୀ ସ୍ତ୍ରୀଙ୍କୁ କନ୍ଦସାର୍ଲି ଗାଁକୁ ଛାଡି ଆସୁଥିବା ବେଳେ କୁମାର ଗୁଡା ଛକ ନିକଟରେ ବାଇକ ଉପରୁ ଖସି ପଡ଼ିଥିଲେ।